ପ୍ରଥମ ବର୍ଷ
ପ୍ରଥମ ସଂଖ୍ୟା,ଅଗଷ୍ଟ ୨୦୨୫

# କାରୁଣ୍ଡପ୍ରଭା

## ସାହିତ୍ୟ ଓ ସଂସ୍କୃତିର ନୂତନ ଆଭା



ଓଡ଼ିଆ ଭାଷା,ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,କଳାହାଣ୍ଡି

# କାରୁଣ୍ୟ ପ୍ରଭା


## ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ

## ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି

ମାଣିକ୍ୟବିହାର, ଭବାନୀପାଟଣା,୭୬୬୦୦୧

## ପ୍ରତିଷ୍ଠାତା

ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି

## ମୁଖ୍ୟ ସମ୍ପାଦିକା

ଡ .ପଲ୍ଲୀଶ୍ରୀ ପଟ୍ଟନାୟକ

## ଉପଦେଷ୍ଟା ମଣ୍ଡଳୀ

ଡ. ନିବେଦିତା ନାଥ (କୁଳପତି ଦାୟିତ୍ୱରେ)
ଡ. ଗୁଣନିଧି ନାୟକ (କୁଳ ସଚିବ )
ଡ. ଜୟଦେବ ସାହୁ (ଉପକୁଳ ସଚିବ)

## ସମ୍ପାଦନା ମଣ୍ଡଳୀ

ଡୋଳାମଣି ଧରୁଆ
ଡ. ସାଗରୀକା ଦଳେଇ
ଡ. ପ୍ରତ୍ୟାଶା ଧଳ
ରେଣୁକା ଡାକୁଆ
ସୁବ୍ରତ ମାଝୀ
ବାଲ୍ମୀକି କରୁଆଁ

## ସହ ସମ୍ପାଦନା ମଣ୍ଡଳୀ

ପରମେଶ୍ୱର ମୁଣ୍ଡ
ଜଗମୋହନ ଦର୍ଜି
ଡିଲେଶ୍ୱର ରଣା
ଅମିତା ମେହେର
ଜୟନ୍ତୀ ଭୋଇ
ନରେଶ ମହାନନ୍ଦ
ଅଭିମନ୍ୟୁ ସାହୁ
ଗୋଦାବରୀ ବାରିକ
ଶେଖରଜିତ୍ ମାଝୀ
ସୁନୀଲ ସେଠୀ
ସଙ୍ଗୀତା ନେତମ୍
ପ୍ରଭାସ ଚନ୍ଦ୍ର ଟୋଲଟିଆ
ଦୀପ୍ତିମୟୀ ସ୍ୱାଇଁ
କମଳିନୀ ବେହେରା
କାମାକ୍ଷା ବେହେରା

## ସହଯୋଗ

# ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡି


ଯୋଗାଯୋଗ ; apatrika02@gmail.com / ମୋ – ୭୩୨୮୦୦୧୫୭୫

# ଉତ୍ସର୍ଗ

## ମା ମାଣିକେଶ୍ୱରୀଙ୍କ ପାଦପଦ୍ମରେ

ହେ ଜଗତଜନନୀ,
କଳାହାଣ୍ଡିର ପବିତ୍ର ମାଟିରୁ
ତୁମ ଆଶୀର୍ବାଦର ପ୍ରଭାରେ
ଆଜି ଉଦିତ ହେଲା କାରୁଣ୍ଡ ପ୍ରଭା।

ଏହି ପତ୍ରିକା ହେଉ—
ଆମର ଛାତ୍ରଛାତ୍ରୀଙ୍କର ସ୍ୱପ୍ନର ଦୀପ,
ଶିକ୍ଷକମାନଙ୍କର ଜ୍ଞାନର ପ୍ରଦୀପ,
ଗବେଷକମାନଙ୍କର ପଥପ୍ରଦର୍ଶୀ ଆଲୋକ।

ତୁମ ଦୟାଦୃଷ୍ଟି ସଦା ରହୁ,
ତୁମର ଶକ୍ତିରେ ଆମେ ଆଗେଇଯାଉ
ଓ କାରୁଣ୍ଡ ପ୍ରଭା
ହେଉ କଳାହାଣ୍ଡିର ସାହିତ୍ୟ-ସଂସ୍କୃତିର
ଏକ ଅମର ପ୍ରଭା ॥

*ପ୍ରଣାମ*
*ପ୍ରଣାମ ॥*
*ସମ୍ପାଦନା ମଣ୍ଡଳୀ*

# କୁଳପତିଙ୍କର ବାର୍ତ୍ତା



ଜୟ ମା ମାଣିକେଶ୍ୱରୀ,

କାରୁଣ୍ଡ ମାଟିକୁ ମୋର ପ୍ରଣାମ । ଏହି ଅଞ୍ଚଳ ଦିନେ ସମୃଦ୍ଧଶାଳୀ ଥିଲା, ତାହାର ପ୍ରମାଣ ଇତିହାସର ପୃଷ୍ଠା ଅବଲୋକନ କଲେ ସ୍ୱତଃ ଆଖି ଆଗରେ ଝଲସି ଉଠେ । ଯେଉଁଥିପାଇଁ ଏ ଭୂଖଣ୍ଡ ବିଭିନ୍ନ ନାମରେ ନାମିତ ହୋଇଛି, ଯଥା -:ମହାକାନ୍ତାର, ଦକ୍ଷିଣ କୋଶଳ, ଆଟବିକ ରାଜ୍ୟ, ତ୍ରିକଳିଙ୍ଗ, କମଳମଣ୍ଡଳ, କାରୁଣ୍ଡମଣ୍ଡଳ । ପ୍ରାଗ୍‌ଐତିହାସିକ ଯୁଗର ଭଗ୍ନାବଶେଷ ଆଜି ମଧ୍ୟ କଳାହାଣ୍ଡିରେ ଦେଖିବାକୁ ମିଳେ । ଡୋକରୀଚଞ୍ଚରା ଅନ୍ତର୍ଗତ ଗୁଡହାଣ୍ଡି ଗୁମ୍ଫାରେ ପ୍ରସ୍ତର ଯୁଗର ଚିତ୍ର ଉତ୍କୀର୍ଣ୍ଣ ହୋଇଛି । ଅସୁରଗଡ଼ ଦୁର୍ଗ ଉନ୍ନତ ସଭ୍ୟତାର ପରିଚୟ ବହନ କରିଥାଏ । ପୂର୍ବରେ ଉର୍ଲାଦାନୀଠାରୁ ଆରମ୍ଭକରି ପଶ୍ଚିମରେ ଆମପାଣି ପର୍ଯ୍ୟନ୍ତ ଆଧୁନିକ କଳାହାଣ୍ଡି ତାହାର ପ୍ରାଚୀନ ଗୌରବ ଗାଥାକୁ ଅକ୍ଷୁର୍ଣ୍ଣ ରଖିଛି । କାରୁଣ୍ଡ ମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ । ଯାହାଙ୍କ ନାମାନୁଯାୟୀ କଳାହାଣ୍ଡି ଜିଲ୍ଲାରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ବିଦ୍ୟମାନ । ମୋ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଦ୍ୱାରା " କାରୁଣ୍ଡପ୍ରଭା ' ନାମରେ ଏକ ଇ-ପତ୍ରିକା ପ୍ରକାଶିତ ହେଉଥିବାର ଜାଣି ମୁଁ ଅତ୍ୟନ୍ତ ଖୁସି ଅନୁଭବ କରୁଅଛି । ଏହି ପତ୍ରିକାଟି କଳାହାଣ୍ଡିର ପ୍ରାଚୀନ ନାମର ପ୍ରତିନିଧିତ୍ୱ କରି କଳାହାଣ୍ଡିର ସାହିତ୍ୟ ଓ ସଂସ୍କୃତିର ଅମ୍ଳାନ ରୂପକୁ ଲୋକାଭିମୁଖି କରିବ ବୋଲି ମୁଁ ଆଶା କରୁଛି ।

' କାରୁଣ୍ଡପ୍ରଭା " ପତ୍ରିକାର ଏନ୍ତୁଡିଶାଳ ଓଡ଼ିଆ ବିଭାଗ । ଏଭଳି ନିଆରା ପ୍ରୟାସ ପାଇଁ ଓଡ଼ିଆ ବିଭାଗ ସର୍ବଦା ପ୍ରଶଂସନୀୟ । ଏହା ଛାତ୍ରଛାତ୍ରୀ ତଥା ଗବେଷକ-ଗବେଷିକାଙ୍କ ଭିତରେ ସୃଜନଶୀଳତାର ଧାରା ସୃଷ୍ଟି କରି କଳାହାଣ୍ଡିର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି ଅବସରରେ " କାରୁଣ୍ଡପ୍ରଭା" ପତ୍ରିକାର ସାର୍ବଜନୀନତା କାମନା କରିବା ସହିତ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ନମସ୍କାର।

*ଡକ୍ଟର ନିବେଦିତା ନାଥ*
*ଭାରପ୍ରାପ୍ତ କୁଳପତି*
*(ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ) ମାଣିକ୍ୟ ବିହାର*
*ଭବାନୀପାଟଣା-୭୬୬୦୦୧*

# BARTTA



Message from the Registrar's Desk

I am delighted to learn that the Department of Odia Literature, Language and Translation at Maa Manikeswari University is publishing the inaugural issue of its departmental magazine, Karunda Prabha.

A magazine is more than just a collection of writings; it is a mirror of creativity, ideas, and aspirations. Karunda Prabha will not only showcase the literary talents of our students, faculty, and scholars but also highlight the academic vibrancy of our university. I am confident that this initiative will provide an excellent platform for intellectual exchange, creative expression, and cultural enrichment.

Kalahandi, with its rich traditions and cultural depth, has always been a land of inspiration. By naming the magazine Karunda Prabha, the department has beautifully connected its vision with the spirit of this land—bringing light, knowledge, and creativity together.

I extend my warm congratulations to the editorial team and contributors for their efforts in making this publication possible. I hope Karunda Prabha continues to inspire our academic community and strengthens the bond between tradition and innovation.

*Dr. Gunanidhi nayak*
*Registrar*
*Maa Manikeswari University,*
*Kalahandi*

# ସମ୍ପାଦକୀୟ



**କାରୁଣ୍ଡ ପ୍ରଭା – କଳାହାଣ୍ଡିରୁ ଉଦିତ ନୂଆ ପ୍ରଭାତ**

କଳାହାଣ୍ଡିର ପର୍ବତମାଳାକୁ ସ୍ପର୍ଶ କରୁଥିବା ପ୍ରଥମ ପ୍ରଭାତ କିରଣ ପରି, ଆଜି ଆମ ବିଭାଗୀୟ ପତ୍ରିକା କାରୁଣ୍ଡ ପ୍ରଭା ତାହାର ପ୍ରଥମ ପଦକ୍ଷେପ ନେଇଛି। ଏହା କେବଳ ଗୋଟିଏ ପ୍ରକାଶନ ନୁହେଁ—ଏହା ଗୋଟିଏ ସ୍ୱପ୍ନର ଆକାର, ଆମ ମାଟିରୁ ଉଦିତ ହୋଇଥିବା ସୂର୍ଯ୍ୟ, ଯାହା ଯୁବ ହୃଦୟ ଓ ଗବେଷଣାମୟ ମନକୁ ଆଲୋକିତ କରିବ ।

କଳାହାଣ୍ଡି ତାହାର ଅଜସ୍ର ଗୀତ, ଲୋକକଥା, ଅବିଚଳିତ ଆତ୍ମାମାନଙ୍କର ଏକ କାହାଣୀର ଭୂମି। ଯେଉଁ ମାଟିରେ ଅଛି ସହନଶୀଳତା, ସରଳତାରେ ଲୁଚିଥିବା ସୌନ୍ଦର୍ଯ୍ୟ, ଓ ସଂଘର୍ଷରୁ ଜନ୍ମିଥିବା ପ୍ରଜ୍ଞା। ଯେପରି ଇନ୍ଦ୍ରାବତୀ ନଦୀ ଏହି ମାଟି ସିଞ୍ଚି ଲୋକଙ୍କୁ ପୋଷଣ କରେ, ସେପରି କାରୁଣ୍ଡ ପ୍ରଭା ଆମ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା,ଗବେଷକ/ଗବେଷିକା ମାନଙ୍କର ଆତ୍ମୀୟ ସ୍ୱରକୁ ଆଗକୁ ବାହିନେବ ।

ଏହି ପତ୍ରିକାର ପ୍ରତ୍ୟେକ ପୃଷ୍ଠା କେବଳ ଶବ୍ଦ ନୁହେଁ—ଏହା ଭାବନାର ସ୍ପନ୍ଦନ। ଏଥିରେ ରହିଛି ଛାତ୍ରମାନଙ୍କର ସ୍ୱପ୍ନ, ଶିକ୍ଷକମାନଙ୍କର ମାର୍ଗଦର୍ଶନ, ଓ ଗବେଷକମାନଙ୍କର ଉତ୍ସୁକତା। ଏଠାରେ ପାରମ୍ପରିକତା ଓ ଆଗାମୀର ସାକ୍ଷାତ୍କାର ହେବ, ଏଠାରେ କଳାହାଣ୍ଡିର ସ୍ୱର ବିଶ୍ୱକୁ ସ୍ପର୍ଶ କରିବ ।

ନାମ ପରି, କାରୁଣ୍ଡପ୍ରଭା ହେଉଛି ସେହି ପ୍ରଦୀପର ଆଲୋକ ଯାହା ଆମେ ଆଜି ହାତରେ ଧରିଛୁ । ଏହା ନିତ୍ୟ ସୃଜନଶୀଳତାରେ ଦୀପ୍ତିମାନ ହେଉ, ବିଦ୍ୟାର ମହତ୍ତ୍ୱକୁ ପ୍ରସାରିତ କରୁ, ଓ ପ୍ରତ୍ୟେକ ପାଠକଙ୍କୁ ପ୍ରେରଣା ଦେଉ—ଜ୍ଞାନ କ୍ଲାସରୁମ୍ ମାତ୍ର ନୁହେଁ, ଏହା ଆମର ଗୀତ, ଆମର ମାଟି, ଓ ଆମ ଲୋକଙ୍କର ସାହସରେ ଥାଏ, ତାହା ମଣିଷ ହୃଦୟ ବୁଝୁ।

ଏହି ପ୍ରଥମ ସଂସ୍କରଣକୁ ଆମେ ମା ମାଣିକେଶ୍ୱର ଙ୍କୁ ଅର୍ପଣ କରୁଛୁ, ଯିଏ ଆମର ଭୂମିର ଅନନ୍ୟ ରକ୍ଷୀକା, ଯାହାଙ୍କର କୃପାଆଶୀର୍ବାଦ ଆମକୁ ସଦା ଆଗକୁ ପଥ ପ୍ରଦର୍ଶନ କରିବ । ଏହି ଅବସରରେ ଆମର ଅତି ପ୍ରିୟ ବର୍ତ୍ତମାନର କୁଳପତି ଦାୟିତ୍ୱରେ ଥିବା ଡ .ନିବେଦିତା ନାଥ ମହୋଦୟା ଓ କୁଳସଚିବ ଡ .ଗୁଣନିଧି ନାୟକ ମହୋଦୟଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛି ।

ଯେଉଁମାନେ ଏଠି ଲେଖିଛନ୍ତି ସେମାନଙ୍କୁ ଅଜସ୍ର ଧନ୍ୟବାଦ ।

*ଡ . ପଲ୍ଲୀଶ୍ରୀ ପଟ୍ଟନାୟକ*
*ମୁଖ୍ୟ ସମ୍ପାଦିକା II*
*ବିଭାଗ ମୁଖ୍ୟ , ଓଡିଆ ଭାଷା , ସାହିତ୍ୟ ଓ ଅନୁବାଦ ବିଭାଗ*

# ସୂଚୀ ପତ୍ର

## କବିତା କୁସୁମ


| | | | |
|---|---|---|---|
| ୧ | ସାହିତ୍ୟର ପ୍ରେୟସୀ | ପୂଜା ସା | ୦୯ |
| ୨ | ମୋ ମାତୃଭାଷା | ତୃପ୍ତିମୟୀ ନାଏକ | ୦୯ |
| ୩ | ଜୀବନ | ପ୍ରଶାନ୍ତ ନାଏକ | ୧୦ |
| ୪ | ସତ୍ୟତା | ନିତୀଶ | ୧୦ |
| ୫ | ଜୀବନ | ଜ୍ୟୋତିସିନି ରଣା | ୧୧ |
| ୬ | ଅଭିମାନ | କମଳିନୀ ବେହେରା | ୧୧ |
| ୭ | କାହାକୁ କହିବି | ଶିଖାରାଣୀ | ୧୨ |
| ୮ | ଜୀବନ ନୁହେଁ ଯନ୍ତ୍ରଣା | ପ୍ରଭାସ ଚନ୍ଦ୍ର ଟୋଲଟିଆ | ୧୨ |
| ୯ | ମରୁବାଲି | କେତନ ରଣା | ୧୩ |
| ୧୦ | ରଫ ଖାତା | ନିକିତା ସାହୁ | ୧୩ |
| ୧୧ | ମୁଠାଏ ବିଶ୍ୱାସ | ଦିପ୍ତିମୟୀ ସ୍ୱାଇଁ | ୧୪ |
| ୧୨ | ମୋ ମାଆ | ପୂଜା ମେହେର | ୧୪ |
| ୧୩ | ମୁଁ ଶବ୍ଦ ସାଗର କୂଳେ | ଅଜୟ ଭୋଇ | ୧୫ |
| ୧୪ | ମୋ ମା ପାଇଁ ଚିଠି | ଇନ୍ଦ୍ରମଣି ସାହୁ | ୧୫ |
| ୧୫ | ଅନ୍ନଯଜ୍ଞ | ଡଗ୍ରେଶ୍ୱର ଗଉଡ | ୧୬ |
| ୧୬ | ଶୁଭ୍ର କାଶତଣ୍ଡି | ଦେବାଶିଷ ତଣ୍ଡିଆ | ୧୬ |
| ୧୭ | ଜନନୀ | ଉମେଶ ଚନ୍ଦ୍ର ନାଗ | ୧୭ |
| ୧୮ | ଜୀବନ | ତିଲୋତ୍ତମା ନାଗ | ୧୮ |
| ୧୯ | କବି ଓ କବିତା | ହେମାନନ୍ଦ ନାଏକ | ୧୯ |


## ଗଳ୍ପ ଗୁଞ୍ଜନ


| | | | |
|---|---|---|---|
| ୨୦ | ମୁଖା | କାମାକ୍ଷା ବେହେରା | ୨୧ |
| ୨୧ | ଏକ ଆକାଂକ୍ଷିତ ମୂହୁର୍ତ୍ତ ସ୍ୱାଧୀନତା | ଜୟନ୍ତୀ ଭୋଇ | ୨୬ |
| ୨୨ | ଏମିତି ବି ଦିନ ଆସେ | ଅଭିମନ୍ୟୁ ସାହୁ | ୩୧ |
| ୨୩ | ଝିଅ ଜନମ ଆଶୀର୍ବାଦ ନା ଅଭିଶାପ | ଗୋଦାବରୀ ବାରିକ | ୩୫ |
| ୨୪ | ଲଖି ମାଣ୍ଡିଆର ଗାଁ | ଡ଼ିଲେଶ୍ୱର ରଣା | ୩୮ |

# ପ୍ରବନ୍ଧ ବିଭବ


| | | | |
|---|---|---|---|
| ୨୫ | ସାଧୁ ରାମଚନ୍ଦ୍ର ଦାସଙ୍କ ସିଦ୍ଧି ଓ ସାଧନା | ଡକ୍ଟର ସୁରଞ୍ଜନ ପ୍ରଧାନ | ୪୨ |
| ୨୬ | ପଶ୍ଚିମ ଓଡ଼ିଶାର ଲୋକୋକ୍ତିରେ ସାମାଜିକ ମୂଲ୍ୟବୋଧ | ନରେଶ ମହାନନ୍ଦ | ୫୦ |
| ୨୭ | ଜଗନ୍ନାଥ ଚେତନାର ଅଧ୍ୟାତ୍ମିକ ସ୍ରୋତ | ଅଭିମନ୍ୟୁ ସାହୁ | ୫୯ |
| ୨୮ | ମାନବେତର ଚରିତ୍ର ଓ କୃପାସାଗର ସାହୁଙ୍କ ଗଳ୍ପ | ସୁନିଲ ସେଠୀ | ୬୬ |


॥ ସମସ୍ତ ॥

© Peter Cui

# କବିତା କୁସୁମ

# ସାହିତ୍ୟର ପ୍ରେୟସୀ

ହେ ! ସାହିତ୍ୟ ତୁମ ଉପସ୍ଥିତିରେ
ଆଜିକାଲି ତୁମ ପାଖରେ ହିଁ ମୁଁ
ନିଜକୁ ନିଜେ ହଜେଇ ଦେଉଛି
ତୁମକୁ ଚାହିଁ ଯେଉଁ ଖୁସି ମିଳୁଛି
ସବୁ ଦୁଃଖକୁ ମୁଁ ଭୁଲି ଯାଉଛି।
ଏ ପ୍ରେମ ଏ ଆକର୍ଷଣ ଦିନକୁ ଦିନ
ତୀବ୍ରତର ହୋଇ ବଢ଼ି ଚାଲିଛି
କାରଣ ଏ ପ୍ରେମ ଛଳନା ନୁହେଁ
ଶାଶ୍ବତ, ବୈଦ୍ଧିକ, ଅର୍ଜିତ ସମ୍ପତ୍ତି ।
ଜାଣିଛ ତୁମ ଶବ୍ଦଗୁଡ଼ିକ ଏ ଜୀବନେ
ବହୁତ୍ ପରିବର୍ତ୍ତନ ଆଣି ଦିଏ
ନିଃସଙ୍ଗ ଜୀବନରେ ତୁମର ସାଥ
ଶୂନ୍ୟ କଳସୀକୁ ପୂର୍ଣ୍ଣ କରିଦିଏ ।
ହଁ ତୁମ ଆଗମନ ମୋ ଜୀବନେ
ମନର ବେଦନାକୁ ଲିଭେଇ ଦେଇଛି
ମୋ ଜୀବନରେ ଆଜି ତୁମ ଉପସ୍ଥିତି
ବ୍ୟକ୍ତିଗତ ଅପେକ୍ଷା ସମସ୍ତଙ୍କର କରୁଛି ।
ମୋ ଲକ୍ଷ୍ୟକୁ ପାଇବା ପାଇଁ ତୁମକୁ
ପ୍ରକୃତ ସାଥି କରି ନେଇଛି
ଏଇ ନିଃସ୍ୱାର୍ଥ ମନର ସ୍ବାର୍ଥ
ଚିର ଦିନ ଅମର ହୋଇ ରହୁ
ଏହା ହିଁ ମୁଁ ସର୍ବଦା ଚାହୁଁଛି ।

*ପୂଜା ସା*
*ସ୍ନାତକୋତ୍ତର ଦ୍ବିତୀୟ ବର୍ଷ*
*ଛାତ୍ରୀ*

# ମୋ ମାତୃଭାଷା

କେତେ ଯେ ମିଠା   ମୋ ମାତୃଭାଷା
ତା' ପରି କେହି ନାହିଁ,
ଯିଏ ପଢ଼ିବ ତା'   ମନ ମୋହିବ
ତା' ସହ ତୁଳନା ନାହିଁ ।

ଦୁଇ ହଜାର   ବର୍ଷ ପୁରୁଣା
ଅଟେ ମୋ ଭାଷା,
ଶତାବ୍ଦୀ ଧରି   ରହିଛି ବଞ୍ଚି
ଧରି ତା' ଆଶା ।

କେତେ ଯେ ବୀର   ମହାପୁରୁଷ
ନିଜ ଭାଷା ପାଇଁ,
ଲଢେଇ କରି   ଜୀବନ ଦେଇ
ରଖିଲେ ବଞ୍ଚାଇ ।

ମୋ ମାତୃଭାଷା   ଅଟେ ଓଡ଼ିଆ
ରହିଛି ମଥା ଟେକି,
ଗର୍ବରେ କୁହ   ଭାଇ-ଭଉଣୀ
ମୁଁ ଓଡ଼ିଆ ଜାତି ।

ମୋ ମାତୃଭାଷା   ଅଟେ ମୋର ଆଶା
ତା' ପାଇଁ ବଞ୍ଚିବି,
ନିଜ ଜୀବନ   ଦେଇ ଆହୁତି
ତାକୁ ରକ୍ଷା କରିବି ।

ମୁଁ ଯେ ଓଡ଼ିଆ   ଗର୍ବରେ କହିବି
କରିବି ନାହିଁ ଲାଜ,
ଏହା ମୋ ପାଇଁ   ଅଟେ ସାହସ
ହେବି ତା' ପାଇଁ ରକ୍ଷକ ।

*ନାମ - ତୃପ୍ତିମୟୀ ନାଏକ*
*ସ୍ନାତକ ୩ୟ ବର୍ଷ*

# ଜୀବନ

ଜୀବନ ଏଠି କାହାପାଇଁ ସ୍ୱର୍ଗ ତ
କାହାପାଇଁ ନର୍କ,
କେଉଁଠି ଆଲିସାନ୍ କୋଠାବାଡ଼ି ତ
କେଉଁଠି ବାରବୁଲା ମନୁଷ୍ୟର ହନ୍ତସନ୍ତ ଜୀବନ |

ଜୀବନ ! ଏଠି ଅନେକଙ୍କ ପାଇଁ ଯନ୍ତ୍ରଣା
ଅନେକଙ୍କ ପାଇଁ କଷ୍ଟ, ଦୁଃଖ ଓ
ଅନେକଙ୍କ ପାଇଁ ଅସହାୟତା,
ସୁଖର ସନ୍ଧାନରେ ବେଳେବେଳେ
ଦୁଃଖର ଯନ୍ତ୍ରଣା ବଢ଼ି ବଢ଼ି ଯାଏ,
ଏ ଜୀବନ ଏମିତି ଗୁମୁରି ଗୁମୁରି କାନ୍ଦୁଥାଏ |

ବେଳେବେଳେ ଲାଗେ-
ଚାରିଆଡ଼େ ଅନ୍ଧକାର କେବଳ
ଆଲୋକର ଚିହ୍ନବର୍ଣ୍ଣ ନାହିଁ,
ଯିଏ ଏସବୁକୁ ଏଡ଼ାଇ ଆଗେଇ ଯାଇଛି
ସେ ଜୀବନର କଥା ପାରିବ କହି |

କେତେ ଯେ ଭେଦଭାବ
କେତେ ଲୋକହସା କଥା କଥାକେ
ଖୁସି ପରେପରେ ଦୁଃଖର ଅମାପ ଅସରନ୍ତି ପସରା
ଚାରି ଦିଗରେ |

*ପ୍ରଶାନ୍ତ ନାଏକ*
*(ସ୍ନାତକ ତୃତୀୟ ବର୍ଷ)*

# ସତ୍ୟତା

କିଏ ଦେଇଥାଏ କଟା ଘା 'ରେ ଚୂନ
ତ କିଏ ଦେଇଥାଏ ତା ଉପରେ ମଲମ,
କିଏ ଅଧା ବାଟେ ହାତ ଛାଡ଼ି ଯାଏ ଚାଲି
ତ କେହି ଶପଥ ଖାଏ ସାରା ଜୀବନ ସାଙ୍ଗେ ରହିବି ବୋଲି।

କିଏ ତାଛଲ୍ୟ କରେ ଭାବନାର
ତ କେହି ନୀରବତକୁ ବୁଝିଯାଏ,
କିଏ ନିଜର ଥାଇ ମଧ୍ୟ ନିଜର ହୋଇ ପାରେନା
ତ କେହି ପର ହୋଇ ମଧ୍ଯ ଆପଣାର ହୋଇଯାଏ।

ମନ୍ଦକୁ ଛାଡ଼ି ଭଲକୁ ଆଗ ଦେଖ ଥରେ
ସ୍ୱୟଂ ଈଶ୍ୱର ମିଳିବେ ମଣିଷ ଭିତରେ।

*ନୀତିଶ ସୁନା*
*ସ୍ନାତକ ପ୍ରଥମ ବର୍ଷ*

# ଜୀବନ

ପୃଥିବୀ ପୃଷ୍ଠରେ ମଣିଷ ଜୀବନ
କଥାରେ କଥାରେ ସରିଯାଏ ଦିନ
କେତେ ଭଲମନ୍ଦ କେତେ ପରଆପଣ....।।

ତରବାରୀ ଧାର ସିନା ଛାଡିଯାଏ ଦାଗ
ଲିଭିଯାଏ ଲାଗିଲେ ସମୟ ର ରଙ୍ଗ
ହେଲେ କଥା ରହିଯାଏ ଯୁଗ ଯୁଗ......।।

ସେ ତୀକ୍ଷ୍ଣ ଧାର ପରା ଶରୀର କୁ ଲାଗେ
ହେଲେ ପାଟିର କଥା ଆତ୍ମାକୁ ବାଧେ
ସେ ବେଦନା କି କହିବି କହ........।।

କେମିତି ଚିହ୍ନିବି କିଏ ମୋ ନିଜର
କହାକୁ କରିବି ନିଯଠୁ ପର
ଦୁନିଆ ଭିତରେ ଏକୁଟିଆ ନର.....।।

ଆସିଥିଲି ଏକା ଚାଲିଯିବି ଏକା
ଏକା ଜୀବନ ପଥେ ଚାଲେ ଝୁଣ୍ଟିକା
ଏସବୁଥିଲେ ହିଁ ତ ଜୀବନ ଟେକା।

*ଜ୍ୟୋତିସିନି ରଣା*
*ସ୍ନାତକ ଦ୍ୱିତୀୟ ବର୍ଷ*

# ଅଭିମାନ

ତୁମେ ଯେବେ ନିରବି ଯାଅ ନା
ମୋ ନୀଳ ଆକାଶରେ କାଇଁ କେଜାଣି
ଠୋ କିନା ଅନ୍ଧାର ଟିଏ ମାଡ଼ିଆସେ
ମୋ ଚାରିପାଖେ ସମସ୍ତେ ଥାନ୍ତି
କିନ୍ତୁ ମୁଁ ଖୋଜେ ତୁମକୁ
ସମସ୍ତେ ମୋ'ସହ କିଛି ମୂହୁର୍ତ୍ତ କାଟିବାକୁ ଚାହାନ୍ତି
କିନ୍ତୁ ମୁଁ ଖୋଜେ ତୁମ ସାନିଧ୍ୟକୁ
ତୁମପାଖେ ଏମିତି କ'ଣ ଅଛି କି
ପାଗଳିନୀ ପରି ମୁଁ ଖୋଜେ ତୁମ ପ୍ରେମକୁ
ଆଉ ଧର୍ଯ୍ୟ ନାହିଁ
ଛଳନା ଭରା ଏ ଜୀବନ ଜିଇଁବାକୁ
ମନହୁଏ ସବୁ ତ୍ୟାଗ କରି
କେବଳ ତୁମର ହୋଇଯିବାକୁ
ତୁମ ଆଗରେ ନା ମୁଁ ସବୁବେଳେ ହାରିଯାଏ
ତୁମେ କେବେ ମୋ ଜିଦିରେ ହାରିଗଲେ ହୁଅନ୍ତାନି
ତୁମ ଉପରେ ମୁଁ ଖାଲି ରଷି ବସେ
ତୁମେ କେବେ ମୋ ଉପରେ ମାନ କଲେ ହୁଅନ୍ତାନି
ସେ ମାନ ଭାଙ୍ଗିବାକୁ ମୋତେ ଥରେ
ସୁଯୋଗ ଦେଲେ ହୁଆନ୍ତାନି କଳାସାଆନ୍ତେ .......।

*ଗବେଷିକା,*
*କମଳିନୀ ବେହେର*
*ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,*
*ଭବାନୀପାଟଣା*

# କାହାକୁ କହିବି

ଆପଣା ହେଇ ବି ସଭିଏଁ ପର
କାହାକୁ କହିବି ମନ କଥା ମୋର?
ଆପଣା ହେଇ ବି ସବୁ ଏଠି ପର ।।

ଜଂଜାଳମୟ ଜୀବନ ଏଇ,
କେବେ ଖରା ପୁଣି କେବେ ଯେ ଛାଇ।
ଓଠରେ କୁହନ୍ତି ସଭିଏଁ ଭାଇ,
ହୃଦୟରେ ଟିକେ ଭାବନା ଯେ ନାହିଁ।
ଦୁଃଖର ଭାର କୁ ହୃଦରେ ଧରି,
ଚାଲି ମୁଁ ପାରୁନି ବାଟ ଆହୁରି।
ଦେଖୁଚି କେତେକ ଯାଉଛନ୍ତି ଫେରି,
ଦୁଃଖ ଭାର କୁ ଯେ ସମ୍ଭାଳି ନ ପାରି।
ଦୃଢ଼ ସହିଷ୍ଣୁତା ବଳରେ ସେଇ,
ଦୁଃଖ କଷ୍ଟ ସବୁ ଜିତି ହୁଅଇ
ଯନ୍ତ୍ରଣାମୟ ଜୀବନ ହୋଇ ବି ,
ଦୁଃଖ ପରେ ସୁଖ ନେଇ ଆସଇ।
ବାଣ୍ଟିବାକୁ ଚାହେଁ ଭାବ ହୃଦର,
ଶୁଣିବ କି କେହି ଭାବି ନିଜର?
କାହାକୁ କହିବି ମନ କଥା ମୋର?
ଆପଣା ହେଇ ବି ସବୁ ଏଠି ପର ।।

ଏକୁଟିଆ ମୁଁ ଯେ ଜନମି ଥିଲି,
ଫେରିବି ଯେ ପୁଣି ହାତ ଖାଲି କରି।
କଟାଇ ଯେ ଦେବି ଭାବ ମୋହ ର,
କେହି ହେଲେ ନୁହେଁ ଏଠି ନିଜର।
କାହାକୁ କହିବି ମନ କଥା ମୋର?
ଆପଣା ହେଇ ବି ସବୁ ଏଠି ପର ।।

*ଶିଖାରାଣୀ ସାହୁ*
*ସ୍ନାତକ ଦ୍ୱିତୀୟ ବର୍ଷ*

# ଜୀବନ ନୁହେଁ ଯନ୍ତ୍ରଣା

ମୁକ୍ତି ମୁକ୍ତି ବୋଲି କୁହ ଯେ
ଦେଖାଇ ପାରିବ ସେଇ ମୁକ୍ତିର ରାସ୍ତା !
ଏଠି ତ କ୍ଷଣ କ୍ଷଣକେ ଯନ୍ତ୍ରଣା
ଆଉ ଜୀବନ ଜୀଇଁବାର କଥା କୁହନା

ରାତିର ଗାଢ଼ତା ଯେତେକି ବଢେ
ମନ ସେତେକି ଆଉଟୁ ପାଉଟୁ ହୁଏ
ନିଦ ମାନେ ବି ସ୍ୱପ୍ନ ଭଳି ଲାଗନ୍ତି

ସକାଳୁ ଉଠିଲେ ଶୁଣିବାକୁ ମିଳେ ଆତ୍ମହତ୍ୟାର ଖବର
କେତେବେଳେ ଚାଷୀ,କେତେବେଳେ ଛାତ୍ର
ପୁଣି କେତେବେଳେ ଅଭିନେତା

ଛାତିରେ ଜମାଟ ବାନ୍ଧେ
ଗୁଡାଏ ଅଭିମାନ ଆଉ ଅଭିଯୋଗ
ଲୁହ ସବୁ ଲହୁ ହେଇ ଯାଆନ୍ତି
ତଥାପି ଗାଇବାକୁ ହୁଏ ଜୀବନ ସଙ୍ଗୀତ

କେତେବେଳେ ଜୀଇଁ ଜୀଇଁ ମରିବାକୁ ହୁଏ
ପୁଣି କେତେବେଳେ ମରି ମରି ଜୀଇଁବାକୁ ହୁଏ
ତମେ ତାକୁ କୁହ ଜୀବନ
ହେଲେ ମୁଁ କହେ ଯନ୍ତ୍ରଣା!

*ପ୍ରଭାସ ଚନ୍ଦ୍ର ଟୋଲଟିଆ*
*ଗବେଷକ,ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ*
*ମା ମାଣିକେଶ୍ୱର ବିଶ୍ୱବିଦ୍ୟାଳୟ,ଭବାନୀପାଟଣା*

## ମରୁବାଲି

ଲୁହ ଝରିଯାଏ ଲହୁ ଝରିଯାଏ ସେମିତି
ନିସ୍ତବ୍ଧରେ ଚାହେଁ ଆଖି,
ବିଚିତ୍ର ଦୁନିଆରେ ଚାରିଆଡ଼େ ଦେଖେ ତ
ଅକାଳେ ଯାଏ ଚମକି ।

ପାଦେ ପାଦେରେ କେତେ ଅପଦସ୍ଥ କେତେ-
ଲୋକହସା ଏଠି ହେବାକୁ ହୁଏ,
ଯିଏ ଅକ୍ଲାନ୍ତରେ ଅକ୍ଲେଶରେ ତାକୁ ସାମ୍ନା କରିଛି
ଏକଥା ବଖାଣି ପାରିବ ସିଏ ।

ଜୀବନ ମରୁବାଲି କେତେ ରହସ୍ୟରେ ପରିପୂର୍ଣ୍ଣ
ସତେ ଅବା ବାଲିର ପାହାଡ଼,
ଶ୍ରାବଣ ବରଷା ଯେତେ ବରଷିଲେ
ଭିଜେ ନାହିଁ ମନପ୍ରାଣ ।

ଆସନ୍ତି ଜୀବନେ କେତେ ବନ୍ଧୁ ପରିଜନ
ରୁହନ୍ତିନି କେହି ଛାଡ଼ି ଯାଆନ୍ତି ଅଲିଭା କଷଟି ଦାଗ,
ସମୟ ସୁଅରେ ଆଜି ଏଠି ଥାଆନ୍ତି ; କାଲିକି କେଉଁଠି
ବି ନାହିଁ
ମନରେ ଜାଗଇ ଅଦମ୍ୟ ବିରାଗ ।

ସୂକ୍ଷ୍ମ ଭାବରେ ଜୀବନର ମୂଲ୍ଯ ବୁଝିଛି ଯିଏ -ଏକୁଟିଆ
ହଁ ସବୁବେଳେ ଏକୁଟିଆ,
ସମୟ ବି ପାଖରୁ ଦୂରେଇ ଯାଏ
ଚିହ୍ନ ଛାଡ଼ିଦେଇ ଅମାନିଆ ।

ଜୀବନର ଏହି ମରୁବାଲି
ଚିରଦିନ ସେମିତି ଶୁଖିଲା ଶୁଖିଲା ....

*କେତନ ରଣା*
*ସ୍ନାତକ ୩ୟ ବର୍ଷ*

## ରଫ୍ ଖାତା

ସବୁ ଶାମୁକାରୁ ମୋତି ମିଳେ ନାହିଁ
ସବୁ ଫୁଲେ ନାହିଁ ବାସ,
ସେହିପରି ସବୁ ସାଧା କାଗଜରେ
ରହିଛି ଆପଣ ହସ ।

ଖଦଡ଼ା କାଗଜ ରଙ୍ଗ ତାର ଫିକା
ଟିକେ ଟାଣି ଦେଲେ ହୁଏ ସେ ଅଲଗା
ଜୀବନର ଅଂଶ ଭାବରେ ସେ ଗଣା
ପାଠକ ମାନଙ୍କ ପାଇଁ ସେ ଗହଣା ।

ଶୁଣ !ଆରେ ଟିକେ ଶୁଣ ତା'ର କଥା
ବଖାଣିବି ମୁହିଁ ତାର ଯେତେ ବ୍ୟଥା ।

ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧା ଯାଏଁ,
ରଖନ୍ତି ପାଖରେ ଖାତା
ଲେଖା ହୋଇ ରହିଥାଏ ଯେଉଁଠାରେ
ଜୀବନର ଜ୍ଞାନ ଗାଥା ।

ଥରେ ଓଲଟାଇ ପଢ଼ିଦେଲେ ତାକୁ
ମିଳେ ଖୁସି ଅତୀତର
ବିଦ୍ୟାଳୟ ଠାରୁ ଶ୍ରେଣୀଗୃହ ଯାଏଁ
ହୋଇଥାନ୍ତି ତା ନିଜର ।

ଏବେ ମଧ୍ୟ ସନ୍ନିବେଶିତ ରହିଛି
ଅକ୍ଷରର ସୌନ୍ଦର୍ଯ୍ୟତା ,
ନୋଟ୍ ରେ ଯେତେ ସାଇତା ରହିଛି
ସିଏ ମୋ ରଫ୍ ଖାତା ।

*ନିକିତା ସାହୁ , ସ୍ନାତତକୋତ୍ତର ତୃତୀୟ ବର୍ଷ*
*ଓଡ଼ିଆ ଭାଷା , ସାହିତ୍ୟ ଓ ଅନୁବାଦ ବିଭାଗ ,*
*ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା*

# ମୁଠାଏ ବିଶ୍ୱାସ

ଦିନ ଥିଲା ଅନ୍ଧାରକୁ ଡରୁଥିଲି
ଏବେ ନିଜକୁ ପରସ୍ତ ପରସ୍ତ ଖୋଲିପାରେ
ଘନ ଅନ୍ଧାରରେ
ଏଇ ଅନ୍ଧାରରୁ ମନେପଡିଲା
ଗାଁରୁ ବୋଉ ଫୋନ କରିଥିଲା
କହିଲା ଏସନ କାଳେ
ଖାଲି ଅମା ଅନ୍ଧାର
ତା' କଥାଶୁଣି
କଳା ଦିଅଁ ଭରସା କହି
ଦୁଇହାତ ଉପରକୁ ଟେକିଲି
ମନବୁଝିଲାନି ଚକାଆଖି ଦାଉଦାଉ ଦିଶିଲା
ପାଦ ବଢେଇଲି ଆଗରେ ବଡ଼ଦାଣ୍ଡ
ଯେଉଁଠି ବୋଉ ଗଡେଇ ଦେଇଥିଲା
ପିଲାଦିନେ କାଳିଆ ପାଖରେ
ନୀଳ ସମୁଦ୍ରରେ ସବୁ ସନ୍ତାପକୁ ଧୋଇଦେଇ
ହଳଦିଆ ବାନାରୁ ଖଣ୍ଡେ
ଅବଢା କଡୁଆରୁ ଗୋଟାଏ
ବାନ୍ଧିଲି ବୋଉ ଲାଗି
ଚାରି ଘଣ୍ଟାର ବାଟ ସହଜ ମନେହେଲା
ଘରେ ପହଞ୍ଚି ଦେଖେ
କୂଅମୂଳେ ବୋଉ!
ନୂଆ ବୋହୂ ଭଳି ଶରୀରକୁ ଢାଙ୍କିଛି
ତା' ଆଖିରେ ଲୁହ
ଓଠରେ ହସ
ଅପୂର୍ବ ସେ ରୂପ
ଠିକ୍ କାଳିଆକୁ ଦେଖିବାର ଭାବ ଭଳି
ବୋଉ ! ବାନାକୁ ଦେହରେ ଗୁଡେଇଲା
ଦୁଇହାତ ଉପରକୁ ଟେକି
ପୁଣି ଥରେ ନିଜକୁ
ଆଉ ପରିବାରକୁ ସମର୍ପଣ କଲା
ଏବେ ସେ ପ୍ରସ୍ତୁତ ।
ତା'ବିଶ୍ୱାସ ବି ବେଶ୍ ଦୃଢ଼ ଲାଗୁଥିଲା
ଅମା ଅନ୍ଧାରକୁ ଟାଳିବାରେ।

*ଦୀପ୍ତିମୟୀ ସ୍ୱାଇଁ*
*ଗବେଷିକା,*
*ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ*

# ମୋ ମାଆ

ଯାହାର ଗରଭୁ ଜନମ ମୋହର
ସେ ଅଟେ ପରା ଜନନୀ ମୋର ।
ତା' ଆଖିରେ ଆସିଲେ ଲୁହ
ଛାତିରେ ପଶେ ମୋ କେତେ ଯେ କୋହ।
ସିଏ ଅଟେ ମୋ ଚଳନ୍ତି ଠାକୁର
ତା' ଆଗେ ପରା ସବୁ ଅସାର।
ମାଆ ତୁ ସର୍ବସହଣୀ
ତୋ ପାଦ ତଳେ ମୁଁ ଋଣୀ।
ବିପଦ ଆପଦ ପଡିଲେ ମୋର
ପାଖରେ ଥାଉ ସଦା ମୋହର।
ମାଆ ବୋଲି ତତେ ଡାକି ଦେଲେ ଥରେ
ସବୁ ଦୁଃଖ କଷ୍ଟ ଭୁଲି ହୁଏ ଏକା ଥରେ।
ମାଆ ତୁ ଅଟୁ ମୋ ଜୀବନ
ତୋ ସେବାରେ ଯାଉ ମୋ ଜୀବନ।

*ପୂଜା ମେହେର*
*ସ୍ନାତକୋତ୍ତର, ପ୍ରଥମ ବର୍ଷ*
*ରୋଲ୍ ନଂ- 25PGODI004*

# ମୁଁ ଶବ୍ଦ ସାଗର କୂଳେ

ଶବଦ ସାଗର କୂଳରେ ପହଞ୍ଚି
ତା'ର ଗଭୀରତା ଦେଖି ଲାଗୁଛି ଡର,
କୂଳରେ ଥାଇ ବଡ଼ବଡ଼ ଶବ୍ଦକୁ
ଦେଖିଦେଲେ ଘୁରି ଯାଉଛି ମୁଣ୍ଡ ମୋର |

ଅସଂଖ୍ୟ ଶବ୍ଦପୁଞ୍ଜ ଭରା ସାଗରେ
ବାଟ ନପାଇ ହେଉଛି ଭାରି ଚିନ୍ତିତ,
କେମିତି ଲଂଘିବି ଭାବିଲା ବେଳକୁ
ଶୂନ୍ୟ ହୋଇଯାଉଛି ମୋର ଚିତ୍ତ |

ଗୋଟେ ପାଦ ଆଗକୁ ବଢ଼ାଇ ପୁଣି
ଦୁଇ ପାଦ ପଛକୁ ଘୁଞ୍ଚି ହୁଏ ବିଚଳିତ,
ମୋ ଆଡ଼କୁ ମାଡ଼ି ଆସୁଛି ଶବ୍ଦ ତରଙ୍ଗ
ପ୍ରଖର ସ୍ରୋତରେ ଭାସି ଯିବି ବୋଲି ହୁଏ ଭୟଭୀତ |

ସାଗରର ଏ ଭୀମ ଗର୍ଜନ ରଡ଼ି
ଫାଟି ପଡୁଛି ଶୁଣିଲେ କାନ ମୋର,
ତଥାପି ଭରସି ପଛକୁ ନଫେରି କୂଳରେ ବସି
ଭାବୁଛି କେମିତି ପାରି ହେବି ଶବ୍ଦରେ ପୂର୍ଣ୍ଣ ସାଗର |

*ଅଜୟ ଭୋଇ*
*(ସ୍ନାତକ ତୃତୀୟ ବର୍ଷ)*
*ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,*
*ଭବାନୀପାଟଣା*

# ମୋ ମା ପାଇଁ ଚିଠି

ମନେ ପଡୁଅଛ ମାଆ ଯେ ତୁମେ ମୋର
ମନେ ପଡୁଛି କି କଥା ଯେ ମୋହର,
ମୁଁ ଚାଲି ଆସିଛି ଛାତ୍ରାବାସ
ଖାଲି କରି ତୁମ କୋଳ।

ତମର କେତେ ଯେ ସ୍ନେହ ମମତା
ମନେ ପଡୁଛି ଆଜି ଯେ ମୋହର ,
ଥରେ ଡାକ ଶୁଣିବା ପାଇଁ ମାଆ ମୋର
ଇଚ୍ଛା ହେଉଅଛି ବାରମ୍ବାର।

ତମର ଗୁଡ଼ାଏ ଶ୍ରୁତି ପଡୁଅଛଇ ମନେ ଯେ ମୋହରି
ଯେବେ ଡାକ ପୁଅ ପୁଅ ବୋଲି କରେ ଯେବେ ମୁଁ ଅଲିଅର୍ଦ୍ଦଳି
ରାଗ ନାହିଁ ମାଆ ମତେ କରିନିଅ ଆଦର
କାହିଁକିନା ମାଆ ଯେ ତୁମେ ମୋହର।

ହେ ଆକାଶ କହିଦେଇ ପାରିବ କି ମାଆକୁ ଯେ ! ମୋହର
ମନେ ପକାଉଛି କଥା ପୁଅ ଯେ ତାଙ୍କର,
ହେ ତାହାର ସମୀର ଦେଇ ପାରିବ କି ବାର୍ତ୍ତା ଯେ !
କିପରି ଅଛି ମାଆ ଯେ ମୋର।

ଭାବୁଥାଏ ତମ କଥା ପ୍ରତିଦିନ
ନେଉଥିବ ଯତ୍ନ ମାଆ ଯେ ତମର,
ଚିନ୍ତା କରିବ  ନାହିଁ ମାଆ ଯେ ମୋହର
ଆସୁଅଛି ତମ ଘର।
ଲେଖୁଅଛି ଚିଠି ଦେଇ ବାର୍ତ୍ତା ମୋର।

*ଇନ୍ଦ୍ରମଣି ସାହୁ*
*ସ୍ନାତକ ପ୍ରଥମ ବର୍ଷ (ଓଡ଼ିଆ)*

## ଅନ୍ନଯଜ୍ଞ

ପୂରିଯାଏ ମନ, ପ୍ରାଣ ପୂରିଯାଏ ପେଟ
ଏ ପର୍ବର ଆଗମନେ,
ସବୁଜ, ଶ୍ୟାମଳ ଦିଶେ
ମାଳ ଓ ବାହାଲ
ପାଚିଯାଏ ଏ ସମୟେ
ଆଟେ ଆଟେ ଧାନ ।
ଗାଁଠୁ ନଗରେ ପୁଣି
ନବାଗତ ଅତିଥିଙ୍କ ଭିଡ଼
କେତେଦିନୁ ରହିଥାନ୍ତି ଅପେକ୍ଷାରେ
ବୃଦ୍ଧବୃଦ୍ଧା ସଭିଙ୍କର
ଏ ପର୍ବ ହିଁ ସାର ।
ଦୂର ଦେଶ, ପ୍ରଦେଶରୁ
ବାହୁଡ଼ି ଆସନ୍ତି
ମାଟିର ଏ ପର୍ବକୁ ସୁମରି
ଭିଟାମାଟି, ସହପାଠୀ
ସ୍ୱଜନଙ୍କୁ ଦେଖା ହେବା ପାଇଁ ।
ଭାବ ବନ୍ଧନର ଏ ଅପୂର୍ବ ମିଳନ
ସଂସ୍କୃତି, ସଭ୍ୟତାର ବିଧି ପରମ୍ପରା
ବସୁଧେ କୁଟୁମ୍ବ ।
ବଦଳୁ ଥାଇପାରେ ଋତୁ,କାଳ, ସମୟ
ଏ ପର୍ବ ଯୁଗଟିଏ ପରି
ଏ ପର୍ବ ବର୍ଷକର ପହିଲି ସକାଳ ।
ଜନଗଣ ମନର ଏ ନୂଆଖାଇ
ବନ୍ଧନର ଭାବ ଡୋରି
ସବୁ ଆଶା, ଆକାଂକ୍ଷାକୁ
କରେ ଏକୀଭୂତ ।
ଭାଇ ମିଳେ ବନ୍ଧୁ ମିଳେ
ରାଗ, ଦ୍ୱେଷ, ମତାନ୍ତର
ଆହୁତିରେ ଜାଳି
ଅନ୍ନଯଜ୍ଞ ହୁଏ ସମାପନ ।

*ଡଗ୍ରେଶ୍ୱର ଗଉଡ଼*
*ସ୍ନାତକୋତ୍ତର ଦ୍ବିତୀୟ ବର୍ଷ ଛାତ୍ର*

## ଶୁଭ୍ର କାଶତଣ୍ଡି

ଶୁଭ୍ରାଂଶି ମାନସୀ ଦିଅ ପ୍ରିୟା ହସି
ହସୁଛିତ କାଶତଣ୍ଡି,
ତୁମ ପ୍ରେମସାକ୍ଷୀ ଏଇ କାଶତଣ୍ଡି
ପାରିବନି ତାକୁ ଭଣ୍ଡି ।
ସବୁ ପ୍ରେମସ୍ମୃତି ସାଉଁଟି ରଖିଛି
ଶାରଦେ ପୁଷ୍ପିତ ହୋଇ,
ତୁମ ପ୍ରିୟ ରଙ୍ଗ କରିଛି ଧାରଣ
ହୃଦୟକୁ ଦେବ ଛୁଇଁ ।
ସୃଷ୍ଟିର ବିଭବ ପ୍ରେମର ପ୍ରତୀକ
ଅପୂର୍ବ ତା' ରୂପ କାନ୍ତି,
ସେ' ଶୁଭ୍ରା ସୁନ୍ଦରୀ ତୁମରି ସଙ୍ଗିନୀ
ମନ ପ୍ରାଣେ ଭରେ ଶାନ୍ତି ।
ପ୍ରେମର ସମୃଦ୍ଧି କରେ ସେ' ଯେ ବୃଦ୍ଧି
ନିକାଞ୍ଚନ ସ୍ଥାନେ ରହି,
ପ୍ରେମପକ୍ଷୀ ଯେତେ ଆସନ୍ତି ତା' କୋଳେ
ସ୍ୱାଗତ କରଇ ସେହି।
ପ୍ରେମ ମୁକସାକ୍ଷୀ ଏଇ କାଶତାଣ୍ଡି
ଭୁଲିବିନି ତାକୁ ଶୁଭ୍ରା,
ସିନ୍ଥିରେ ତୁମର ଦେଖିବ ସିନ୍ଦୁର
ସାଜିବ ତା' ପାଇଁ ଆଭା ।
ତୁମରି ବାଟକୁ ରହିଛି ଅନାଇ
ଆସିବ ଶାରଦେ ହସି,
ସ୍ୱାଗତ କରିବ ବିନମ୍ର ଭାବେ
ଶୁଭ୍ରାପୁଷ୍ପେ କାଶତଣ୍ଡି ।
ତୁମକୁ ଚିହ୍ନିଚି ମୋତେ' ବି ଜାଣିଛି
ଆମେ ଦୁହେଁ ପ୍ରେମପକ୍ଷୀ,
ଶୁଭ ଆଶୀର୍ବାଦ କରିବ ସେ' ବେଶୀ
ପ୍ରେମପ୍ରେମୀ ହେବା ସୁଖୀ ।।

*ଦେବାଶିଷ ତାଣ୍ଡିଆ*
*ସ୍ନାତକୋତ୍ତର ଦ୍ବିତୀୟ ବର୍ଷ*

# ଜନନୀ

ବିଶ୍ୱ ବିଜୟିନୀ ଜନନୀ ଗୋ ତୁମେ
ତୁମ  ପାଇଁ ଧରା ଧାମ,
ତୁମ ପାଇଁ କି ଜନମ ମୋର
କ୍ଲେଶ ଭରା ଦେହ ତମ ।

ବିଶ୍ୱର ମଙ୍ଗଳ କରିବା ପାଇଁକି
ହୋଇଛି ତୁମ ଜନମ,
ସଂସାର ମଧରେ ଅଟ ଅଦ୍ୱିତୀୟ
ତୁମକୁ କୋଟି ପ୍ରଣାମ ।

ଦୁଃଖ ଯନ୍ତ୍ରଣା ସହ୍ୟ କରି ମାତା
ରହି ଅଛ ଧରା ଧାମେ,
ଆମ ପରିବାରେ ଛୋଟିଆ ସଂସାରେ
ବୁଦ୍ଧିମତୀ ଅଟେ ଏକା ତୁମେ।

ନ ଖାଇ ନ ପିଇ ଉପବାସ କରି
ଗରଭେ ମୋତେ ରଖିଥିଲ,
ଚିରାଫଟା ପିନ୍ଧି ଓଦାରେ ଶୋଇ
ଜନମ ମୋତେ ଦେଇଥିଲ।

କଇଁ କଇଁ ହେଇ କାନ୍ଦିଲା ବେଳେ
କାଖେଇ ଥିଲ ମାଆ ମୋତେ,
ସବୁ କାମ ଛାଡି ଲୋରି ଗାଉଥିଲ
ରହିକି ରାତି ସଦା ଜାଗ୍ରତେ।

ଯେବେ ବଡ଼ ହେଲି ବୁଲି ଖେଳି ଗଲି
ଘରକୁ ଆଣୁଥିଲି  ଝଡ,
ତାହା ବି ସହିକି ସେନେହେ ବାନ୍ଧିଛ
ଦେଇ ନାହଁ କେବେ ମାଡ।

ବିଶ୍ୱ ବିଜୟିନୀ ଜନନୀ ଗୋ ତୁମେ
ତୁମ ପାଇଁ ଧରା ଧାମ,
ଦୁଃଖ କ୍ଲେଶ ସହି ଜନମ ଦେଇ
ସାତ୍ତ୍ୱିକ ରଖିଲ ମୋ ନାମ।

*ଉମେଶ ଚନ୍ଦ୍ର ନାଗ*
*ସାତ୍ତ୍ୱିକ*
*ସ୍ନାତକୋତ୍ତର  ଦ୍ୱିତୀୟ ବର୍ଷ*

# ଜୀବନ

ଜୀବନ....
ଜୀବନ ତ ଚାଲିଥିବ
ଚାଲିବ ସମୟ ସହ
ପରିସ୍ଥିତି ଯେମିତି ବି ଥାଉ
ଜୀବନ ପଥରେ ଚାଲିବାକୁ ପଡିବ
ରାତି ପାହିବ
ସକାଳ ହବ
ଦିନ ପରେ ଦିନ ବିତି ଚାଲିବ
ପୁଣି ଉଠିବାକୁ ପଡ଼ିବ
ସମୟ ତ ଚାଲିଥିବ ନା
ନିଜକୁ ଆଇନା ସାମ୍ନା ରେ ଟିକିଏ ଦେଖିଲେ
ଜୀବନ କହିବ -
ଦୁଃଖ ଥାଉ କି ଅସନ୍ତୋଷର ଭାର
ଚାଲ୍....
ଏଥିରେ ନାହିଁ ଅବସର
ପ୍ରତିଦିନ ନୂଆ ଲଢେଇରେ
ତତେ ଆଗକୁ ବଢ଼ିବାକୁ ହବ
ଚାଲ୍...
ତତେ ସମୟ ସହିତ ଚାଲିବାକୁ ହବ....।।

*ତିଳୋତ୍ତମା ନାଗ*
*ସ୍ନାତକୋତ୍ତର ପ୍ରଥମ ବର୍ଷ*
*ମା ' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ*

# କବି ଓ କବିତା

କବିତା ଲେଖୁଛି     କବିଟେ ବିଚରା
ସମାଜକୁ ସୁଧାରିବ
ଭାବୁଛି ମନକୁ     କଳ୍ପନା ବିଳାସେ
ପ୍ରକୃତିକୁ ଆଙ୍କିଦେବ ।

ଦୁଃଖକୁ ଟିକକ     ହସେଇବା ପାଇଁ
ବ୍ୟଙ୍ଗାତ୍ମକ ଗୀତ ଲେଖେ
ବିରହ ପ୍ରେମୀକୁ     ବୁଝେଇବା ପାଇଁ
ପ୍ରେମ କବିତାଟି ଯୋଖେ ।

ଜହ୍ନକୁ କେବେ     ତା' ମସୀର ମୂନରେ
ଲାଜେଇ କନିଆ କହେ
କେବେ ଜହ୍ନ ମାମୁଁ     ଉଆଁସି ପ୍ରେମିକା
ମଧୁ ଚନ୍ଦ୍ର ଗୀତି ଗାଏ ।

କବିତା ଗୋ ତୁମେ     ଲାଜେଇ ଯାଉଛ
କବି ସମ୍ବୋଧନ କରେ
ମନ୍ଦାକିନୀ ସାଜି     ଦୂରେଇ ଯାଉଛ
ଲେଖିଦିଏ ଧୀରେ ଧୀରେ ।

କବିତାର ଲେଖା     ଅସଂଖ୍ୟ ସଂଖ୍ୟାରେ
ପଢ଼ିବାକୁ ନାହିଁ କେହି
କାହାକୁ କହିବ     କବିଟେ ବିଚରା
ଆହା କରିବାକୁ ନାହିଁ ।

କବିତାର ମର୍ମ     କେତେ ଯେ ମଧୁର
କବି ଟିଏ ଖାଲି ଜାଣେ
କବିର ଲେଖାକୁ     କବି ହିଁ ପଢୁଛି
ସାର କଥାକୁ ବଖାଣେ ।

ବଖାଣିଲେ ମଧ୍ୟ     କିଏ ଶୁଣେ ନାହିଁ
ସବୁ ଦୂରଭାଷେ ବାୟା
ରିଲ୍ସ, ଅଶ୍ଳୀଳ ଓ     ପ୍ରେମିକା ଅଳାପ
ବାନ୍ଧି ଦେଲା ଏହି ମାୟା ।

ଆଜିର ଯୁବକ     ଗୀତକୁ ଶୁଣନ୍ତି
କବିତାରେ ପ୍ରେମ ଶୂନ୍ୟ
ରଙ୍ଗୀନ ଗୀତରେ     ନାଚକେତେ ନାଚି
କବିଙ୍କୁ ନାହିଁ ସମ୍ମାନ ।

ଆସ ଭାଇ ଆସ     ଶପଥ ନେଇକି
ଲେଖିବା କବିତା ଆସ
ପାଠକ ଥାଉ କି     ପାଠକ ନ ଥାଉ
କବିତା ଲେଖିକି ହସ ।

*ହେମାନନ୍ଦ ନାଏକ*
*ସ୍ନାତକୋତ୍ତର ଦ୍ବିତୀୟ ବର୍ଷ ଛାତ୍ର*

# ଗଳ୍ପ ଗୁଞ୍ଜନ



# ମୁଖା

.ଶ୍ରୀ କାମାକ୍ଷା ବେହେରା

ସକାଳର ସୂର୍ଯ୍ୟ ଉଦୟରେ ଆକାଶ ଆଜି କେମିତି ନୂଆ ରଙ୍ଗରେ ସଜେଇ ହେଲା ପରି ଲାଗୁଛି । ଏହି ସୂର୍ଯ୍ୟ କାହାପାଇଁ ଆଣିଦିଏ ନୂଆ ଜୀବନ ତ, କାହା ଲାଗି ଆଣେ ମୃତ୍ୟୁର ନବ ସନ୍ଦେଶ । ସକାଳର ପକ୍ଷୀ ରାବରେ, ମନ୍ଦିରର ଘଂଟ ଧ୍ୱନିରେ ଚଳଚଂଚଳ ହେଉଥିବା ମଦନପୁର ଗାଁରେ ଆଜି ସେତେଟା ଲୋକମାନଙ୍କର ଚଳପ୍ରଚଳ ନାହିଁ, ଆଉ ନାହିଁ କୋଳାହଳ ପୂର୍ଣ୍ଣ ବାତାବରଣ । ଗାଁରେ ବାସ କରୁଥିବା ଆବାଳବୃଦ୍ଧବନିତା ତା' ହେଲେ ଗଲେ କୁଆଡେ ? କେବଳ କୁକୁର ଦି-ଚାରିଟା ଗାଁ ମୁଣ୍ଡ ଦାଣ୍ଡରେ କିଛି ଗୋଟେ ଜିନିଷ ପାଇଁ ଲଢ଼େଇ କରୁଛନ୍ତି । ଠିକ୍ ଏଇ ସମୟରେ ପାହାଡ଼ ସେପଟୁ କିଛି ଗୋଟେ ଭୟଙ୍କର ଶବ୍ଦ ଶୁଣି କୁକୁରଗୁଡ଼ାକ ଆତଙ୍କିତ ହୋଇ ଲାଞ୍ଜ ଜାକି କାହାର ଘର-ବାଡ଼ିରେ ହଠାତ୍ ପଶିଗଲେ । ଗାଁ ରେ ଏ ଶବ୍ଦ କ'ଣ ? କେଉଁଠୁ ଆସୁଛି ? କିଏ କରୁଛି ?

ମଦନପୁର ଗାଁର ଜଙ୍ଗଲରେ ଆଜି ମା' ଠାକୁରାଣୀଙ୍କ ଉତ୍ସବରେ ଲୋକମାନଙ୍କର ଗହଳି ଲାଗିଛି । ଏହା ଉତ୍ସବଟି ଗାଁ ଟିର ବାପା-ଅଜା ଅମଳରୁ ଚଳି ଆସୁଥିବା ଏକ ଧାର୍ମିକ ପରମ୍ପରା । ରଙ୍ଗବେରଙ୍ଗ ପତାକା, ଝାଲର ଓ ଆମ୍ବ ତୋରଣରେ ସଜା ପୀଠସ୍ଥଳୀଟି ହୋଇଛି ବେଶ୍ ଆର୍କଷଣୀୟ ହୋଇଛି । ବହୁ ଦୂରରୁ ବିଭିନ୍ନ ବେପାରୀମାନେ ଆସି ନିଜ ନିଜର ପସରା ମେଲି ଦ୍ରବ୍ୟ ବିକ୍ରିବଟାରେ ଲାଗିପଡ଼ିଛନ୍ତି । ଜଙ୍ଗଲର ଶାନ୍ତ ପରିବେଶ ପୁଣି ଠିକ୍ ବର୍ଷକ ପରେ ଆଜି ଲୋକମାନଙ୍କର କୋଳାହଳ ଓ ବାଦ୍ୟର ଶବ୍ଦରେ ଉଚ୍ଛୁଳି ପଡୁଛି । ପୂଜାର ପୂର୍ବପ୍ରସ୍ତୁତି ଅନୁଯାୟୀ ୩ଦିନ ପୂର୍ବରୁ ଗ୍ରାମ ସଭାପତିଙ୍କ ନିର୍ଦ୍ଦେଶରେ ୧୦ ଜଣିକିଆ କମିଟି ଗଠନ କରାଯାଇ 'ମା'ଙ୍କ ପୀଠ ଚାରିପାଖ ଜାଗାକୁ ସଫା କରାଯାଇଥିଲା ଓ ପୀଠକୁ ନାନା ପ୍ରକାର ଫୁଲ, ରଙ୍ଗୀନ ସାମଗ୍ରୀରେ ସଜେଇ ଦେଇ ପୂଜାର ଗୋଟିଏ ଦିନ ଆଗରୁ ସମସ୍ତ ସାମଗ୍ରୀକୁ ଆଣି ଭଣ୍ଡାର ଘରେ ରଖାଯାଇଥିଲା ।

ସହରୀ ସଭ୍ୟତାର ଚାକଚକ୍ୟ, ସରକାରଙ୍କ ଜଟିଳ ବ୍ୟବସ୍ଥା ଓ ନୀତିନିୟମ ଠାରୁ ବହୁଦୂରରେ ସରଳ ଜୀବନଯାପନ କରୁଥିବା ଏହି ପଲ୍ଲୀବାସୀମାନଙ୍କ ମନରେ ଆଜି ଆନନ୍ଦର ଲହରୀ ଖେଳିଯାଇଛି । ଆଜି ସେମାନେ ନିଜକୁ ନିତିଦିନର କର୍ମମୟ ଜୀବନରୁ ବିଶ୍ରାମ ଦେଇଛନ୍ତି; କାରଣ କୃଷିକାର୍ଯ୍ୟ, ଶିକାର ଓ ପଶୁପାଳନକୁ ଆଧାର କରି ଜୀବନ ନିର୍ବାହ କରୁଥିବା ଏହି ଗ୍ରାମବାସୀମାନଙ୍କୁ ସବୁ ସମୟରେ ଅନେକ ବିପଦରୁ ରକ୍ଷା କରିଛନ୍ତି ମା' ଠାକୁରାଣୀ, ଓ ତାଙ୍କ ଆର୍ଶୀବାଦରେ ଏମାନେ ପରସ୍ପର ସହ ଐକଭାବ ପାଳନ କରି ଚଳି ଆସୁଛନ୍ତି । ତେଣୁ ତାଙ୍କୁ ପ୍ରସନ୍ନ କରିବା ପାଇଁ ଏମାନେ କୌଣସି କସରତ ଛାଡ଼ନ୍ତି ନାହିଁ; କାରଣ ସେମାନେ ଜାଣନ୍ତି ମା' ଠାକୁରାଣୀଙ୍କ ବ୍ୟତିତ ତାଙ୍କର କିଛି ଅସ୍ତିତ୍ୱ ନାହିଁ । ଗ୍ରାମ ସଭାପତିଙ୍କ ଦ୍ୱାରା ତାଙ୍କ ନିତିଦିନିଆ ସେବା ଓ ପୂଜାର୍ଚ୍ଚନା ପାଇଁ ଜଣେ ଦେହୁରୀଙ୍କୁ ନିଯୁକ୍ତି କରାଯାଇଛି । ପ୍ରତିବର୍ଷ ବୈଶାଖ ମାସ କୃଷ୍ଣପକ୍ଷ ତିଥିରେ ଲୋକମାନଙ୍କୁ ଦର୍ଶନ ଦେବା ପାଇଁ ପୀଠସ୍ଥଳୀରେ ସେ ଆର୍ବିଭୂତ ହୁଅନ୍ତି ବୋଲି ଗାଁ ଲୋକମାନଙ୍କର ବିଶ୍ୱାସ ।

ଆଜି ମଦନପୁର ଗାଁର ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା ବେଳେ ରାଧୁଆ ମୁହଁରେ କେବଳ ବିଷର୍ଣ୍ଣତାର ଆସ୍ତରଣ । ସକାଳେ ସେ ଶୁଣୁଛି, ତା' ବାପା କହୁଥିଲେ ଝୁମୁରିକୁ କୁଆଡ଼େ ସେ ଆଜି ଠାକୁରାଣୀଙ୍କ ପାଖରେ ନେଇ ମାରିଦେବେ । ସବୁଦିନ ହସ ଖୁସିରେ ସକାଳୁ ସଂଜ ଯାଏ ଖେଳି ବୁଲୁଥିବା ରାଧୁଆ ଆଜି ମୁହଁ ଶୁଖେଇ କ'ଣ ପାଇଁ ବସିଛି ବୋଲି ବାପା ଯେତେ ପଚାରିଲେ ମଧ୍ୟ ସେ କିଛି କହିଲା ନାହିଁ । ସବୁବେଳେ ଜଙ୍ଗଲକୁ ବାପାଙ୍କ ସହ କାଠ ଆଣି ଗଲାବେଳେ ମା' ଠାକୁରାଣିଙ୍କୁ ଦେଖି ସେ ବହୁତ ଖୁସି ହେଇଯାଏ, କିନ୍ତୁ ଆଜି କାହିଁକି ତା'ର ତାଙ୍କ ଉପରେ ଖୁବ୍ ରାଗ ଆସୁଛି । ସେ ମନରେ ଭାବୁଛି ଆଜି ଗାଁ ନଇ ବନ୍ଧ ଭାଙ୍ଗି ଠାକୁରାଣୀଙ୍କ ଜାଗାଟା ବୁଡ଼ି ଯାଆନ୍ତା କି । ରାଧୁଆର ମନେପେଡ଼ ଆଜିକୁ ଠିକ୍ ୪ବର୍ଷ ତଳେ ଜେଜେମା' ଯେତେବେଳେ ଶେଷ ନିଶ୍ୱାସ ଗଣୁଥିଲା କୁନି ଛେଳି ଛୁଆ ଝୁମୁରିକୁ ତା' ହାତରେ ଟେକି ଦେଇଥିଲା । ଆଜି ଝୁମୁରୀ କିନ୍ତୁ ବଡ଼ ହେଇ ଗଲାଣି, ପୁଣି ତାର କୁନି କୁନି ଦି'ଟା ଛୁଆ । ସେ ଛୁଆ ଦି'ଟା ତା ମା'ଠୁ କ୍ଷୀର ପିଇବା ପାଇଁ ଯେମିତି ଡ଼େଇଁ ବୁଲନ୍ତି ରାଧୁଆ ଦେଖିକି ଭାରି ଖୁସି ହେଇଯାଏ । ବାପା ବୋଉକୁ ବଡ଼ ପାଟିରେ 'ଆସ ଦେଖିବ', 'ଆସ ଦେଖିବ' କହି ଡାକିପକାଏ । କିନ୍ତୁ ସବୁ ବର୍ଷ ମା' ଠାକୁରାଣୀଙ୍କ ପୁଜା ଦିନ ସମସ୍ତେ

ନିଜ ନିଜ ଘରୁ କୁକୁଡ଼ା, ଗଂଜା ଆଉ ଛେଳିକୁ ସେଠାକୁ ନେଇ ମାରିଦେବାର ସେ ଜାଣଛି । ପୂଜାଟା ଦେଖିବାକୁ ତାକୁ ଭଲଲାଗେ ହେଲେ ଏମାନଙ୍କୁ ମାରିବା ବେଳକୁ ସେ ଆଖିରେ ହାତ ଦେଇ ବାପାଙ୍କ ପଛରେ ଲୁଚିଯାଏ । ତା'ର ମନେ ପଡ଼ିଛି ଆରବର୍ଷ ପୂଜା ପରଦିନ ସ୍କୁଲରେ ମନୁ ବହୁତ କାନ୍ଦିଥିଲା, କାରଣ ପଚାରି ପରେ ଜଣାଗଲା ଯେ ତା' ବାପା ତା'ର ଅତି ସ୍ନେହର କୁକୁଡ଼ାଟାକୁ ଠାକୁରାଣୀଙ୍କ ପାଖକୁ ଲୁଚେଇକି ନେଇ ଯାଇଥିଲେ, ତା' ପର ଠାରୁ ସେ ତାକୁ ପାଉନି ।

ଆଜି ଗାଁର ଛୋଟ ପିଲା ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସକାଳୁ ଗାଧେଇ ପାଧେଇ ନୂଆ ପୋଷାକ ପିନ୍ଧି ମା'ଙ୍କ ପୀଠ ଅଭିମୁଖେ ନିଜ ଅର୍ପଣ ନେଇ ଚାଲିଛନ୍ତି । ଉଲଗ୍ନ ପାଦରେ ନିଜର ଭେଟି ସ୍ୱରୂପ କିଏ ହାତରେ ତ, କିଏ କାନ୍ଧରେ କୁକୁଡ଼ା, ଗଞ୍ଜା, ଛେଳି ଓ ବୁଦା ଆଦି ଧରି ହସ-ଉଲ୍ଲାସରେ ଆଗେଇଛନ୍ତି । ଗାଁ ମଣିଷଙ୍କ ଏହି ଆନନ୍ଦ ଭାବ ଦେଖି ବଳୀ ପଡ଼ିବାକୁ ଯାଉଥିବା ଅତି ପରିଚିତ ପ୍ରିୟ ପଶୁ-ପକ୍ଷୀଗୁଡ଼ିକ ମଧ୍ୟ ନିଜର ଆନନ୍ଦ ଭାବକୁ ବିଭିନ୍ନ କ୍ରିୟା ଦ୍ୱାରା ପ୍ରକାଶ କରୁଛନ୍ତି; କିନ୍ତୁ ସେ ନୀରିହ ଅଜ୍ଞାନ ଜୀବଗୁଡ଼ିକ ଜାଣିନାହାନ୍ତି ଏହି ଆନନ୍ଦ ପଥ ଯାତ୍ରାର ଶେଷ ପରିଣତି କ'ଣ ? ରାଧୁଆ ଆଜି ସକାଳେ ଯେତେ କାନ୍ଦି ଜାବୁଡ଼ି ଧରିଲେ ବି ତା' ବାପା ଝୁମୁରିକୁ ଛଡ଼ାଇଆଣି ଗାଁ ଲୋକଙ୍କ ସହ ପୀଠକୁ ବାହାରିଗଲେ । ରାଧୁଆ ତେଣୁ ଘର ଭିତରେ ବସି କାନ୍ଦି ଲାଗିଛି । ବୋଉ ସକାଳୁ ଯେତେ ବୁଝା ସୁଝା କଲେ ବି ତା' କାନ୍ଦ ରହୁନି । ଝୁମୁରି ଆଉ ଆସିବନି, ତାକୁ ମାରିଦେବେ ଏ କଥାଗୁଡ଼ାକ ଭାବିଲା ବେଳକୁ ତା' ଦେହଟା କେମିତି ଗୋଟେ ହେଇଯାଉଛି ।

ସହରାଂଚଳର ବନ୍ୟ ସଂରକ୍ଷଣ ଅଫିସ୍ । ସମୟ ପାଖାପାଖି ସାଢ଼େ ଆଠଟା । ପାଖାପାଖି ଦୁଇରୁ ଉର୍ଦ୍ଧ୍ୱ ପ୍ଲାଟୁନକୁ ସଶସ୍ତ୍ର ସଜାଇ ଗାଁ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଛନ୍ତି ବନ ବିଭାଗର ମୁଖ୍ୟ ଅଫିସର 'ଦଶାନନ ମିଶ୍ର' । ମଦନପୁର ଗାଁର ଏହି ବଳିପ୍ରଥାକୁ ସରକାରଙ୍କ ଆଖିକୁ ଆଣିବା ତଥା ସେଠାକାର ଅନ୍ୟାନ କାଠଚୋରମାନଙ୍କୁ ଗିରଫ କରିବା ଆଜି ତାଙ୍କର ମୁଖ୍ୟ ଲକ୍ଷ୍ୟ । ଗତ ଦୁଇ ବର୍ଷ ଧରି ଏହି ଅଭିଯାନର ଯୋଜନା କରୁଥିଲେ ମଧ୍ୟ ସରକାରୀଗତ ବିଭିନ୍ନ କାରଣରୁ ଏଥିରେ ସେ ସଫଳ ହୋଇ ପାରି ନାହାନ୍ତି । ସେଥିପାଇଁ ଦୀର୍ଘ ଦୁଇ ବର୍ଷ ହେଲା ପ୍ରମୋଶନଟା ମଧ୍ୟ ଅଟକିଯାଇଛି; କିନ୍ତୁ ଏଇଥର ଯେକୌଣସି ଉପାୟରେ ଯେପରି ଭାବେ ପ୍ରମୋଶନଟି ପାଇବେ ବୋଲି ସେ ସଂକଳ୍ପବଦ୍ଧ ହୋଇଛନ୍ତି । ଅନ୍ୟପକ୍ଷରେ ପୀଠରେ ଗାଁ ଦେହୁରୀଙ୍କ ଗଣନା ଅନୁଯାୟୀ ଠିକ୍ ସକାଳ ୯ ଟା ସମୟର ଶୁଭତିଥିରେ ମା'ଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମେ ବାଦ୍ୟ ସହକାରେ ମା'ଙ୍କୁ ଆବାହନ ରୂପକ ଶୁଦ୍ଧ ନିରାମିଷ ଫଳ-ଫୁଲାଦି ଭୋଗ ସାମଗ୍ରୀକୁ ଅର୍ପଣ କରାଯାଇଛି । ଧୂପ-ଧୂଆଁ, ବାଦ୍ୟ-ନୃତ୍ୟ ଓ ହରିବୋଲ-ହୁଳହୁଳିର ଶବ୍ଦରେ କମ୍ପି ଉଠିଛି ଜଙ୍ଗଲର ଚତୁର୍ଦ୍ଦିଗ । ଏ ପରିବେଶ ଗାଁ ଲୋକମାନଙ୍କ ମଧ୍ୟରେ ଆନନ୍ଦ ଭାବ ସଂଚାର କରୁଥିଲା ବେଳେ, ଜଙ୍ଗଲୀ ପ୍ରାଣୀ ଓ ଗୃହପାଳିତ ପଶୁଙ୍କୁ ଭୟକାତର କରାଇଛି ।

ପୂଜାବିଧିର ନୀତିନିୟମ ଅନୁସାରେ ପ୍ରାରମ୍ଭିକ ପୂଜାର ଅବସାନ ପରେ, ଧରଣୀ ପୃଷ୍ଠକୁ ଅବତାରଣ କରିଥିବା ଦେବୀଙ୍କ ସନ୍ତୁଷ୍ଟି ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ବଳୀ ପକାଇବାର ପୂର୍ବ ପ୍ରକ୍ରିୟା । ଗ୍ରାମବାସୀମାନେ ନିଜ ନିଜର ପଶୁପକ୍ଷୀମାନଙ୍କୁ ନେଇଯାଇଛନ୍ତି ବଳୀ ଦେବା ସ୍ଥାନ ଆଡ଼କୁ । ସେ ଚଟାଣଟି ଆଜିପରି ବହୁବର୍ଷ ଧରି ବଳୀ ପଡୁଥିବା ପଶୁପକ୍ଷୀମଙ୍କ ରକ୍ତରେ ଲାଲବର୍ଣ୍ଣ ଧାରଣ କରିଛି । ଦେହୁରୀ ପୀଠ ଉପରେ ପଜାଇ ରଖିଥିବା ତୀକ୍ଷଣ୍ ଖଣ୍ଡାଟିକୁ ଧରି ଅତି ଭକ୍ତି ଓ ଆନନ୍ଦରେ ନିରୀହ ଜୀବମାନଙ୍କୁ ତାଙ୍କ ନିକଟରେ ଟେକି ଦେବାକୁ ଆଗେଇ ଆସିଛି । ପ୍ରଥମେ ରାମ ଦେହୁରୀ କୁକୁଡ଼ାଟିର ବେକକୁ ଆଣି ଶୁଖିଲା ରକ୍ତରେ ନିଜକୁ ସଜେଇଥିବା ପଥର ଉପରେ ରଖି ଠାକୁରଙ୍କୁ ତାର ଅର୍ପଣ ଗ୍ରହଣ କରି ପଲ୍ଲୀବାସୀଙ୍କ ଦୁଃଖମୋଚନ କରିବାକୁ ନିବେଦନ କରିଛି । ଏହିପ୍ରଥାର ଆରମ୍ଭରେ ବଣର କୋଳାହଳ କ୍ରମଶଃ ଦୂରେଇ ଯାଇ ଜଙ୍ଗଲ ଧୀରେ ଧୀରେ ପୁଣି ଏକ ଶାନ୍ତ ନିସ୍ତବ୍ଧ ରୂପ ଧାରଣ କରିଛି । ଦେହୁରୀ ଅସ୍ତ୍ରଟିକୁ ମୁଣ୍ଡ ଉପରକୁ ଉଠାଇବା ସମୟରେ ଜଙ୍ଗଲର ନିସ୍ତବ୍ଧତାକୁ ଚିରି ଦୂରରୁ ଶୁଭୁଛ ଗାଡ଼ିରି ସାଇରନ୍ ଶବ୍ଦ । ସମସ୍ତ ଗ୍ରାମବାସୀ ଆଚମ୍ବିତ ଭାବେ ପୀଠସ୍ଥଳୀର ଦ୍ୱାର ଭାଗ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଦେଖିଛନ୍ତି  ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଆରକ୍ଷୀ ସଶସ୍ତ୍ର ଭାବେ ବୋଧହୁଏ ଆକ୍ରମଣ ଉଦ୍ଦେଶ୍ୟରେ ତାଙ୍କ ଆଡ଼କୁ ମାଡ଼ି ଆସୁଛନ୍ତି ।

ମା'ଙ୍କ ପୀଠରେ ଏହି ଅସ୍ତ୍ରଗୁଡ଼ିକ ନିଷେଧ ଥିବାରୁ ଦଳେ ପୁରୁଷ ସେମାନଙ୍କ ଆଡ଼କୁ ଯେ ଯାହା ଧରି ପ୍ରତିରୋଧ କରିବା ପାଇଁ ମାଡ଼ି ଆସିଲେ, ଆଉ ସେଥିରୁ କିଛି କାଠଚୋର ଭୟରେ ଚାରିଦିଗକୁ ଦଉଡ଼ିବାକୁ ଲାଗିଲେ । ଏହା ଦେଖି ପ୍ରଥମ ପ୍ଲାଟୁନ୍‌ର ପୋଲିସମାନେ ସେମାନଙ୍କ ପଛରେ ଗୋଡ଼ାଇ କିଛି ଦୂର ମଧ୍ୟରେ କାବୁ କରିନେଲେ । ଅନ୍ୟ ପକ୍ଷରେ ଦ୍ୱିତୀୟ ପ୍ଲାଟୁନ୍‌ର କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରେ ଲାଗିଲା । ଏଥିରେ ଉଭୟ ପକ୍ଷର ଲୋକମାନେ ଆହାତ ହୋଇ ଏହା ଭୟଙ୍କର ରୂପ ନେବାରୁ ଶେଷରେ ମିଶ୍ର ବାବୁଙ୍କ ଉପରକୁ ଗୁଳିଚାଳନାରେ ଉତ୍ୟକ୍ତ ଗ୍ରାମବାସୀଙ୍କୁ ଆରେଷ୍ଟ କରାଗଲା । ପରିସ୍ଥିତିକୁ ହାତକୁ ଆସିବା ପରେ ଉଭୟ ପୂଜାରୀ ଓ ଗ୍ରାମବାସୀମାନଙ୍କୁ ଆରେଷ୍ଟ କରି ଗାଡ଼ିରେ ବସାହେଇଛି ଥାନାକୁ ନେବାପାଇଁ; ଏହା ଦେଖି ଗ୍ରାମର ସମସ୍ତ ବୃଦ୍ଧ ଓ ନାରୀମାନେ ସେମାନଙ୍କୁ ଗାଳି ଦେବା ସହ ଏପରି ଶୁଭକାର୍ଯ୍ୟ ମଧ୍ୟରେ ସେମାନେ ବିଘ୍ନ ସୃଷ୍ଟି କରିବାରୁ ମା'ଙ୍କୁ କ୍ଷମାପ୍ରାଥନା କରି 'ତ୍ରାହି' 'ତ୍ରାହି' ଡାକିଛନ୍ତି ।

ଘରେ ସକାଳୁ କାନ୍ଦି କାନ୍ଦି ଅର୍ଦ୍ଧଚେତନ ଅବସ୍ଥାରେ ବୋଉର ଶତ ବୁଝାଇବା ସତ୍ତ୍ୱେ ରାଧୁଆ ମୁହଁରେ ମୁଠେ ଆହାର ବା ଜଳ ଦେଇନାହିଁ । ସେହି ସମୟରେ ସେ ଦେଖିଛି ଘର ପାଖ ରାସ୍ତାରେ ଗାଡ଼ିଟିଏ ସାଇରନ୍ ଶବ୍ଦ କରି ଯାଉଛି, ଆଉ ତା' ପଛରେ ଲୋକ ପାଟି କରି ଗୋଡ଼ଇଛନ୍ତି, କିଏ କହୁଛି- 'ଆରେ ନେଇଗଲେରେ ରଖାଅ ତାଙ୍କୁ, ପୋଡ଼ାମୁହାଁ ଦଳ ସବୁ ଅନର୍ଥ କରିଦେଲ' ରାଧୁଆ କ'ଣ ହେଲା ବୋଲି ଦେଖିବାକୁ ଭାବିଲେ ମଧ୍ୟ ଉଠିପାରିନାହିଁ । ଏହି ସମୟରେ କବାଟ ଖଟ୍ ଖଟ୍ ହୋଇଛି । ବୋଉ କବାଟ ଖୋଲି ଦେଖେ ମନ୍ତୁ, ସେ ଆସି କହିଛି ଯେ , 'ଆରେ ରାଧୁ ତୋ ଝୁମୁରି ବଂଚିଗଲାରେ । ପୁଲିସ ଆସିଥିଲା ,ସମସ୍ତଙ୍କୁ ବାନ୍ଧିକି ନେଇଯାଇଛି' ଏଇ କଥାଟା ଶୁଣି ଯେମିତି ଅଧା ବଳ ତା' ଦେହରେ ସଂଚରିଗଲା, ସେ ତତ୍କ୍ଷଣାତ୍ ଶେଯରୁ ଉଠି ପଡ଼ି ସାଙ୍ଗକୁ ପଚାରିଛି, ମୋ ଝୁମୁରିକୁ ତାହାଲେ ତୁ ଆଣିଛୁ କି ? ନା ବାପା ଆଣିକି ଆସୁଛନ୍ତି ? ସେତିକି କହି ସେ ସିଧା ଶେଯରୁ ଉଠି ଦାଣ୍ଡର ଗହଳି ଆଡ଼କୁ ଧାଇଁଛି, କିନ୍ତୁ ବହୁ ସମୟ ଖୋଜିବା ପରେ ଗହଳି ଭିତରେ ସେ ପାଇନି ତାର ବାପାକୁ, ନା' ତାର ପ୍ରିୟ ଝୁମୁରିକୁ ।

ସେଦିନ ସନ୍ଧ୍ୟାରେ ମୁଖିଆଙ୍କ ପ୍ରତିନିଧିତ୍ୱରେ ଗାଁ ମୁଣ୍ଡ ବରଗଛ ତଳେ ସଭାଟିଏ ହୋଇଛି । ସଭା ଆରମ୍ଭରେ ଗିରିଧାରୀ ଜେନା ଓକିଲ ବାବୁଙ୍କ ସହ ଗାଁ ଲୋକଙ୍କ ଉପରେ ବଳୀପ୍ରଥା ପାଇଁ ହୋଇଥବା କେସ୍ କଥା ଉପରେ ଆଲୋଚନା କରି କିଛି ଅର୍ଥ ବଳରେ ସେମାନଙ୍କୁ ଫେରାଇ ଆଣିବାର ନିଷ୍ପତି ନେଇଛନ୍ତି । ତେଣୁ ପରଦିନ ସକାଳେ ଗାଁର ପ୍ରତେକ ଲୋକ ନିଜ ନିଜର ସାମର୍ଥ୍ୟ ଅନୁସାରେ କିଛି କିଛି ଅର୍ଥଦାନ କରି ତାହାକୁ ଜେନା ଓ ତାଙ୍କ ସହ ସହରକୁ ବାହାରିଥିବା ଲୋକମାନଙ୍କ ହାତକୁ ବଢ଼ାଇ ଦେଇଛନ୍ତି । ଏ ସମୟରେ ଗାଁ ରେ କାହା ମୁହଁରେ ଟିକେ ହସ ବା ମନରେ ଟିକେ ଖୁସି ନାହିଁ, କିନ୍ତୁ ଅନ୍ୟପକ୍ଷରେ ଝୁମୁରି ମରିନି ବୋଲି ରାଧୁଆ ଖୁସି କହିଲେ ନ ସରେ । ସେ ଭାବିଛି ତା' ଛୁଆ ଦି'ଟା କାଲି ସକାଳୁ ତା' ମା'କୁ ନ ପାଇ ଯେଉଁ ମେଁ-ମେଁ ହେଉଥିଲେ ତାକୁ ପୁଣି ଥରେ ଦେଖି ଡିଆଁ ମାରିବେ । ଆଉ ସେ ଝୁମୁରି ପାଇଁ ଯେଉଁ ଘାସ ଆଣି କାଲି ରଖିଥିଲା, ତାକୁ ଦେଇ ତା' ମୁହଁକୁ ଆଉଁସି ଦେବ । ପୁଣି ଏ ସବୁକୁ ଭୁଲି ମନକୁ ମନ ବାପାଙ୍କ ଉପରେ ରାଗିଯାଉଛି ସେ- 'ବାପା କେତେ ଭଲ ଥିଲେ, କେତେ କେତେ ଭଲ କଥା କହଥିଲେ, ଝୁମୁରିକୁ ଗେଲ କରି ଦିଅନ୍ତି, ତାକୁ ଚରେଇ ନିଅନ୍ତି । ନା, ଆଉ ସିଏ ଭଲ ନୁହନ୍ତି, ସିଏ ପା କାଲି ଝୁମୁରିକୁ ତା' ଛୁଆ ଠୁ ଛଡ଼େଇ ନେଇଗଲେ ମାରିବା ପାଇଁ ସେ ଜଙ୍ଗଲକୁ । ନା, ଜମା ଆଜି ତାଙ୍କ ସହ କଥା ହେବିନି, ମୁଁ ଖାଲି ଯିବି ମୋ ଝୁମୁରିକି ଆଣି' । ଗାଁ ଲୋକମାନେ ସହରକୁ ଯିବାକୁ ବାହାରିବା ସମୟରେ ରାଧୁଆ ଜିଦ୍ କରିଛି ସେମାନଙ୍କ ସହ ସହରକୁ ଯିବାପାଇଁ; ତେଣୁ ତା' ବୋଉ ବାଧ୍ୟ ହୋଇ ଅନ୍ୟମାନଙ୍କ ସହ ଗାଡ଼ିକୁ ଚଢ଼ିଛି ।

ସମସ୍ତେ ବାହରିଛନ୍ତି ସହରରେ ଥିବା ବନ ବିଭାଗର ମୁଖ୍ୟ ଅଫିସର ଦଶାନନ ବାବୁଙ୍କ ଗେଷ୍ଟ ହାଉସ୍‌କୁ । ଗାଁ ଓକିଲଙ୍କ ଗୁପ୍ତ ସୂଚନା ଅନୁଯାୟୀ କାଲି ଗିରଫ ହୋଇଥବା ସମସ୍ତ ବ୍ୟକ୍ତି ଓ ପଶୁପକ୍ଷୀଗୁଡ଼ିକୁ ସେଠାରେ ରଖାଯାଇଛି । ଗାଡ଼ିଟି ଗାଁରୁ ବାହାରି ରାସ୍ତାର ପ୍ରାୟ ଅଧାବାଟ ହେବା ପରେ ବୋଉ କୋଳରେ ବସିଥବା ରାଧୁଆ ଗୋପାଳ ଅଜାଙ୍କୁ ପଚାରିଛି ଯେ- ଅଜା ,ଏ ଦଶାନନ ବାବୁଟା କିଏ ?

ଅଜା- ସେ, ସେ ପରା ପୁଲିସିଆ ବଡ଼ବାବୁ ।

ରାଧୁଆ- ପୁଲିସିଆ ! ଓଃ ଆମକୁ ଯିଏ ଜଗନ୍ତି ତ ?

ଅଜା- ହଁ ।

ରାଧୁଆ- ଅଜା, ସେ କ'ଣ କୁଷୁନ ଭଳିଆ ଲୁକଟା କି ? ଯାହା କଥା ଆମକୁ ସେଦିନ ସନ୍ଧ୍ୟାରେ କହୁଥିଲ । ଯିଏ କାହାକୁ ଗୋଟେ ବିପଦରେ ଲୁଗା ନା କ'ଣ ଦେଇକି ବଂଚେଇଦେଲା ବୋଲି ?

ଅଜା- ଓଃ ! ସେ ହଁ ,ହଁ ସେ , ସେଇ କୃଷ୍ଣ ଭଳିଆ ।

ରାଧୁଆ- ବଢ଼ିଆ ହେଇଛି, ସେ କୁଷୁନ ଲୁକଟା କାଲି ମୋ ଝୁମୁରିକୁ କାଲି ବଂଚେଇ ଦେଲା ।

ପ୍ରାୟ ଦୁଇ ଘଂଟା ପରେ ରାଧୁଆ ଅନ୍ୟମାନଙ୍କ ସହ ଗେଷ୍ଟହାଉସ୍‌ରେ ପହଂଚିଛି । ତା' ମନରେ ଭାରି ଉତ୍ସାହ ଆଜି ସେ ଝୁମୁରି ଆଉ ସେ କୁଷୁନ ଭଳିଆ ଲୋକଟାକୁ ଦେଖିବ । ସେମାନେ ସେଠାରେ ପହଂଚି ଦେଖିଛନ୍ତି ମିଶ୍ରବାବୁଙ୍କ ଗେଷ୍ଟହାଉସ୍‌ର ଘରଗୁଡ଼ାକ ଭିତରୁ କାଲି ହସ-ଗୀତ ଶୁଭୁଛି, ଆଉ ଉତ୍ତମ ରୋଷେଇ ହୋଇଥିବା ଖାଦ୍ୟ ପଦାର୍ଥର ବାସ୍ନା ଚାରିଆଡ଼େ ଭାସି ବୁଲୁଛି । ରାଧୁଆର କିନ୍ତୁ ସେଥିପ୍ରତି ଧ୍ୟାନ ନଥାଏ, ଦୁଇଟା ଆଖି ଖାଲି ଖୋଜୁଥାଏ ତା' ଝୁମୁରିକୁ । ଓକିଲଙ୍କ ସହ ଗାଁ ମୁଖିଆ ପଇସା ଥଳିଟିକୁ ଧରି ଭିତରକୁ ପ୍ରଥମେ ପ୍ରବେଶ କରିଛନ୍ତି । ତା'ପରେ ଗେଷ୍ଟହାଉସ୍ ଭିତରୁ  ହସ ଧୀରେ ଧୀରେ ଶୁଭିବା ବନ୍ଦ ହୋଇ, କେବଳ ଶୁଭିଛି କିଛି ଅସ୍ପଷ୍ଟ ଶବ୍ଦ ଓ କଥା । ପ୍ରାୟ ଅଧଘଂଟାଏ ପରେ ଦ୍ୱାର ଆଡୁ ଓକିଲ ଓ ମୁଖିଆ ଦୁହେଁ ପ୍ରସନ୍ନ ବଦନରେ ସମସ୍ତ ଗ୍ରାମବାସୀଙ୍କୁ ମୁକୁଳାଇ ବାହାରିଛନ୍ତି । ଏହି ଦୃଶ୍ୟ ଦେଖି କାଲି ଠାରୁ ଯେଉଁ ଗାଁ ଲୋକଙ୍କ ମୁହଁରୁ ହସ ଲିଭିଯାଇଥିଲା ପୁଣି ସେଥିରେ ହସର ଝଲକ ସଂଚାରି ଯାଇଛି ।

ରାଧୁଆ ମନେ ମନେ ଭାବିଛି ସମସ୍ତେ ତ ହସି ହସି ତା' ଆଡ଼କୁ ଆଗେଇ ଆସୁଛନ୍ତି, କିନ୍ତୁ ଝୁମୁରି କାଇଁ ଆସୁନି କି ତା' ଶବ୍ଦ ଶୁଭୁନି । ବିଲେଇ ଭାଗ୍ୟକୁ ଶିକା ଛିଡ଼ିବା ଭଳି ଦୁଇଜଣ ଗୃହରକ୍ଷକ ଘରୁ ବାହାରି ପଛପାଖ ଘରେ ରଖାଯାଇଥିବା ସମସ୍ତ ପଶୁପକ୍ଷୀମାନଙ୍କ ଖୋଲି ଦେଇଛନ୍ତି । କବାଟ ଖୋଲିବା ମାତ୍ରେ ସେଗୁଡ଼ାକ ଫଡ଼୍-ଫାଡ଼ କରି, ମେଁ-ଭେଁ ଶବ୍ଦ କରି ବାହାରକୁ ଦଉଡ଼ିଛନ୍ତି । ଏହା ଦେଖି ବୋଉର ହାତକୁ ଛାଡ଼ି ରାଧୁଆ ସେମାନଙ୍କ ଭିତରେ ଝୁମୁରିକୁ ଖୋଜିବା ପାଇଁ ଧାଇଁଛି, କିନ୍ତୁ ତା'କୁ ପାଇନି, ତେଣୁ ସେ ଛୁଟି ଯାଇଛି ସେ ପଛଘର ଆଡ଼କୁ, କାଳେ ଝୁମୁରି ନିଦରେ ଶୋଇ ପଡ଼ିଥିବ । ଘରର କବାଟ ଖୋଲି ସେ ପାଇଛି ଘର ସମ୍ପୂର୍ଣ୍ଣ ଖାଲି, ତେଣୁ ସେ 'ଝୁମୁରି','ଝୁମୁରି' ଡାକି ଚାରିଆଡେ ଖୋଜି ଲାଗିଛି । ଏହି ସମୟରେ ଆବିଷ୍କାର କରିଛି ସେ ଘର ପାଖ ବାରଣ୍ଡାଟି ରକ୍ତାକ୍ତମୟ, ଆଉ ତାଜା ରକ୍ତର ସ୍ରୋତ ଧୀରେ ବହି ଚାଲିଛି ଘରର ନାଳ ଆଡ଼କୁ । ଏହି ରକ୍ତର ସୁଅ ଯେଉଁ ବସ୍ତୁରୁ ଛୁଟୁଛି ତା' ଉପରେ ଘୋଡ଼ା ହୋଇଛି କପଡ଼ାଟିଏ, ଯାହା ରକ୍ତର ସ୍ପର୍ଶରେ ଲାଲବର୍ଣ୍ଣ ଧାରଣ କରିଛି ।

ରାଧୁଆ କିନ୍ତୁ ସିଆଡ଼େ ଧ୍ୟାନ ନାହିଁ, ପାଦକୁ ରକ୍ତରେ ଭିଜେଇଦେଇ ଏକ ଲୟରେ ଚିତ୍କାର କରି ଝୁମୁରିକୁ ଖୋଜିବାରେ ଲାଗିଛି । ସବୁ ଜାଗା ଖୋଜି ସାରିବା ପରେ ମଧ୍ୟ ଯେତେବେଳେ ସେ ତାକୁ ନ ପାଇଛି, ପିଣ୍ଡାରେ ବସି ଜୋରରେ କାନ୍ଦି ଉଠିଛି । ବୋଉ ଏ କାନ୍ଦ ଶୁଣି ରାଧୁଆ ପାଖକୁ ଆସି ତାକୁ ତଳୁ ଉଠେଇ କୋଳେଇ ନେଇଛନ୍ତି । ଆଉ ଜିଜ୍ଞାସାମୂଳକ ଭାବେ ରକ୍ତ ବୋହୁଥିବା ସେ ପଦାର୍ଥଟି ଉପରୁ ଯେତେବେଳେ କପଡ଼ାଟିକୁ ଉଠାଇ ଦେଇଛନ୍ତି....

ବୋଉ – ଝୁମୁରି !

ରାଧୁଆ – ଝୁମୁରି ?

ବୋଉ – ହେ ଭଗବାନ, ସେମାନେ କ'ଣ କଲେ ? ବିଚାରୀଟା ସେଠୁ ସିନା ବଂଚିଗଲା କିନ୍ତୁ ଏଠି ଏମାନଙ୍କ ଆଗେ ବଳୀ ପଡ଼ିଗଲା ।

ରାଧୁଆ- (କପଡ଼ାଟିକୁ ଉଠାଇ ଆଣି ରକ୍ତ ବୋହୁଥିବା ଝୁମୁରିର କଟା ବେକରେ ଚାପି) ବୋଉ, ଝୁମୁରି ବେକରୁ ରକ୍ତ ବୋହୁଛି କ'ଣ ପାଇଁ ?

କେବେହେଲେ ଗାଁର ବଳୀ ଦେବା ଦୃଶ୍ୟ ଦେଖିନଥିବା ରାଧୁଆ କେମିତି ଜାଣିବ ଯେ ତା' ଝୁମୁରି ଆଉ ବଂଚିନି ବୋଲି । ତା' ହାତରେ ଧରିଥିବା କଟାମୁଣ୍ଡଟିର ଖୋଲା ଆଖି ଓ ବାହାରକୁ ବାହରିଥିବା ଝିଭକୁ ଦେଖି ସେ ଭାବିଛି ଝୁମୁରି ତାକୁ ଆଗପରି ଚାଟୁନି କ'ଣ

ପାଇଁ, ତାକୁ ଦେଖି ବୋବାଉନି କ'ଣ ପାଇଁ । ସେ ଖାଲି କଟା ମୁଣ୍ଡକୁ ହଲାଉଥାଏ, ଆଉ ସେ ବେକର ଓହଳିଥିବା ମାସଂଗୁଡ଼ିକ ତା' ଦେହରେ ଲାଗିଯାଏ, ତା' ସମ୍ପୂର୍ଣ୍ଣ ଶରୀର କେମିତି ଶୀତେଇ ଉଠିଲା ପରି ସେ ଅନୁଭବ କରେ । ବୋଉ ଏହି କରୁଣ ବିଦାରକ ଦୃଶ୍ୟକୁ ଦେଖି ତା' ଠାରୁ ସେ ମୁଣ୍ଡଟିକୁ ଛଡ଼ଇେ ନେଇ ପୁଣି ସେ କପଡ଼ାଟାକୁ ଘୋଡ଼େଇଦେଲା । ପୁଣି ଥରେ ବାପାଙ୍କ ପରି ବୋଉ ବି ଯେତେବେଳେ ଝୁମୁରିକୁ ଛଡ଼େଇ ନେଇଛି, ସେ ରାଗିକରି ବୋଉକୁ କହିଛି..

ରାଧୁଆ – (କାନ୍ଦି ଉଠି)କ'ଣ ପାଇଁ ତୁ ବି ମୋ ଝୁମୁରିକୁ ଛଡ଼େଇ ନଉଛୁ ?

ବୋଉ – (କାନ୍ଦି ଉଠି) ଆରେ ସେ'ଟା ଆମ ଝୁମୁରି ନୁହେଁ, ଝୁମୁରି ଦେହ କାଲି ଖରାପ ଥିଲା ପରା, ପୋଲିସ ବାବୁ ତା' ଦେହଟାକୁ ଭଲ କରିବାକୁ ଭିତରକୁ ନେଇଛନ୍ତି ।

ରାଧୁଆ – (ଚୁପ୍ ହେଇ, ବୋଉ ଆଡ଼କୁ ଅନାଇ) ସତରେ ବୋଉ ସେ କୁଷୁନ ଲୁକଟା ଝୁମୁରି ଦେହକୁ ଭଲ ବି କରିଦେବ ? ଆଉ ସେ ଭଲ ହେଇଗଲେ ଆମେ ତା'କୁ ଘରକୁ ନେଇକି ଯିବା ?

# ଏକ ଆକାଂକ୍ଷିତ ମୁହୂର୍ତ୍ତ;- ସ୍ୱାଧୀନତା

**ଗବେଷିକା**

**ଜୟନ୍ତୀ ଭୋଇ**

**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ମାଣିକ୍ୟ ବିହାର**

ସନ୍ଧ୍ୟା ସମୟ ୬:୩୦ ହୋଇଥିବ । ଲତିକା ତା'ର ଜଣେ ବନ୍ଧୁ ଅସିତ୍ କୁ ଫୋନ୍ ଯୋଗେ ଡାକେ ତାଙ୍କର ଜଣେ ସାରଙ୍କୁ ଦେଖା କରିଯିବା ପାଇଁ । ଅସିତ୍ ଆସନ୍ତି, ଦି'ଜଣ ମିଶି ଚାଲି ଯାଆନ୍ତି ସାରଙ୍କ ପାଖକୁ । କିଛି ସମୟ କଥାବାର୍ତ୍ତା କଲାପରେ ଏକ ପ୍ରମାଣ ପତ୍ର ନେଇ ଦୁହେଁ ଫେରି ଆସନ୍ତି ଲତିକାର ଭଡ଼ାଘର ପାଖକୁ । ତାକୁ ଛାଡି ଅସିତ୍ ଚାଲିଯାଆନ୍ତି ତାଙ୍କ କାମକୁ । ସେତେବେଳେ ସମୟ ପାଖାପାଖି ୮:୧୫ ବୋଧେ । ଲତିକା ଗୋଟେ ଦିନ ଆଗରୁ କୌଣସି ଏକ ଶିକ୍ଷଣୀୟ ଟୁରରୁ ଫେରିଥିବା ହେତୁ ଘରେ ଅନେକ କାମ ଥାଏ । କପଡା ସଫା, ଘର ସଫା ଆହୁରି ଅନେକ । ଏମିତି ସମୟ ବିତୁ ବିତୁ ୯ ବେଳେ ଅସିତ୍ ତାକୁ କଲ୍ କରନ୍ତି ଓ ତା'ର ଖାଇବା କଥା ପଚାରନ୍ତି । ଲତିକା ରୋଷେଇ ହେଇନି କହିବାରୁ ଅସିତ୍ ତା' ପାଇଁ ହୋଟେଲରୁ ଖାଇବା ନେଇ ଚାଲି ଆସନ୍ତି ତା' ପାଖକୁ । ଲତିକା ରହିଥିବା ଭଡ଼ାଘରର ବାଡ଼ ଚାଳରେ ତିଆରି । ସେଥିରେ ପୁଣି ଟିଣରେ ତିଆରି ଗେଟ୍ ଟିଏ ଦିଆଯାଇଥାଏ । ଅସିତ୍ ପହଞ୍ଚିଲା ପରେ ଲତିକା ଯାଏ ଗେଟ୍ ପାଖକୁ । ଦୁଇ ପାର୍ଶ୍ୱରେ ଦୁଇଜଣ । ସେଇ ଟିଣ ବାଡ଼କୁ ଲଂଘିବାକୁ କେହି ସାହସ କରୁନାହାନ୍ତି । ପୁଣି ଦୁହେଁ ବିପରୀତ ଧର୍ମରେ ଧର୍ମିତ । ଜଣେ ପୁଅ ଆଉ ଜଣେ ଝିଅ । ଗାଁ ରେ ରହୁଥିବା ଲତିକା ଏବେ ଏବେ ସହରେ ରହୁଛି । କଲେଜରେ ପାଠ ପଢ଼ିଲା ବେଳେ ହଷ୍ଟେଲ୍ ରେ ରହି ପଢୁଥିଲା । ବାହାରେ କେବେ ରହିନି । ଗାଁ ଲୋକଙ୍କ ଟାହି ଟାପରା ଏବେ ବି ତା'ର ମନେ ଅଛି । ଏଣୁ ସକାଳ ହେଉ କି ଦ୍ୱିପହର, ସଞ୍ଜ ହେଉ କି ରାତି ଦେଖି ଚାହିଁ କି ପୁଅ ପିଲାଙ୍କ ସହ କଥା ହୁଏ । କାଳେ କିଏ ଗାଁରୁ ଆସିଥିବେ, ଗାଁକୁ ଯାଇ କିଛି କହି ଦେବେ । ପରଲୋକଙ୍କଠୁ ଘରଲୋକ କିଛି ଶୁଣିଲେ କ'ଣ ଭାବିବେ?  ଏମିତି ଅନେକ କଥା । ନାରୀ ଜୀବନର ବ୍ୟଥା । ପ୍ରତ୍ୟେକ ମୁହୂର୍ତ୍ତରେ ଲୋକେ ତା' ମନରେ ନାନା ପ୍ରକାରର ଭୟ ଓ ଆଶଙ୍କା  ସୃଷ୍ଟି କରାଇଥାନ୍ତି ।  ତା'ର ବେଶଭୂଷା, କଥାବାର୍ତ୍ତା, ମିଳାମିଶାକୁ ଦେଖି ତା'ର ଚରିତ୍ର ନିର୍ଦ୍ଧାରଣ କରି ଦିଅନ୍ତି । ନାରୀଟିଏ ତା'ର ଜୀବନ ବ୍ୟାପି ଖାଲି କାତର ହୋଇ ବଞ୍ଚିବାର ଭିକ୍ଷା ମାଗି ଚାଲିଥାଏ ଏ ସମାଜକୁ । ଯଦି ଝିଅଟିଏ କିମ୍ବା ମହିଳାଟିଏ ନିଜ ଜୀବନକୁ ଟିକେ ଆପଣା ଢଙ୍ଗରେ ବଞ୍ଚିଚାଲେ ସେ ସମାଜରେ ପାଲଟିଯାଏ ଉଦଣ୍ଡି, ଆଣ୍ଡିରାଚଣ୍ଡି, ସ୍ୱଳ ଚରିତ୍ରା । ସମାଜ ସଜେଇ ଦିଏ କଳଙ୍କିତା । ଏହି ସବୁକୁ ମନେ ଭାବି ଲତିକା ଅସିତ୍ ପାଖରୁ ଖାଇବା ନେଇ କହେ ଚାଲି ଯିବାକୁ । । ଅସିତ୍ ଚାଲି ଯାଆନ୍ତି ନିଜ ଘରକୁ । ଘରର ସବୁ କବାଟ  ଝରକା ବନ୍ଦ୍ କରିଦିଏ  ଲତିକା । ଅଳ୍ପ ସମୟ ପରେ ଅସିତ୍ ର କଲ୍ ଆସେ, ଦୁହେଁ କଥା ହୁଅନ୍ତି ରାତି ୧୦ଟା ପର୍ଯ୍ୟନ୍ତ । ଅସିତ୍ ଲତିକାକୁ କୁହନ୍ତି ଖାଇପିଇ ଶୋଇ ପଡ଼ିବାକୁ । ଦୁହେଁ ବିଦାୟ ନିଅନ୍ତି ପରସ୍ପର ଠାରୁ । ରାତି ବି ଟିକେ ହେଇ ଆସୁଥାଏ । ଲତିକା ତା'ର ସବୁ କାମ ଫଟଫାଟ୍ ସାରି ଚାଲିଯାଏ ବିଛଣାକୁ । ଏଇ ସମୟରେ ଦିଲ୍ଲୀର ଏକ ସାଙ୍ଗର କଲ୍ ଆସେ । କିଛି ବେଳ କଥା ହେବା ପରେ ସେ ଲତିକାକୁ ଖୁବ୍ ଥଟ୍ଟା କରେ ବାହା ହେବ ବୋଲି । ଲତିକା ବିରକ୍ତ ହେଇ କଲ୍ କାଟି ଫ୍ଲାଇଟ ମୋଡରେ ରଖିଦିଏ । ନିଦ ଆସୁନି । ପୁଣି ଏକୁଟିଆ । କ'ଣ ବା କରିବ ? ଫୋନ୍ ଅନ୍ କଲେ ତା' ସାଙ୍ଗ ମୁଣ୍ଡ ଖରାପ କରିବ ଭାବି ଫୋନ୍ ରେ ଗୀତଟିଏ ବଜେଇ ରିପିଟ ମୋଡରେ ଚଲେଇ ଶୋଇବାକୁ ଚେଷ୍ଟା କରେ ସେ । ଗୀତଟିରେ କହୁଥାଏ 'ହମ୍ କୋ ଦିୱାନା କର୍ ଗୟେ' ମନଛୁଆଁ ଗୀତଟିଏ। ପ୍ରେମ ହେଇଥିବା ଲୋକ ବି ଶୁଣିବ ଆଉ

ପ୍ରେମ ଛାଡିଥିବା ଲୋକ ବି ଶୁଣିବ । ବୋଧେ ସେଇ ପାଖାପାଖି ତା' ଜୀବନରେ କିଛି ଘଟି ଯାଇଥାଏ । ଗୀତଟି ଦ୍ୱାରା ଅନୁଭବ କରି ହେଉଥାଏ କିଛି ପାଇଥିବାର କୃତଜ୍ଞତା, କିଛି ପାଇବାର ଆକାଂକ୍ଷା, ଓ କିଛି ହରେଇବାର ଆଶଙ୍କା । ଏହି ଗୀତଟି ଲତିକାର ମନକୁ ପ୍ରତିପଦରେ ଭିଜେଇ ଦେଉଥାଏ । ଗୀତଟିର ଭାବ ଓ ମୂର୍ଚ୍ଛନା ଶୁଣି ନିଜକୁ ହଜେଇ ଦେଇଥାଏ ଅନେକ ନିଦରେ । କେତେବେଳୁ ସେ ପହଁରା ମାରୁଥାଏ ନିଦ୍ରାହ୍ରଦରେ । ଛୋଟ ଛୋଟ ସ୍ୱପ୍ନମାନେ ତା' ସାଥେ ଖେଳୁଥାନ୍ତି ଫଗୁ ଫଗୁର ଖେଳ । ମଣିଷର ମନସ୍ତତ୍ତ୍ୱକୁ କିଏ ବା ବୁଝିପାରେ ସହଜେ ! ଥିବାକୁ ନବୁଝି ନଥିବାକୁ ଚେଷ୍ଟା କରେ ସେ ।

ହଠାତ୍ କେମିତି ଗୋଟେ ଶବ୍ଦ ! କିଏ ଜଣେ ଅଜଣା ଲୋକ ଆସି ତା' ବିଛଣା ପାଖରେ ବସିବାର ସ୍ୱପ୍ନ ଦେଖେ । ତା' ମୁଣ୍ଡ ଉପରକୁ ଥିବା କାନ୍ଥରେ ଲାଗିଥିବା ଲାଇଟ୍ ବୋର୍ଡର ସ୍ୱିଚ୍ ଅନ୍ ହୁଏ । ଧଡ୍ କିନା ତା' ନିଦ ଭାଙ୍ଗେ । ଆଖି ଖୋଲି ଦେଖେ ତ ସତକୁ ସତ ତା' ମୁଣ୍ଡ ପାର୍ଶ୍ୱରେ ଛିଡ଼ା ହେଇଛି ଏକ ଦୁର୍ବୃତ୍ତ ହାତରେ ଛୁରିଟିଏ ଧରି । ଲତିକା ଚମକି ପଡ଼ି ଉଠିଯାଏ ଭୟରେ । ତା' ପାଟିରୁ ଶବ୍ଦମାନେ ମଧ୍ୟ ଡରୁଥାନ୍ତି ବାହାରିବାକୁ । ତା'ର ବେଶଭୂଷା ଦେଖି ଜଣା ପଡୁଥାଏ ତା'ର ଉଦ୍ଦେଶ୍ୟ । ବୋଧେ ଅନେକ ଦିନରୁ ସେ ସ୍ଥିର କରିଥାଏ ଆଜି ପାଇଁ । ବଳାତ୍କାରର ଅଭିପ୍ରାୟ ନେଇ ସେ ପହଞ୍ଚିଥାଏ । ମୁଣ୍ଡରେ ଗୋଟେ ଗାମୁଛା ଘୋଡ଼େଇ ଥାଏ ତା'ର ପରିଚୟକୁ ଢାଙ୍କିବା ପାଇଁ । ତା' ଜିନ୍ସ ପ୍ୟାଣ୍ଟ ଟାକୁ ଖୋଲି ରଖି ଦେଇଥାଏ ତଳେ । ପରସ୍ପର ଆମ୍ନା ସାମ୍ନା । କିଏ କାହାକୁ ଆଘାତ କରିବେ ଜାଣି ପାରୁନଥାନ୍ତି । ଲତିକା ଦେଖିବାକୁ ଶାରୀରିକ ସୁସ୍ଥତା ଦୃଷ୍ଟିରୁ ମଜବୁତ । ତା' ପାଖରେ ନିଜର ଶାରୀରିକ ବଳ ଓ ମନୋବଳ ବ୍ୟତୀତ କିଛି ଅସ୍ତ୍ରଶସ୍ତ୍ର ନାହିଁ । ଯଦି ସେମିତି ପରିସ୍ଥିତି ହେଲେ ଆଠ ଦଶ ଜଣଙ୍କୁ ପିଟିକି ଗଡେଇ ଦେବ । ଦୁର୍ବୃତ୍ତ ପାଖରେ ଛୁରୀଟିଏ ଥାଏ । କିଛି କ୍ଷଣପରେ ଲତିକା ଚିତ୍କାର କଲା । ମାଆ ନୁହଁ କି ବାପା ନୁହଁ । ସାର୍ ସାର୍ ସାର୍ । କାରଣ ସେଇ ସନ୍ଧ୍ୟାରେ ଅସିତ୍ ଓ ଲତିକା ସାରଙ୍କୁ ଭେଟି ଆସିଥିଲେ । କେବଳ ଗୋଟିଏ ଶବ୍ଦର ଧ୍ୱନିର ଗୁଞ୍ଜରଣରେ ଘରଟି କମ୍ପି ଉଠିଲା । ଦୁର୍ବୃତ୍ତ ବୁଝିଗଲା ଯେ ୟାକୁ ପାରି ହବନି । ହଠାତ୍ ଚାର୍ଜରେ ଲାଗିଥିବା ଫୋନ୍‌କୁ ଧରି ଦୌଡି ପଳେଇଲା । ଲତିକା ମଧ୍ୟ ତା' ପଛେ ଗୋଡେଇଲା କିନ୍ତୁ ଚୋର ଗୋଡ଼ଟା ଘୋଡାଠୁ ବି କେବେ କେବେ ବଳିଯାଏ । ସେ ଫେରି ଆସି କିଂବୁଦ୍ଧି ହୋଇ ବସିଲା । ଘରୁ ବାହାରି ରାସ୍ତା କଡକୁ ଦେଖେ ତା' ଷ୍ଟ୍ରିଟ୍ ଲାଇଟ ଅନ୍ଧାର , ସବୁ ଶୂନଶାନ୍ । ଏତେବେଳ ଯାଏଁ ଲତିକା ସବୁ ବୁଝି ସାରିଥିଲା । ତା' ପାଖରେ ଫୋନ ନାହିଁ । କେମିତି କାହାକୁ ଜଣେଇବ ? ଉପାୟ ଶୂନ୍ୟ ହେଇ ରାସ୍ତାରେ ବୁଲୁଥିବା ବେଳେ ଦେଖେ ସେ ଘର ମାଲିକର ଘର ତା' ସାମ୍ନାରେ । ଯାଇକି ଡାକେ ଆଜ୍ଞା କିଏ ଅଛନ୍ତି ? ଖରା ଦିନ ଲାଗି ସେ ତାଙ୍କ ଘର ବାରଣ୍ଡାରେ ଶୋଇଥାନ୍ତି । ଲତିକା ଡାକ ଶୁଣି ସେ ଚମକି ପଡନ୍ତି । ଉଠିକି ତା'କୁ ପରିଚୟ ପଚାରିବାରୁ ସେ ସବୁକଥା ଗୋଟି ଗୋଟି କରି କହିଦିଏ । ତାଙ୍କୁ ଫୋନ ମାଗି ଘରକୁ କଲ୍ କରିବ ବୋଲି ଭାବିଲା କିନ୍ତୁ ଏ ଖବର ପାଇ ସମସ୍ତେ ବ୍ୟସ୍ତ ହେବେ ବୋଲି ସେ ଚୁପ୍ ହେଇଗଲା । ସେତେବେଳେ ସମୟ ଦେଖେ ତ ୧:୩୦ ହେଇଥାଏ । ସାରଙ୍କୁ ଆଉ ଅସିତ୍ କୁ କଲ୍ କରିବାକୁ ଚେଷ୍ଟା କଲା କାରଣ ସେ ଦୁହିଙ୍କ ଛଡା ସେ ସହରେ ତା'ର ସବୁ ଅଚିହ୍ନା । ନମ୍ବର ଡାଏଲ୍ କରେ ତ କରି ପରେନି । କାରଣ ତାଙ୍କର ପୂରା ନମ୍ବର ଅଜଣା । ଏତିକି ବେଳେ ସେ ପାଞ୍ଚିଲା ସାରଙ୍କ ଘରକୁ ଯିବ । ଅସିତ୍ ସାଙ୍ଗରେ ଆସିଲା ବେଳେ ସେ ସାରଙ୍କ ଘର ଦେଖିଛି । ଘର ମାଲିକଙ୍କୁ କହିଲା

ଓ ସେ ରାଜି ହେଇଗଲେ । ସେ ଅସହାୟ ଘଡ଼ିରେ ତାଙ୍କର ବ୍ୟବହାର ତଥା ସହଯୋଗ ଲତିକାକୁ ଖୁବ୍ ସାହସ ଦେଇଥିଲା । ଲତିକା ଆଗେ ଆଗେ ଘର ମାଲିକ ପଛେ ପଛେ । କିଛି ସମୟ ପରେ ସାରଙ୍କ ଘର । ଇଣ୍ଡିଆ ଗେଟ୍ ଭଳି ଉଚ୍ଚ ହେଇଥାଏ । ସେଇଠୁ ଡାକିଲେ କେହି ଶୁଣିବେନି ଜାଣି ଲତିକା ଗେଟଟି ଡେଇଁ ଭିତରକୁ ଗଲା । ଖରା ଦିନର ରାତି । ସମସ୍ତେ କୁଲର୍, ଏସି ଲଗେଇ ଶୋଇଥାନ୍ତି । କାହା କଥା ବା କେମିତି ଶୁଣିବେ ? ଲତିକା ଅନେକ ଥର ଡାକିଲା ପରେ ସାର୍ ବାହାକୁ ଆସି ଆଶ୍ଚର୍ଯ୍ୟ ହୋଇ ଦେଖିଲେ । ତାଙ୍କ ପରେ ପରେ ତାଙ୍କ ପରିବାରର ସମସ୍ତେ ଆସିଯାଇଥିଲେ । ସବୁ କଥା ଶୁଣିଲେ । ସାରଙ୍କଠୁ ଫୋନ ନେଇ ଲତିକା ଅସିତ୍ କୁ କଲ୍ କଲା । କିଛି ସମୟ ପରେ ଅସିତ୍ ଓ ତା' ସାନ ଭାଇ ମିଲୁ ଦୁହେଁ ଆସିଲେ । ସାର, ତାଙ୍କ ସ୍ତ୍ରୀ,ଅସିତ୍,ମିଲୁ ଓ ଲତିକା ମିଶି ନିକଟସ୍ଥ ପୋଲିସ ଷ୍ଟେସନକୁ ଗଲେ ଏଫଆଇଆର୍ ଦେବାକୁ । ହେଲେ ସେତେବେଳେ ସେଇ ପୋଲିସ ଷ୍ଟେସନର ଗେଟରେ ପଡିଥିଲା ଏକ ବଡ ତାଲା । ଏଇଥିରୁ ଜଣା ପଡୁଥିଲା ଆମର ଶାସନ ବ୍ୟବସ୍ଥାର ଅବସ୍ଥା ! ସମସ୍ତେ ଫେରିଲେ ଲତିକାର ଭଡା ଘରକୁ । ସାର୍ ଓ ତାଙ୍କ ସ୍ତ୍ରୀ ଭୋର ପାଞ୍ଚଟା ଯାଏଁ ଜଗି ରହିଲେ । ତା' ବନ୍ଧୁ ଅସିତ୍ ଓ ମିଲୁ ବି ରହିଥିଲେ । ସକାଳ ହେଲା । ସାରଙ୍କୁ କଲ୍ କରାହେଲା । ସେ କହିଲେ ସବୁ ବୁଝିକି ଆସେ ପୁଣି ଏଫଆଇଆର୍ ଦେବା । ଅସିତ୍,ମିଲୁ ଓ ଲତିକା ତିନି ଜଣ ସାରଙ୍କୁ ଅପେକ୍ଷା କରିଥିଲେ । କିଛି ସମୟ ପରେ ସାର୍ ଓ ତାଙ୍କ ସାଙ୍ଗ ଜଣକ ଆସି ଘରର ଚାରି ଆଡେ ବୁଲି ସବୁ କଥା ତଦାରଖ କଲେ । ସେ ଆଶଙ୍କା କଲେ ଯେ ସେ ପାଖ ପଡାର ପିଲାଟିଏ ବୋଲି । ସେଠାରେ ସବୁ ଚୋର,ଡକାଯତ ତଥା ଲମ୍ପଟ ରହନ୍ତି । ତୁମେ ବ୍ୟସ୍ତ ହୁଅନି । ସବୁ ସମସ୍ୟାର ସମାଧାନ ହେଇଯିବ କହି ଦୁହେଁ ଚାଲିଗଲେ । କିଛି ସମୟ ପରେ ସାରଙ୍କ କଲ୍ ଆସିଲା । ସେ ଗୋଟେ ପରାମର୍ଶ ଦେଇ କହିଲେ ଦେଖ ଲତିକା । ତୁମେ ଏଠି ଏକୁଟିଆ । ଯଦି ତୁମେ ପୋଲିସ ଥାନାରେ ଅଭିଯୋଗ କରିବ ତେବେ ପୋଲିସ ଆସିବ । ସବୁ ଇନଭେଷ୍ଟିଗେସନ୍ କରିବ । ଅନେକ ରକମର ପ୍ରଶ୍ନ ପଚାରିବ । ପୋଲିସ୍ କେସ୍ ହେଲେ ତୁମକୁ ବାରମ୍ବାର ଥାନାକୁ ଯିବାକୁ ପଡିବ । ତୁମେ ତ ଏକୁଟିଆ । ଘର ଲୋକ ଏତେ ଦୂରରୁ ସବୁବେଳେ ଆସି ପାରିବେ ନାହିଁ । ମୁଁ ମଧ୍ୟ ସବୁବେଳେ ତୁମ ପାଖରେ ରହିବା ସମ୍ଭବ ନୁହଁ । ଅନେକ ଲୋକ ଅନେକ କଥା କହିବେ । ସବୁ ଆଡେ ପ୍ରଚାର ହେଇ ଯିବ ଯେ ତୁମ ସହିତ ଗୋଟେ ଏମିତି ଘଟଣା ଘଟିଥିଲା । ଘର ଲୋକ ବ୍ୟସ୍ତ ହେବେ । ତମେ ସହି ପାରିବନି । ତୁମ ସହିତ ଦୁର୍ଘଟଣା ଘଟିବାକୁ ଯାଉଥିଲା, କିନ୍ତୁ କିଛି ଘଟିନି । ସେ ଦୁର୍ବୃତ୍ତ ତୁମକୁ ସ୍ପର୍ଶ ହେଲେ କରିନି । ଲତିକା ସବୁ ଶୁଣି ସ୍ତବ୍ଧ ହୋଇଗଲା । ଚତୁର୍ଦ୍ଦିଗ ତାକୁ ଅନ୍ଧକାର ଦେଖାଗଲା । ସତ କଥା ତ । ଘରେ ତା'ର ଲୋକ ନାହିଁ । ଏଇ ନିକଟେ ତା'ର ପିଜି ପଢା ସରିଛି । ଭଉଣୀକୁ ସହରକୁ ଆଣି ପାଠ ପଢେଇବ ସେ । ଆଉ ଏଇ କଥାରେ ମାତି ରହିଲେ ବରଂ କ୍ଷତି ହେବ ସିନା ଲାଭ ହେବାର କିଛି ନାହିଁ । ସେ ରାଜି ହେଇଗଲା । ତା' ବନ୍ଧୁ ଅସିତ୍ ଓ ମିଲୁ ତା'କୁ ବାଇକରେ ନେଇ ଘରେ ଛାଡିକି ଆସିଲେ । ସାର୍ ବି କିଛି ବାଟ ଛାଡିବାକୁ ଯାଇଥିଲେ ।

ଏଇ କିଛି ଘଣ୍ଟାରେ କେତେ ଘଟଣା ଘଟିଗଲା । କିନ୍ତୁ ଗୋଟେ କଥା ଲତିକାର ମନକୁ ଆନ୍ଦୋଳିତ କରୁଥାଏ । ନାରୀଟିଏ ହେଇ ଜନ୍ମ ହେବା ଏତେ ପାପ କି? ପ୍ରତି ମୂହୁର୍ତ୍ତରେ ଭୟ ,ଶୋକ,ଆଶଙ୍କା ତା' ଶରୀରରେ ବୋଳି ହେଇ ଚାଲିଥାଏ । ତା'କୁ କିଏ ଛୁଇଁ ଦେବ କି ? ତା' ଶରୀର ଗଠନକୁ ନେଇ କିଏ କିଛି କହି ଦେବ କି ? ତା' ଅସହାୟ

ପରିସ୍ଥିତିକୁ ନେଇ କିଏ କିଛି ଦୁର୍ଘଟଣା ଘଟେଇ ଦେବକି ? ଜୀବନ ଥାଇ ମରି ଚାଲିଥାଏ ମରିବା ପର୍ଯ୍ୟନ୍ତ । ଦେଶ ଅଣାଅଶି ବର୍ଷର ସ୍ୱାଧୀନତା ଦିବସ ପାଳନ କଲେ ମଧ୍ୟ, ନାରୀଟିଏ ଆଜି ବି ପରାଧିନା । ହଜାର ହଜାର ସଭା ସମିତି ଆୟୋଜନ କରି ନାରୀ ସଶକ୍ତିକରଣ ଉପରେ ଭାଷଣ, ଆତ୍ମ ସୁରକ୍ଷା ଉପରେ ଟିପ୍ପଣୀ କଲେ କି ଲାଭ ! ସେ ଚାହେଁ ସ୍ବାଧୀନତା । ନିଜଠୁ ନିଜକୁ । ଜୀବନ ତା'ର । ବଞ୍ଚେ ସିଏ । ଦୁଃଖ ଭୋଗେ ସିଏ । କଷ୍ଟ ସହେ ସିଏ । କିନ୍ତୁ ଏଇ ସମାଜ ତାକୁ ସ୍ଖଳିତା,ପତିତା,ନିଷ୍ପେସିତା,ଦଳିତା କରି ମାରି ଚାଲିଥାଏ ମାରିବା ଯାଏଁ । ଯେତେ ପାଠ ପଢୁ , ଯେତେ ଦେଶ ଗଢୁ, ଯେତେ ପାହାଡ ଚଢୁ କି ଆକାଶେ ବି ଉଡୁ । ସେ ନାରୀଟିଏ ।**ଯତେଦେିନ** ପର୍ଯ୍ୟନ୍ତ ନାରୀଟିଏ ସୁନ୍ଦର ଶାଢ଼ୀଟିଏ ପିନ୍ଧିଲା ପରି, ଗଭାରେ ଫୁଲଟିଏ ଖୋଷିଲା ପରି, ଆଖିରେ କଜ୍ଜଳ ଟିକେ ନାଇଲା ପରି ନିଜକୁ ସୁରକ୍ଷା କରିବାର କୌଶଳକୁ ନ ପିନ୍ଧେ ସେ ପର୍ଯ୍ୟନ୍ତ ସ୍ୱାଧୀନତା ଓଠର କଥା ଓ ବହିର ଲେଖା ହେଇ ରହିଥିବ । ସ୍ୱାଧୀନତା କେବଳ ତା'ର । ନିଜର ପରିଚୟ, ଲଢେଇ ପାଇଁ ନିଜେ ଯଦି ଲଢେଇ ନ କରିବ ତେବେ ତା'ର ସ୍ୱଧୀନତା କାହିଁ ଏ ଦେଶରେ ? ସମାଜରେ ?ଜାତିରେ ? ତା'ର ଜୀବନରେ ରହିଯିବ ପ୍ରତ୍ୟେକ ମୂହୁର୍ତ୍ତ ଏକ ଆକାଂକ୍ଷିତ ସ୍ୱଧୀନତା ହୋଇ ।

•

# ଏମିତି ବି ଦିନ ଆସେ

**ଗବେଷକ ଅଭିମନ୍ୟୁ ସାହୁ**
**ବିଭାଗ -ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ**
**ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି**

ବହୁ ଦିନ ତଳର କଥା । ଖମାରସାହି ଗ୍ରାମ ରେ ଏକ ବୃଦ୍ଧା ବ୍ରାହ୍ମଣୀ ଟିଏ ବାସ କରୁଥିଲା । ଓଳିଏ ଖାଇଲେ ଓଳିଏ ଉପାସ ରହୁଥିଲା । କିଏ ତାର ମନ କଥା ବୁଝିବାକୁ ନଥିଲେ କେବଳ ଏକା କାଳିଆ ଠାକୁରଙ୍କୁ ଜଣା। ପିଲାଟି ଜନ୍ମ ହେବା ପୂର୍ବ ରୁ ବାପା କୋଳ କ'ଣ ଜାଣି ନଥାଏ, କେବଳ ସେହି ନିରୀହ ଦରହସା ମା ର ହସ ହସ ମୁହଁ କୁ ଦେଖିଛି । ଦୁଃଖିନୀ ମା'ଟି ପିଲା ର ସେଇ ପିଲାଳିଆମୀ ହସଖୁସିରେ ସବୁ ଦୁଃଖ ଭୁଲିଯାଏ । ଦିନ ଯାକ ହସ ଖୁସି ରେ ବିତିଯାଏ ସତ, ରାତି ହେଲେ କୁଆଡୁ କେଜାଣି ନିଆଁ ଲଗା ଭୋକ ନିକଟତର ହୋଇ ଆସେ । ଛୋଟ ଛୁଆ ଟି ଭୋକ କ'ଣ ବା ଜାଣେ, ତା ପାଇଁ ମା'ର କ୍ଷୀର ଟୋପାଏ ଅମୃତ ସମାନ। ସବୁ ମା' ମାନଙ୍କ ପରି ତାର ମଧ୍ୟ ମନରେ ଅନେକ ଆଶା, ଅନେକ ସ୍ୱପ୍ନ ତାହାରି ଆଖି ଆଗରେ ପିଲା ର ଭବିଷ୍ୟତ ଦେଖିବାକୁ ଚାହେଁ। ଏମିତି ବସିବସି ଭାବୁଥାଏ । ଜଗନ୍ନାଥ ଙ୍କ କରୁଣାରୁ ସେହି ଗ୍ରାମର ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ସେ ବ୍ରାହ୍ମଣୀ ନିକଟରେ ପହଞ୍ଚିଲେ ଏବଂ ପଚାରିରଲ ଏଠି ଜଣେ ମହିଳା ମିଳିପାରିବେ ଯଏକି ମୋର
ଅନୁପସ୍ଥିତିରେ ମୋ ଛୁଆ ର ରକ୍ଷଣା ବେକ୍ଷଣା କରିପାରିବ,ଏ କଥା ଶୁଣି ବ୍ରାହ୍ମଣୀ ବୁଢୀ ଖୁବ୍ ଖୁସି ହେଲା ଏବଂ କହିଲା ବାବୁ ଯଦି ଆପଣଙ୍କର କିଛି ଅଭିଯୋଗ ନ ଥାଏ ତେବେ ମୁଁ ଆପଣଙ୍କ ଘରର ଦାୟିତ୍ୱ ବୁଝିବି, ହେଲେ ବାବୁ ମୋ ପାଉଣା କେତେ ....? ଏ କଥା ଶୁଣି ବାବୁ ଜଣଙ୍କ ହସି କହିଲେ ଓ ଦରମା କଥା ତ ସେଥିରେ ମୋର ଖିଲାପ ନାହିଁ ତୁମେ କେତେ ଚାହୁଁଚ କୁହ ? ନାଇଁ ବାବୁ ମୋର ବେଶୀ କିଛି ଦରକାର ନାହିଁ, ଖାଲି ମୋ ପୁଅଟି କୋଉ କୂଳରେ ଲାଗିଯାନ୍ତା ସେତିକି ବାବୁ ।

ସେହି ଦିନଠାରୁ ଦୁଃଖୀନି ବୁଢୀ ଠିକ ସମୟ ରେ ତାର ଛୁଆକୁ ଧରି ବାବୁଙ୍କ ଘରେ ପହଞ୍ଚି ତାଙ୍କ ଘରର ସବୁ କାମ ସୁଚାରୁରୂପେ କରିଦେଉଥାଏ ଏବଂ ପିଲାର ଦାୟିତ୍ୱ ବି ..... । ପିଲାଟି ମା ଣ ଜାଣିନଥାଏ'କ 'କେବଳ ବାପାର ସ୍ନେହ ପାଇଛି । ଯେଉଁ ଦିନ ଠାରୁ ଦୁଃଖିନିମାଦେହରେ ବାଜିଛି ତା 'ର ସ୍ନେହ ମମତାର ସ୍ପର୍ଶ ତା'କୁ ଘଡିଏ ନ ଦେଖିଲେ ରହିପାରେନି । ପିଲା ଦୁଇଜଣଙ୍କୁ ସମାନ ପରିମାଣରେ ଭଲପାଇବା, ସ୍ନେହ ଆଦରରେ ଲାଳନ ପାଳନ କଲା , ବାବୁଙ୍କ ଅଫିସରୁ ଡେରି ହେବା ଦେଖି ପିଲାଟି ବାପାଙ୍କୁ ଆଉ ନ ଖୋଜି ମା ର କୋଳରେ ଶୋଇଗଲା ।'ବାବୁ ଏ ଭଳି ଭଲପାଇବା ଦେଖି ପିଲା ଦୁଇଜଣଙ୍କର ସବୁ ସୁବିଧା ସୁଯୋଗର ବନ୍ଦୋବସ୍ତ କରି ଦେଲେ ଏବଂ ଦୁଃଖିନୀ ମାର ' ..... ଆଶା ବି। ପିଲା ଦୁଇଜଣ କ୍ରମଶଃ ବଡ ହେଲେ ଏବଂ ସେମାନଙ୍କୁ ସରକାରୀ ବିଦ୍ୟାଳୟ ରେ ନାମ ଲେଖାଇଲେ । ପିଲା ଦୁଇଜଣ ଭଲ ପଢିବାକୁ ଲାଗିଲେ । ଏ ସମସ୍ତ କଥା ଶୁଣି ମା'ର କଥା କହିଲେ ନ ସରେ । ଦିନ ତମାମ ପିଲାମାନଙ୍କର ଖୁସି ମାର ଆଶୀର୍ବାଦ। ଫଳରେ ପିଲାମାନେ ଉପରକୁ ଉପର ପାଠ ପଢିବାକୁ ଲାଗିଲେ ।' କିଛି ଦିନ ହେଲା ମାକୁ 'ର ମନ ଅବୁଝା ହେଉଥାଏ ଯାହା କେବଳ ତାର ଜନ୍ମ କଲା ପୁଅ ହିଁ ବୁଝିଲା। ପୁଅଟି ଯେତେବେଳେ ମା' ପଚାରିଛି, ମା ତୋର କଣ ହେଇଛି ମା କହିଲା 'ମୋ ଗାଈଟି ଗୁହାଳରୁ ହଜିଯାଇଛି,କେଜାଣି ସେ କୋଉଠି ଥିବ ? ଏ

କଥାର ମାନେ ପୁଅଟି ବୁଝି ପାରିଲା ନାହିଁ , ସେ ଯାଇ ତାବାବୁ କହିଲେ ଆ-ବାବୁଙ୍କୁ କହିଲା 'ରେ ତୁମୋ ମାନେ ବଡ ପାଠ ପଢିଲଣି, ତେଣୁ ତୁମେ ତୁମ ମାଙ୍କୁ ଛାଡି ପଳେଇବ ତ ସେଥିପାଇଁ .......।

ପୁଅ ଦୁଇ ଜଣ କହିଲେ ଆମେ ମା 'କୁ ଛାଡି କୁଆଡେ ଯିବୁନି । ମାମଙ୍ଗଳ ଚାହେଁ। ସେ ସବୁବେଳେ ପୁଅର ' ଚାହେଁ ପୁଅର ଖୁସି, ପୁଅ ଯେଉଁଠି ଥାଉ ଭଲରେ ଥାଉ । ବହୁତ ବୁଝାଇଲା ପରେ ପୁଅ ଦୁଇଜଣ ଘର ଛାଡି ବିଦେଶକୁ ଗଲେ । ସେହିଦିନ ଠାରୁ ଆକାଶରେ ସୂର୍ଯ୍ୟ ଉଦୟ ହୋଇ ରହିଥାନ୍ତି, ରାତି ଜମାରୁ ପାଏନି କାରଣ ବୁଢୀ ଜାଣିଛି ଦିନ ସରିଗଲା ପରେ ରାତି ହୋଇଥାଏ । ଯାହା ଫଳରେ ସବୁ ଅନ୍ଧାର ଦେଖାଯାଏ , ଯଦି ସୂର୍ଯ୍ୟ ଅସ୍ତ ହୋଇଯିବ ମୋ ଗାଈ ଆଉ ଗୁହାଳକୁ ଫେରିବେ ନାହିଁ । ତାର ଚାରି କୋଠରି ଆବଦ୍ଧ ବଙ୍ଗଳାରେ ପାଗେଳି ପରି କହି ହେଉଥାଏ ମା'ର ପ୍ରେମ ଅସରନ୍ତି , ପୁଅ ନିଶ୍ଚୟ ଫେରିବ ।

ଏମିତି କିଛି ଦିନ ଗଲା ମାସବୁବେଳେ ପୁଅ ଦୁଇଟିକୁ ଝୁରି ହେଉଥାଏ ଯେମିତି ' ପୂର୍ଣମୀ ଆକାଶରୁ ଚନ୍ଦ୍ରମାକୁ ସତେ ଯେପରି କିଏ ଛଡାଇ ନେଇଛି । ମାମୋ ! ଥରେ ବ୍ୟତିବ୍ୟସ୍ତ ହୋଇ ସେ ଘରର ବାବୁଙ୍କୁ ପଚାରିଲା ବାବୁ ' ?ପିଲା ଦୁଇଜଣ ଭଲ ଅଛନ୍ତି ତ ବାବୁଙ୍କ ଉତ୍ତର ହଁ ଆସିଲା । ତଥାପି ମା ର ମନ ବୁଝୁ ନ ଥାଏ ',ପିଲା ଦୁଇଜଣ ମା ' ଠୁ ବହୁତ ଦିନ ହେଲା ଅନ୍ତର ହୋଇଗଲେଣି, ବହୁତ ବଡ ହୋଇଯିବେଣି ମତେ ଆଉ ଚିହ୍ନି ପାରିବେ ତ ? ମା ପିଲା ଦୁଇଜଣଙ୍କର ବାଟକୁ ଚାହିଁ ରହିଥାଏ , କେବେ ସେମାନେ ଘରକୁ ଆସିବେ ? ମାପିଲା ଦୁଇଜଣଙ୍କ ନାମ କୁ ଖୁବ୍ ' ସୁନ୍ଦର ଭାବେ ନାମ ଦେଇଥାଏ ଜଣଙ୍କର ନାମ ରାଜେଶ ଓ ଅନ୍ୟ ଜଣଙ୍କର ନାମ ପରେଶ। ରାଜେଶ ହେଉଛି ମାର ' ଯାଇପଚାରିଲା ବାବୁ ମୋ ବାବୁଙ୍କ ନିକଟକୁ 'ଜନ୍ମିତ ପୁତ୍ର ଓ ପରେଶ ବାବୁଙ୍କର ପୁତ୍ର । ଦୁଇ ଦିନ ପରେ ହୋଲି ମା ପୁଅ ଆସିବନି, ସେ ଏବେ କେଉଁଠି ? ବାବୁ କହିଲେ ସେ ବହୁତ ଦୂରରେ ଯେଉଁଠିକି ଆମକୁ ଯିବାକୁ ସମୟ ଲାଗିବ । ମାପୁଣି ଥରେ ପଚାରିଲା ମୋ ପୁଅ କୋଉଠି ', ବାବୁ କହିଲେ ପୁଅ ତମର ଆମେରିକା ରେ ଅଛି । ବାବୁ ଦୁଇଜଣ ପୁଅକୁ ଯେଉଁଦିନ ପାଠ ପଢିବାକୁ ସେଠାରେ ଛାଡିଆସିଛନ୍ତି ସେହି ଦିନଠାରୁ ତାଙ୍କ ସହିତ କଥା ହେବାର ସୁଯୋଗ ପାଇନାହିଁ, କେମିତି ତାଙ୍କ ସହ ପରିଚିତ ହେବି ।

ବାବୁ ଜଣଙ୍କ ଜାଣିବାକୁ ପାଇଲେ ତାଙ୍କ ଗ୍ରାମର ଜଣେ ଲୋକ ଯାର ନାମ ମାଧବ ସେ ଆମେରିକାରେ ' ବାସକରେ। ଏବେ ସେ ଘରକୁ ଛୁଟିରେ ଆସିଅଛି , ବାବୁ ଜଣଙ୍କ ଜାଣିବାକୁ ପାଇଲେ ଏହା ହେଉଛି ଉପଯୁକ୍ତ ସମୟ ପିଲା ଦୁଇଜଣଙ୍କ ସହ ପରିଚିତ ହେବା ପାଇଁ। ସେ ମାଧବକୁ ପଚାରିଲେ ଆଚ୍ଛା ମାଧବ ବାବୁ ଆପଣ କେବେ ! ଆମେରିକା ଯାଉଛନ୍ତି? ସେ କହିଲେ ମୁଁ ଆଉ ଦୁଇ ଦିନ ପରେ ବାହାରି ଯିବି, କାଇଁ କଣ ହେଲା କି; ନାଇ .. ମୋ ପୁଅ ଦୁଇଜଣ ସେଠାରେ ପାଠ ପଢୁଛନ୍ତି ତ ତାଙ୍କ ସହିତ ମୋର ଟିକେ ପରିଚୟ କରାଇ ଦେଇଥାନ୍ତେ . ...ମାନେ ନମ୍ବର-ଏହା କହି ତାଙ୍କର ଫୋନ୍‌ଏବଂ ପରିଚୟ ପ୍ରଦାନ କଲେ । ମାଧବ ଦୁଇ ଦିନ ପରେ ଆମେରିକାରେ ପହଞ୍ଚିଲେ ଏବଂ ଖବର ଲଗାଇ ସେ ଦୁଇଜଣଙ୍କ ନିକଟରେ ପହଞ୍ଚି ତାଙ୍କ ଘରର ଠିକଣା ଦେଲେ ଏବଂ ଘର ସହ କଥା ହେବା ପାଇଁ କହିଲେ । ଦୁଇ ଚାରି ଦିନ ପରେ ରାଜେଶ ପାଇଥିବା ନମ୍ବରରେ କଲ୍ କଲା ଏବଂ ବାବୁ ଜଣଙ୍କ ଧଡ୍ ପଡ୍ ହୋଇ କଲ୍ ଟିକୁ ଉଠାଇଲେ , ରାଜେଶ ପଚାରିଲା ହ୍ୟାଲୋ, ବାବୁ ଜଣଙ୍କ କିନ୍ତୁ କିଛି କହୁନଥାନ୍ତି । ସେ ଖାଲି ପିଲାଟିର କୋମଳ ସ୍ୱରକୁ ଶୁଣିବାକୁ ଅପେକ୍ଷା କରିଥିଲେ, ପରେ ବାବୁଙ୍କର ପ୍ରତ୍ୟୁତ୍ତରରେ ପିଲାଟିର ନୀରବତା ; ପିଲାଟି କହିଲା କିଏ କହୁଥିଲେ ଆପଣ ? ବାବୁ ଜଣକ କହିଲେ ମୁଁ ତୋର ଦୁଃଖୀନୀ ମା ର ବାବୁ କହୁଥିଲି'

,ପିଲାଟି କିଛି ଜାଣିପାରିଲା ନାହିଁ ଏହା କହି ପରେଶ କୁ ଫୋନ୍ ଦେଇଦେଲା ତାର ମଧ୍ୟ ସେ ସମାନ ପ୍ରଶ୍ନରେ ବାବୁ ଜଣଙ୍କ ଆଖି ଲୁହରେ ପରିପୂର୍ଣ୍ଣ ହୋଇଗଲା ଏବଂ କହିଲେ ମୋତେ କ୍ଷମା କରିଦେବ, ମୋ ପୁଅ ଦୁଇଜଣ ଆମେରିକାରେ ପଢୁ ଛନ୍ତି ତ, ତାଙ୍କ ପାଖକୁ ଲଗାଇଥିଲି ; ପିଲାଟି କହିଲା ହଉ ଠିକ୍ଅଛି କହି ଫୋନ୍ କାଟିଦେଲା ।

ପିଲା ଦୁଇଜଣଙ୍କର ମନ ବୁଝୁ ନଥାଏ ମନେ ମନେ ଭାବୁଥାନ୍ତି ଏତେ ଦିନ ପର୍ଯ୍ୟନ୍ତ ଆମ ନିକଟକୁ କେହି ବି କଲ୍ କରିନଥିଲେ କିନ୍ତୁ; ଆଜିର କଲ୍ ଟି ମୋତେ ବିଚଳିତ କରିଦେଉଛି ମୋ ହୃଦୟ ଭିତରୁ କିଏ ଜଣେ କହୁଛି କଣ ' କଲୁ ତୁ? ଫୋନ୍ କାଟିଦେଲୁ ।

ଦୁଖୀନୀ ମାର ମ'ନ ଅଥୟ ,ବାରମ୍ବାର ବାବୁକୁ ପଚାରିବାକୁ ଲାଗୁଛି କୁହ ବାବୁ ମୋ ପିଲାଙ୍କ ଖବର କ ଣ ।' ବାବୁ କହିଲେ ତୁମ ପୁଅ ଦୁଇଜଣଙ୍କ ସହ ମୁଁ କାଲିକଥା ହୋଇଥିଲି , ତୁମ କଥା ପଚାରୁ ଥିଲେ ଏବଂ କହିଲେ ମା ' କଥା ବହୁତ ମନେ ପଡୁଛି ।ହେଲେ ମାଆମକୁ ଭୁଲି ଯାଇଛି ।ଏହା କହି ବାବୁ ଜଣଙ୍କ ଛୋଟ ପିଲା ପରି କାନ୍ଦିବାକୁ ' ଲାଗିଲେ । ମାଜଣଙ୍କ କହିଲେ ବହୁ ଦିନରୁ ପିଲା ଦୁଇଜଣଙ୍କ ସହ କଥା ହୋଇନଥିଲି ତ କାନ୍ଦ ପଚାରିବାରୁ ବାବୁ ' ଜିଦ୍ ଧରିଲା ପିଲା ଦୁଇଜଣଙ୍କ ସହ କଥା ହବ ବୋଲି। ବାବୁ ଜଣଙ୍କ ଫୋନ୍ କରି ଧରେଇଦେଲେ । ପୁଣି 'ଲାଗିଲା ମା ଥରେ ସେହି ନମ୍ବରରେ କଲ୍ ଦେଖି ରାଜେଶ ବିରକ୍ତ ହୋଇଯାଉଥାଏ ତଥାପି ଉଠାଇଲା, କହିଲା କାହିଁକି ବାରମ୍ବାର ଫୋନ୍ କରି ବିରକ୍ତ କରୁଛ , ମା 'ଜଣଙ୍କ ବୁଝିପାରୁ ନଥାଏ ପାଟି ଖନି ବାଜୁଥାଏ କହିଲା ବାବୁ ରାଜେଶ ମୁଁ ତୋର ମା ' କହୁଥିଲି ଏକଥା ଶୁଣିବା ପରେ ରାଜେଶ ଯେପରି ନ ଜାଣିଲା ପରି ବ୍ୟବହାର ଦେଖାଇଲା ଏବଂ କହିଲା ମା .... ନାହାନ୍ତି ଆମେ ଅନାଥ 'ଆମର କେହି ମା, ମାର ହାତରୁ ଥପ କରି ଫୋନ୍ ଟି ଗଳି ପଡିଲା । ବାବୁ ଜଣଙ୍କ ସ'ବୁ କିଛି ଦେଖୁଥାନ୍ତି କହିଲେ କ ଣ ହେଲା ତୁମର',ପୁଅ ଦୁଇଜଣ କଣ କହିଲେ କି'? ମା ଆଖିର ଲୁହକୁ ' ଛାତି ତଳେ ଛାପି ଧରି କହିଲା ,ମୋ ପୁଅ ଅଭିମାନ କରି ମୋତେ ଗାଳି ଦେଲା ଏବଂ କହିଲା ମୋର କେହି ମାନାହାଁନ୍ତି କିନ୍ତୁ '; କାଳର କରାଳ ଗତିରେ ପବନଟି ଓଲଟା ବୋହିବାକୁ ଲାଗିଲା । ଯେଉଁ ଦୁଇଥର ଫୋନ୍ ତାଙ୍କ ନିକଟକୁ ଯାଇଛି ରାଜେଶ ତାକୁ ଧରିଛି , ଦିନେ ରାଜେଶ ଘରେ ନ ଥାଏ ପରେଶ ସେହି ନମ୍ବରକୁ ଫୋନ୍ କରିଛି ପରେ ମାଫୋନ୍ ଉଠାଇଛନ୍ତି ' କିଏ ତମେ ବାବୁ କହୁଛ? ଏ କଥା ଶୁଣି ସାରିବା ପରେ ପରେଶ ଭୋ ଭୋ ମୁଁ ତୋ ପରେଶ 'କାନ୍ଦିଛି କହିଲା ମା ..., ରକ୍ତ ସିନା ରକ୍ତକୁ ପର କରିଦେବ କିନ୍ତୁ ଯିଏ ନିଜର ରକ୍ତକୁ ପାଣିକରି ମତେ ସ୍ନେହ,ଆଦର,ଭଲପାଇବା ଦେଇଛି ମୁଁ କଣ ତାଙ୍କୁ ଭୁଲିଯିବି କେବେ ନୁହେଁ। ତୁ କେମିତି ଅଛୁ ମା ? ଆଉ ବାପା ଭଲ ଅଛନ୍ତି ତ ? ଏ କଥା ଶୁଣି ମା ମଧ୍ୟ ଭୋ ' ହୋଇ କାନ୍ଦି କହିଲା ହଁ ଭଲ ଆଉ ତୋ ରାଜେଶ ଭାଇ ..ଭୋ ..., ପରେଶ କହିଲା ସେ ଏବେ ବିବାହିତ ବିବାହର ସର୍ତ୍ତ ଅନୁଯାୟୀ ତୁମ ମାନଙ୍କ ସହିତ ଏପରି ବ୍ୟବହାର କରୁଛି ସର୍ତ୍ତଟି ହେଲା ପରିବାରଠାରୁ ଅଲଗା ରହିବା କିନ୍ତୁ ;ମୁଁ ଚାହେଁ ମୋ ପୁଅର ଗୋଟେ ଶୁଖି ପରିବାର ହେଉ । ତୁମ ମାନଙ୍କର ଖୁସିରେ ମୁଁ ଖୁସି । ଭଲରେ ରୁହ ମୋର ଆଶୀର୍ବାଦ ତୁମ ଦୁଇ ଜଣଙ୍କ ଉପରେ ଅଛି ।

ଶେଷରେ ଏତିକି କହୁଛି ମୁଁ ତୋ ସହ କଥା ହେଉଛି ବୋଲି ତାକୁ କହିବୁନି କିନ୍ତୁ ; ତୁ ମଝିରେ ମଝିରେ ମତେ କଲ୍ କରୁ ଥିବୁ ତୁମ ଫେରିଲା ବାଟକୁ ମୁଁ ଚାହିଁ ରହିଛି କେତେବେଳେ ମୋ ଗୁହାଳ ପୂର୍ଣ୍ଣ ହେବ । ଏତିକି କହି ମା ଫୋନ୍ କାଟି ଦେଲା । ସେହି ଦିନ ଠାରୁ ମା ଓ ବାବୁଙ୍କର ପ୍ରେମ କୁ କିଏ ବା ଦେଖିଛି ଯାହା କେବେ ସରେନି ।

ମା 'ସର୍ବସଂହା । ମାର' ସ୍ବପ୍ନ ସତ ହେଲା ମାତ୍ର ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ପିଲା ଦୁଇଜଣଙ୍କର ପାଠପଢା ମୋ ଠାରୁ ବହୁତ ଦୂରକୁ ନେଇଗଲା, ନ ହେଲେ ସେମାନେ ମୋ ଠାରୁ ଅଲଗା ଅସମ୍ଭବ......... ! ଏଭଳି କହି ମାନିଜ ' ମନକୁ ବୁଝାଉଥାଏ, ରାଜେଶ ଏବେ ବିବାହିତ ତାର ଧର୍ମପତ୍ନୀର ନାମ ଶ୍ରଦ୍ଧାଞ୍ଜଳି, ସ୍ନେହରେ ଶ୍ରଦ୍ଧା ବୋଲି ଡାକେ । ସେ ତାର ସ୍ତ୍ରୀକୁ ବହୁତ ଭଲ ପାଏ । ତାର ସମସ୍ତ ଅଳି ଅଝଟ ନିମିଷକ ମଧ୍ୟରେ ପୂର୍ଣ୍ଣ କରିଦିଏ କିନ୍ତୁ ; ସାନ ଭାଇ ପରେଶ ଭାଉଜର ବ୍ୟବହାର ରେ ଖୁସି ନ ଥାଏ। କେବଳ ବଡଭାଇର ଖୁସି ଖୁସି ମୁହଁ କୁ ଚାହିଁ ରହିଥାଏ। ରାଜେଶ ଆମେରିକାର ସଫ୍ଟୱେର ଇଞ୍ଜିନିୟର ଅଛି , ବହୁତ ଦରମା ପାଏ କିନ୍ତୁ ; ସାନ ଭାଇ ପରେଶର ପାଠପଢା ଚାଲିରହିଥାଏ । ସେ ସର୍ବଦା ବଡ ଭାଇ ଉପରେ ନିର୍ଭରଶୀଳ, ଏକଦା ଥରେ ବଡ ଭାଇ ପରେଶକୁ ପଢିବା ପାଇଁ କିଛି ଟଙ୍କା ଦେଉଥିବା ସମୟରେ ଭାଉଜର ନୃଶଂସ ବ୍ୟବହାର ତାର ଉଚିତ୍ ସ୍ଥାନ ଦେଖାଇଦେଲା । ପରେଶର ମନ ଦୁଃଖ ହେଲା କହିବ ବା କାହାକୁ ଏଠି ନିଜର ବୋଲି କେବଳ ବଡ ଭାଇ ହେଲେ ସେ ଏବେ ଭାଉଜଙ୍କ ବନ୍ଧନରେ ବନ୍ଧା ନିଜେ ମୁକୁଳିଲେ ତ ମତେ ବଞ୍ଚେଇବ ସେଦିନ ତାର ମାମନେ କଥା ବହୁତ ' ପଡୁଥାଏ । ମା ପାଖକୁ ଯିବା ପାଇଁ, ଭାଇକି ବହୁତ ଅନୁରୋଧ କଲା ବଡ ଭାଇର ବହୁତ ଇଚ୍ଛା ମା ଓ ବାପାଙ୍କୁ ଟିକିଏ ଦେଖି ଆସିବାକୁ ';

ମା ଏବେ କେମିତି ଥିବ ', ବାପା ଭଲ ଅଛନ୍ତି ତ ? ଏମିତି କେତେ କଥା ଦୁଇଭାଇଙ୍କ ମଧ୍ୟରେ ଚାଲିଥାଏ ସେହି ସମୟରେ ରାଜେଶର ଧର୍ମପତ୍ନୀ ଶ୍ରଦ୍ଧା ଆଗମନରେ ସମସ୍ତେ ଚୁପ୍ ରାଜେଶ ହଠାତ୍ ଏକ ମିଛ ବାହାନାର ଆଶ୍ରୟ ନେଇ କହିଲା ଶ୍ରଦ୍ଧା ତୁମର ଘର କଥା ମନେପଡୁନି, ଶ୍ରଦ୍ଧା କହିଲା ଘର ଣ'ସେ ପୁଣି କ ...? ରାଜେଶ କହିଲା ତୁମ ପରି ଆଧୁନିକତା ନାରୀମାନଙ୍କ ପାଇଁ ପୁରୁଷ ମାନେ ନିଷ୍ପେଷିତ ହେଉଛନ୍ତି । ତୁମେ କ ଣ ଘର', ପରିବାର କଥା ବୁଝିବା ପରିବାର କହିଲେ ବାପା , ମା ଭାଇ ', ଭଉଣୀ ସମସ୍ତଙ୍କୁ ନେଇ ଗଠିତ । ଏମିତି ତାର ସ୍ତ୍ରୀକୁ ବୁଝାଉଥାଏ, ହଠାତ୍ ସେହି ସମୟରେ କଲ୍ ଆସିଲା। ପରେଶ ଫୋନ୍ ଉଠାଇଲା ଶୁଣିଲା ମାର ଅସ୍ପଷ୍ଟ କଣ୍ଠରୁଦ୍ଧର ଚିତ୍କାର ସ୍ବର'। ଯେମିତି ମା ରାଜେଶକୁ ବହୁତ ଖୋଜୁଥିଲା ପରେଶ ହଠାତ୍ ରାଜେଶ ଭାଇକୁ ଫୋନ୍ ଧରେଇଦେଲା । 'ରାଜେଶ ଫୋନ୍ ଧରି କେବଳ ମାର ଚିତ'୍କାର ସ୍ବରକୁ ଶୁଣୁଥାଏ। ମାରାର ଜ'ଜୀର୍ଣ୍ଣ ଶରୀରଟି କ୍ଷୀଣ ହବାରେ ଲାଗିଛି ଶେଷ ସମୟରେ ତତେ ଟିକେ ଦେଖିଥିଲେ ଭଲ ଲାଗିଥାନ୍ତା । ପୁଅ ଦୁଇଜଣ ଯେତେ ଚେଷ୍ଟା କଲେ ବି ଯାଇପାରିଲେ ନାହିଁ, ଏ ସବୁର କାରଣ ତାର ସ୍ତ୍ରୀ, ରାଜେଶ ରାଗି ଯାଇ କହିଲା ତୁମେ ଜଣେ ଭଲ ନାରୀ ସତ, ଭଲ ସ୍ତ୍ରୀ ସତ, କିନ୍ତୁ;ଭଲ ମାହବାର ସୌଭ 'ାଗ୍ୟ ତୁମ ନିକଟରେ ଦେଖାଯାଉ ନାହିଁ। ତୁମକୁ ବିବାହ କରି ମୋ ଜୀବନ ମାନସାଙ୍କ ଭୁଲ ହୋଇଗଲା , ଭଲ ହୋଇଛି ମୋ ମାଆଜି ମୋ ପାଖରେ ନାହିଁ ', ତା ଜୀବନର ସମ୍ପୂର୍ଣ୍ଣ ସମୟ ବିତାଇବା ପୂର୍ବରୁ ଚାଲିଯାଇଥାନ୍ତା ।

ପରଦିନ ଫୋନ୍ ଆସିଲା, ପରେଶ ଫୋନ୍ ଧରିଲା ସ୍ବରଟି ଥିଲା ବାପାଙ୍କର ସତେ ଯେମିତି ସ୍ବରଟି ଅଜଣା ଲାଗୁଥିଲା ନିଜର ପରିଚୟ ଦେବା ପୂର୍ବରୁ କହିଲେ ମାସବୁଦିନ ପାଇଁ ମରିଯାଇଛି । ଏ କଥା ପରେଶ ଶୁଣିଲା ପରେ ' ର ଅସ୍ତିତ୍ୱକୁ ମୁଁରାଜେଶ କହିଲା ମା ... ରାଜେଶକୁ ଯାଇ କହିଛି । ତା ପରେ ରାଜେଶ ବହୁତ କାନ୍ଦିଛି ବୁଝିପାରିଲି ନାହିଁ , ପୂର୍ଣ୍ଣମୀ ଆକାଶରେ ମୋ ମା'ର ଦରମଉଳା କଇଁ ଫୁଲ ମୁହଁଟି ନିରୀହ ନିରୀହ ଲାଗୁଥିଲା । ଶେଷ ସମୟରେ ମଧ୍ୟ ମୋ ମା 'ନିକଟରେ ପହଞ୍ଚି ପାରିଲି ନାହିଁ। ତେଣୁ ଭଗବାନଙ୍କୁ ଏତିକି ପ୍ରାର୍ଥନା ଆର ଜନ୍ମରେ ପୁନଶ୍ଚ ମୋ ମା ' ର ଅସ୍ତିତ୍ୱକୁ ମୁଁ ଦେଖିବାକୁ ଚାହେଁଗର୍ଭରେ ମୋତେ ଜନ୍ମ ଦେବ କାରଣ ମା, ସ୍ତ୍ରୀର ନାରୀତ୍ୱକୁ ନୁହେଁ । ମା ' ଚାଲିଯାଇଛି ସତ କିନ୍ତୁ; ତାର ସ୍ନେହ ଭରା ହସ , ଭଲପାଇବା ଇତ୍ୟାଦି ଆମମାନଙ୍କ ନିକଟରର ଛାଡି ଯାଇଛି । ଦୁନିଆରେ ମା,ର ପ୍ରେମ ଅପରିସୀମ' ଅସରନ୍ତି ଓ ଅପୂରଣୀୟ ।

•

# ଝିଅ ଜନମ ଆଶୀର୍ବାଦ ନା ଅଭିଶାପ

ଗବେଷିକା ଗୋଦାବରୀ ବାରିକ
ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନିପାଟଣା,କଳାହାଣ୍ଡି

ସତରେ ଜୀବନଟା ଆଶୀର୍ବାଦ ନା ଅଭିଶାପ ? କେଉଁଠି ବି ଶାନ୍ତି ନାହିଁ। ଜନ୍ମ ହେବା ପୂର୍ବରୁ ମା'ର ଗର୍ଭରେ ରକ୍ତ,ମାଂସ, ମଳ, ମୂତ୍ରରେ ଘାଣ୍ଟି ହୋଇ ଅଣନିଃଶ୍ବାସୀ ଲାଗେ। କେତେ ସଂଘର୍ଷ ପରେ ପୃଥିବୀର ଆଲୋକ ଦେଖିବାକୁ ମିଳେ । ପୁଅ କି ଝିଅ ହୋଇଛି ଜାଣିବାକୁ ସମସ୍ତଙ୍କ ମନରେରେ ଉକଣ୍ଠା। ପୁଅ ହୋଇଥିଲେ ସମସ୍ତେ ଆନନ୍ଦରେ ଫାଟି ପଡନ୍ତି। କିନ୍ତୁ ଝିଅଟିଏ ହେଲେ ମୁଣ୍ଡରେ ଦୁଃଖର ପାହାଡ଼ ଭାଙ୍ଗିପଡେ ଯେମିତି। ସମସ୍ତଙ୍କ ମୁହଁ ବିଷର୍ଣ୍ଣ ହୋଇଯାଏ। ଝିଅ ଜନ୍ମ ହେବା କ'ଣ ପାପ ? ସେଇ ନାରୀର ଅବଦାନରେ ତ ସୃଷ୍ଟିର ଆରମ୍ଭ ହୁଏ । ତେବେ ସେହି ନାରୀକୁ ଏତେ ଘୃଣା କାହିଁକି ? ରାତି ସମୟ। ବର୍ଷା, ବିଜୁଳି, ପବନରେ ଧରିତ୍ରୀରାଣୀ ଥରିଉଠେ। ଘନଶ୍ୟାମବାବୁଙ୍କ ଧର୍ମପତ୍ନୀ ରମାର ଯନ୍ତ୍ରଣା ମଧ୍ଯ ବଢ଼ି ବଢ଼ି ଚାଲେ। ଆମ୍ବୁଲାନ୍ସ ଯୋଗେ ରମାକୁ ସରକାରୀ ଡାକ୍ତରଖାନା ନେଇ ଆସନ୍ତି । ରାତି ଯେତେ ବଢି ବଢି ଯାଉଥାଏ ,ଘନଶ୍ୟାମଙ୍କ ମନରେ ସେତେ ଆଗ୍ରହ ବଢୁଥାଏ ନବଜାତ ଶିଶୁପାଇଁ । ଅପେକ୍ଷାର ଅନ୍ତ ଘଟେ । ନର୍ସ ଦିଦି ଆସି କହନ୍ତି ତୁମର ଝିଅଟିଏ ହୋଇଛି । ଘନାଶ୍ୟାମାବାବୁ ଶୁଖିଲା ହସଟିଏ ହସିଲେ । ପୁଅଟିଏ ହୋଇଥିଲେ ଯେତେ ଖୁସି ହୋଇଥାନ୍ତେ କନ୍ୟାଶିଶୁ ପାଇଁ ସେତେ ଖୁସିହୋଇ ପରିନାହାନ୍ତି। ବିଜୁଳି ବେଗରେ ଖବରଟି ଗାଁକୁ ମାଡିଗଲା। ରମାର ଶାଶୁ ଶଶୁର ବି ଚାହୁଁଥିଲେ ନାତିଟିଏ ହେଉ ବୋଲି। ସମସ୍ତଙ୍କ ମନ ଦୁଃଖ । ତାପର ଦିନ ସକାଳେ ଘନଶ୍ୟାମବାବୁ ଆଉ ରମା ଝିଅକୁ ନେଇ ଘରକୁ ଫେରିଛନ୍ତି । ବିଧିମତେ ଘରେ ପୂଜା ପାଠହେଲା।  ଝିଅର ନାମ ରଖିଲେ କୃଷ୍ଣା ।  କୃଷ୍ଣା ଜନ୍ମର ତିନି ବର୍ଷ ପରେ ତାର କୁନି ଭାଇଟିଏ ହୋଇଛି । ଘରେ ନାହିଁ ନ ଥିବା ଖୁସି। କୃଷ୍ଣାବି ବହୁତ ଖୁସି ହୁଏ। ସମୟ ବିତିବା ସହ କୃଷ୍ଣାର ବି ବୟସ ବଢୁଥାଏ। ବାପା ମା ଝିଅ ଠାରୁ ପୁଅକୁ ବେଶୀ ଗେହ୍ଲା କରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ପୁଅ  ଆଗ ଡାକ । କୃଷ୍ଣାକୁ ଏ ସବୁ ଦେଖି କଷ୍ଟ ହୁଏ,କିନ୍ତୁ ସେ କେବେ ପ୍ରତିବାଦ କରିନି । ସୁଖ ଦୁଃଖରେ ପନ୍ଦର ବର୍ଷ ବିତିଯାଇଛି । କୃଷ୍ଣାର ବିଦ୍ୟାଳୟ ଶିକ୍ଷାର ସମାପ୍ତି ଘଟିଛି । କୃଷ୍ଣା କଲେଜରେ ପଢିବାପାଇଁ ଜିଦ ଧରେ,କିନ୍ତୁ ତା' କଥା କେହି ଶୁଣନ୍ତିନାହିଁ । ରମା କୃଷ୍ଣାଙ୍କୁ ବୁଝାନ୍ତି ; ଏ ଦୁନିଆ ଟା ଭଲ ନୁହେଁ । ତୁ ବାହାରକୁ ବାହାରିଲେ ଏ ଦେହ ଲୋଭୀ ରାକ୍ଷସମାନେ ତୋତେ ଝୁଣି ଖାଇଯିବେ । ଘର ପାଇଟି ଶିଖ ,ଭଲ ପାତ୍ରଟିଏ ଦେଖି ବିବାହ କରାଇ ଦେଲେ ଶାଶୁଘରେ ଭଲରେ ରହିବୁ । ତୁଳସୀ ଦୁଇ ପାତ୍ରରୁ ବସିଲା ପରି ଦୁଇକୁଳର ନାଁ ରଖିବୁ । ପାଠ ପଢିଲେ କ'ଣ କରିବୁ ? କୃଷ୍ଣାର ଇଚ୍ଛାକୁ ମାରିଦିଆଯାଏ। ତା'ର ସ୍ୱପ୍ନ ମଉଳିଯାଏ । ଆଗ୍ରହ ଥିଲେ ମଧ୍ଯ ଆଗକୁ ପଢି ପାରିନି । ମନେ ମନେ ଭାବୁଥାଏ ଝିଅ ଜନ୍ମ ହେବାଟା କ'ଣ ମୋର ଭୁଲ ? ସବୁ ଚେଷ୍ଟା ସତ୍ତ୍ୱେ କୃଷ୍ଣା ହାର ମାନେ । ଠାକୁରଙ୍କୁ ପ୍ରାର୍ଥନା କରେ ପ୍ରଭୁ ମୋତେ ପୁଅଟିଏ କଲ ନାହିଁ  କାହିଁକି ? କିଛି ବର୍ଷ ପରେ କୃଷ୍ଣପାଇଁ ବର ପାତ୍ର ଖୋଜାଚାଲିଲା । ବାପ ଭାଇଙ୍କ ଇଚ୍ଛା କେମିତି ଝିଅ ବାହାଘରଟି ସାରିଦେଲେ ମୁଣ୍ଡରୁ ବୋଝଟିଏ ଓହ୍ଲାଇଯିବ। । ଝିଅର ମନକଥା ଜାଣିବାପାଇଁ

କେହି ଚେଷ୍ଟା କରନ୍ତିନାହିଁ । ଥରୁଟିଏ ମଧ୍ୟ ପଚାରନ୍ତି ନାହିଁ ସେ କ'ଣ ଚାହେଁ । ଇଚ୍ଛା ନ ଥିଲେ ମଧ୍ୟ ବିବାହ ପାଇଁ ରାଜିହୁଏ । ବିବାହ ସଂପୂର୍ଣ୍ଣ ହୁଏ । ସ୍ୱାମୀ ସଦାନନ୍ଦବାବୁ ଉତ୍ତମ ବ୍ୟକ୍ତିତ୍ୱ । କୃଷ୍ଣାର ବହୁତ ଯତ୍ନ ନିଅନ୍ତି । କୃଷ୍ଣାକୁ କଲେଜରେ ପଢିବାପାଇଁ କଥାଦିଅନ୍ତି । କୃଷ୍ଣାର ଶୋଇଯାଇ ଥିବା ଆଶାଟି ପୁଣି ଚେଇଁ ଉଠେ । ଘରେ ଶାଶୁ ,ନଣନ୍ଦ ଏହାକୁ ଦେଖି ସହି ପାରନ୍ତିନାହିଁ । ତାଙ୍କ ଇଚ୍ଛା ଘରର ବୋହୂ ଘର ଭିତରେ ରହିବ । ପାଠ ପଢିବା କ'ଣ ଆବଶ୍ୟକ ? ସେମାନଙ୍କ ଇଚ୍ଛା ବିରୋଧରେ କୃଷ୍ଣାର ଉଚ୍ଚ ଶିକ୍ଷା ଯୋଗୁଁ ସଦାନନ୍ଦର ଅନୁପସ୍ଥିତିରେ କୃଷ୍ଣା ଉପରେ ଅତ୍ୟାଚାର ଆରମ୍ଭ କରନ୍ତି । କୃଷ୍ଣା କିଛି ପ୍ରତିବାଦ କରେନାହିଁ । ସଦାନନ୍ଦ ଆଗରେ ମଧ୍ୟ କିଛି ମୁହଁ ଖୋଲି କହେନାହିଁ । ଶାଶୁ,ନଣନ୍ଦ ବହୁତ ଗଞ୍ଜଣା ଦେଲେ ମଧ୍ୟ ସ୍ୱାମୀର ଅତୁଟ ଭଲପାଇବାରେ କୃଷ୍ଣା ସେସବୁକୁ ଭୁଲିଯାଏ । ତାଙ୍କର ବୈବାହିକ ଜୀବନ ଖୁବ ଆନନ୍ଦରେ ବିତୁଥିଲା । ଶାଶୁ ,ନଣନ୍ଦ ଅନ୍ୟାୟ ଅତ୍ୟାଚାର ସହି ଘରର ଯାବତୀୟ କାମ କରିବାକୁ ହୁଏ । ନିଜକୁ ଦୁଃଖ କଷ୍ଟ ଦେଇ ଅନ୍ୟକୁ ସୁଖୀ କରିବାକୁ ପଡେ । ସକାଳେ ସଦାନନ୍ଦବାବୁ ଅଫିସ ଯିବାକୁ ରେଡି ହୁଅନ୍ତି । କୃଷ୍ଣା ଟିଫିନ ସଜାଡି ଦିଏ । ସଦାନନ୍ଦ ଅଫିସ ବାହାରି ଯାଆନ୍ତି । କୃଷ୍ଣା ଘରର ଯାବତୀୟ କାମ ସାରି ସଦାନନ୍ଦଙ୍କ ଫେରିବା ବାଟକୁ ସବୁଦିନ ପରି ଚାହିଁ ବସିଥାଏ । କିନ୍ତୁ ହଠାତ ଖବର ଆସେ ସଦାନନ୍ଦବାବୁ ଘରକୁ ଫେରିବା ବାଟରେ ଗାଡି ଆକ୍ସିଡେଣ୍ଟ ହୋଇଛି । ସୁଖର ସଂସାରରେ ଯେତିକି କାହାର ନଜର ଲାଗିଗଲା । କୃଷ୍ଣା ଠାକୁରଙ୍କୁ ପ୍ରାର୍ଥନା କରେ ପ୍ରଭୁ! ମୋ ସ୍ୱାମୀଙ୍କୁ ଭଲକରିଦିଅ । ଆଖିଆ ଅପିଆ ଠାକୁର ଘରେ ବସିଥାଏ । ଦୀର୍ଘ ସମୟ ପରେ ସଦାନନ୍ଦଙ୍କ ମୃତ ଶରୀର ଘରକୁ ଆସେ । ଯାହାକୁ ଦେଖି କୃଷ୍ଣା ବିଶ୍ବାସ କରେନାହିଁ । ମନେମନେ ପ୍ରାର୍ଥନା କରେ ପ୍ରଭୁ ! ମୋ ସ୍ୱାମୀକୁ ପଙ୍ଗୁ କରି ଦେଇଥାନ୍ତ, ସାରାଜୀବନ ତାଙ୍କ ମୁହଁ ଚାହିଁ ଜୀବନ ବିତାଇ ଦେଇଥାନ୍ତି। ହେଲେ ତୁମେ ଏ କ'ଣ କଲ? ସାରା ଜୀବନର ଖୁସିକୁ ମୋଠାରୁ ଛଡେଇ ନେଲ। ଜନ୍ମରୁ ଦୁଃଖ ସାଉଁଟି ଥିବା ଝିଅଟି ଖୁସି କ'ଣ ଅନୁଭବ କରିବା ପୂର୍ବରୁ ଦୁଃଖର ପାହାଡ ଭାଙ୍ଗିପଡିଲା ତା' ମୁଣ୍ଡ ଉପରେ । ତାର ଛାତି ଫାଟି ପଡୁଥାଏ । ଶାଶୁ, ନଣନ୍ଦ,ସାଇପଡିଶାଙ୍କ ଗଞ୍ଜଣା ଦୁଃଖକୁ ବହୁ ଗୁଣିତ କରେ । ଯେମିତି ଏ ସବୁ ପାଇଁ ସେ ହିଁ ଦାୟୀ। ତା'ର କ'ଣ ଭୁଲ ? ଯିଏ ଯେତିକ ଦିନ ପାଇଁ ଏଇ ପୃଥିବୀକୁ ଆସିଥାଏ ସିଏ ସେତିକ ଦିନରେ ବାହୁଡି ଯାଏ । ଭଲା ଏଇଠି କିଏ ଚିରସ୍ଥାୟୀ ? ମହାକବି ଜଗନ୍ନାଥ ଦାସଙ୍କ ବିରଚିତ 'ଭାଗବତ'ର ଗୋଟିଏ ପଦ ମନକୁ ଆସେ –

"ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ" ।

ଖାଲି ରାହିଯାଏ ସ୍ମୃତିତକ । ତାକୁ ସାଇତି ଗଣ୍ଠିକରି ଆଗକୁ ଚାଲିବାକୁ ହେବ ସାରା ଜୀବନ।ସେ ଚାହିଁଲେ ବି ଫେରି ପାରିବନି ପଛକୁ ,ଛାଡିଆସିଥିବା ବାପା,ମା, ଭାଇକୁ । ସମାଜ ତାକୁ କେଉଁଠି ବି ଶାନ୍ତିରେ ବଞ୍ଚିବାକୁ ଦେବନି । ବହୁ ଦୁଃଖ କଷ୍ଟ ସହି ସେଇଠି ତାକୁ ରହିବାକୁ ହେବ ବୋଲି ସେ ସ୍ଥିର କରିଲା । ସମୟ ଆଗେଇ ଚାଲିଲା । ସ୍ୱାମୀର ଶୁଦ୍ଧକ୍ରିୟା ସରିଲା ,ବନ୍ଧୁବାନ୍ଧବ ନିଜଘରକୁ ଫେରିଲେ। ଘରେ ରହିଲେ ଶାଶୁ ନଣନ୍ଦ ଆଉ ଦିଅର । ମଝିରେ ମଝିରେ ନଣନ୍ଦେଇ ମଧ୍ୟ ଆସନ୍ତି । ଏକା ଥିବାବେଳେ ସମବେଦନା ଦେବାକୁ ଆସି ହାତକୁ ଧରି ଶାନ୍ତ୍ୱନା ଦେବା

ଭଙ୍ଗୀରେ ଏକୁଟିଆ ଥିବାର ଫାଇଦା ଉଠେଇବା ପାଇଁ ଚେଷ୍ଟା କଲା ବେଳେ କୃଷ୍ଣା ଗୋଟେ ଥାପଡ ମାରେ । ପୂର୍ବରୁ ଏମିତି ବ୍ୟବହାର ସେ ଦିଅରଠାରୁ ମଧ୍ୟ ପାଇଥିବାର ଜାଣିପାରିଲା । ଆଉ ନିଜେ ତାଙ୍କଠୁ ଦୂରକୁ ଘୁଞ୍ଚି ଯାଇ ପାଟି କରି ଉଠିଲା । କିଛି ସମୟ ପରିବେଶ ଗୁମ୍ ସୁମ । ପୁଣି ଥରେ ସବୁ ଦୋଷ କୃଷ୍ଣାର । ସମୟ ସହ ଏମିତି ଘଟଣା ଗଡି ଚାଲିଲା । କୃଷ୍ଣା ନିଜକୁ ଏହି ନରମାଂସ ଲୋଭୀ ପଶୁମାନଙ୍କ କବଳରୁ ରକ୍ଷା କରିବାପାଇଁ ଘର ଛାଡିଲା । ଏପଟେ ତା' ନାଁରେ ଗୁଜବ ଉଠିଲା ସେ କୋଉ ଟୋକା ସହ ଘର ଛାଡି ଚାଲିଯାଇଛି । ସେପଟେ ଆଶ୍ରମରେ ରହି କୃଷ୍ଣା ଅକ୍ଳାନ୍ତ ପରିଶ୍ରମ କରିଚାଲେ । ସ୍ବାମୀର ଇଚ୍ଛାଥିଲା ତାକୁ OAS କରାଇବା ପାଇଁ। ସ୍ବାମୀର ସେଇ ଇଚ୍ଛାକୁ ପୂରଣ କରେ ସେ । ଦୀର୍ଘ ୮ ମାସ ପରେ ଦୈନିକ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ତା'ର ଫଟୋ ସହ ନାଁ ବାହାରେ । କୃଷ୍ଣା ସଦାନନ୍ଦ ରାଉତରାୟ OAS ପରୀକ୍ଷାରେ Rank 1 ରହିଛି। news paperଟି କୃଷ୍ଣା ହାତରୁ ଖସି ପଡିଛି ଓ ତା ଉପରେ ଠୋପା ଠୋପା କାକର ବିନ୍ଦୁ ବରଷି ଯାଇଛି....

# ଲଖି ମାଣ୍ଡିଆର ଗାଁ

ଗାଳ୍ପିକ-ଡିଲେଶ୍ୱର ରଣା
ଧଅଁରାମାଲକଳାହାଣ୍ଡି ,ରୁପ୍ରାରୋଡ଼ ,ରୁପ୍ରା ,
ମୋ୯୫୫୬୧୩୭୦୭୭:

ବେସରବଟା ଶିଳରେ ଟାଙ୍ଗିଆ ଲିସୁଲିସୁ ସୁରୁଜ ଆଡ଼କୁ ଆଁଖେଇଲା ଲଖି । ପୁରା ନାଁ ଲଖିଧର ମାଣ୍ଡିଆ । ଘର ସୁପେଲ୍ ଗାଁ । ଜୁନାଗଡ଼ ଠାରୁ ଦକ୍ଷିଣ ଦିଶାକୁ ଛଅଜା ଚଉଦପୁରୁଷ ଧରି କୋଶ ବାଟ ଗଲେ ପଡ଼େ ଏଇ ଗାଁ । ବାପ' ବୋଲି ଜୀଇଁଆସୁଛନ୍ତି ଏମାନେ । ଟାଙ୍ଗିଆକୁ ଟିକେ ଉପରକୁ ଟେକି ପରଖିଲା 'ମାଟିକୁ ମା ,ଡଂଗରକୁ ଦେବତା ଧ଼ାର । ଭଲ୍‌କି ନିରେଖିଲା ପିନ୍‌ପିନ୍ ଦିଶିଆସୁଛି । ଗଲା ଚାରିଦିନ ହେଲାସାନ ନାତି ଜିଦ୍ ଧରିଛି ଖଜୁରୀ କନ୍ଦା , ଲା ଡେବିରି କାନ୍ଧରେ । ଚାଲିଲା ଗାଁ ଖାଇବ । ସେଇଲାଗି ସେ ଟାଙ୍ଗିଆକୁ ତିଆର୍ କରୁଛି । ଏଥର ନାତିକୁ କାନ୍ଧେଇ ମତେ ବି ନେ ,ବୁଢ଼ାଦଦା :ବାଟେ ବାଟ । ନାତିକୁ କାନ୍ଧେଇଛି କି ନାଇଁ ସବା ସାନ ନାତୁଣି ରଡ଼ି ଛାଡ଼ିଲାbତାକୁ !ଗୋ ' ' :କଲା କାଖରେ । ନାକକୁ ଟିକେ ଚିପୁଚିପୁ କହିଲା 'ଯେନତେନ ପ୍ରକାରେଣ ଭୁରଡେଇଲା । ତାକୁ ପାତୁଇ ଘରେ ଥା ' ଜାଣି ଚୁପ୍ ରହିଲା । ବୁଢ଼ା ଅପସରି ଗଲା ଧୀରେ ଧୀରେ ସେ ଣ ବୁଝିଲା କେ'ଛୁଆଟି କ । 'ଦିକନ୍ଦା ଆନିଦେମି ଜଲ୍ । ଜାଗାରୁ । ଗାଁ ପାର୍ ହୋଇ ମୁହେଁଇଲା ଡଂଗର ଆଡ଼େ । ଡଂଗର ତଳ ଜଙ୍ଗଲରେ ଗୋଟେ ଛୋଟ ଖଜୁରୀ ଗଛରୁ କନ୍ଦା ସଂଗ୍ରହିବାକୁ ଲାଗିଲା । ନାତିକୁ ଦୁଇଖଣ୍ଡ କନ୍ଦା ଧରେଇ ଦେଇ ପୁଣି ତାକୁ କାନ୍ଧେଇଲା । ବଳକା କନ୍ଦାକୁ ଗାମୁଛାରେ ବୁଜୁଳା କଲା । ଲେଉଟୁଥିଲା ଘରକୁ । ଗାଁ ପାଖାପାଖି ଆସୁଆସୁ ଲୋକଙ୍କର ହାଲଶବଦ ଶୁଭିଲା । ଚାଲିବାର ଗତିକୁ ସେ କ୍ରମଶଃ ବଢ଼େଇଦେଲା । ଲୋକଗହଳି ପାଖକୁ ଖେଟି ଦେଖିଲାଆଠ ବର୍ଷିଆ ଛୁଆକୁ କେହି , ଜଣେ ବାଡ଼େଇଛି। ଛୋଟଛୁଆକୁ ଯେମିତି ପିଟିଛିତା ଦେହସାରା ନୋଳା ପଡ଼ିଛି । କିଏ ବାଡ଼େଇଛି ପଚାରିବାରୁ , ଲୋକ । ସବୁବେଳେ ଏମିତି କିଛି ଅଘଟଣ ଘଟାଏ ରାଓ ରଙ୍ଗାରାଓର .ଏସ୍ :ସେ ଲୋକମାନେ ହେଉଛନ୍ତି ,ଜଣାଗଲା କେତେବେଳେ କାହାକୁ ପିଟାମରା କରେ । ,କେତେବେଳେ କାହାକୁ ଗାଳି ଫଜିତ୍ କରେ। ରାଓର ଏସବୁ କଥା ପ୍ରାୟ ଦେହସୁହା । ତେବେ ଆଜି ଛୋଟଛୁଆ ଉପରେ ଯେତେବେଳେ ହାତ ଉଠେଇଲାଲଖିର ଦେହ ଥରିଉଠିଲା ରାଗରେ , ବାଡ଼ ଭିତରକୁ ପଶି ନେଇଆସିଥିଲା ଛୁଆଟି ହେଲେ କି ଦୋଷ କରିଥିଲା ଯେ ଗଛରୁ ପଡ଼ିଥିବା ପିଜୁଳି ଦୁଇଟା। କୁ ପାଟି ଫିଟେଇ ପାରୁନାହାନ୍ତି ଗାଁ ଲୋକ । ଛୋଟଯାହାର ଜୁଲମ୍?ତାହେଲେ କିଏ ଏଇ ରଙ୍ଗାରାଓ। ଛୁଆ ଉପରେ ହାତ ଉଠେଇ ଦେଲା ପରେ ବି ସେମାନେ ନିଶ୍ଚୁପ ।ଲଖିଧରର ଆଖିରେ ହେଜି ହେଇଯାଉଛି ଅତୀତର ସେ ହଜିଥିବା ଦିନ । ଚାଲିଶ୍ ବଛର ତଳର କଥା କ୍ରମେ ତାଜା ହୋଇଆସିଲା ତାଗାଁର ଲୋକଙ୍କର ଖାଇବାର ଅଭାବ ମସ୍ତିଷ୍କରେ । ' ନଥିଲା । ଜଙ୍ଗଲକୁ ଚାହିଁଦେଲେ ତ ଘରେ ହାଜର ହେଉଥିଲା ଖାଦ୍ୟଦରବ । କ୍ଷେତକୁ ଚଷିଦେଲେ ତ ଉପୁଜ଼ିପାରୁଥିଲା କାଙ୍ଗନାକୁ ଛୁଇଁଦେଲେ ହଜିଯାଉଥିଲା ତାଙ୍କର ଶୋଷ । ଜନା । ଝର୍‌ଖେଡ୍ ,ମାଣ୍ଡିଆ ,ଲାକୁଶ୍ , ର । ବରଷକୁ ବରଷ ଏସବୁ ଭିତରେ ଲଖି ମାଇପ ସହ ଚାରିପୁଅକୁ ନେଇ କାଟୁଥିଲା ଗୋଟେ ସୁଖଭର୍ତ୍ତି ସଂସା ଲାଗିପଡ଼ି ଡଂଗର କାଟି ତିଆରୁଥିଲେ କ୍ଷେତ । ସେଥିରେ ରୋପିଦେଉଥିଲେ ଜାତିଜାତିକା ମଂଜି । ଗାଁର ପଚିଶ ଘର ଲୋକ ଯେ ଯାସେମାନେ :କାମରେ ମାତିକି ରହୁଥିଲେ ।ସେ ସବୁ ଲୋକଙ୍କ ପାଖ ମାଡ଼ିପାରୁନଥିଲା ସରକାରୀ ଛାଇ ' ।ସେ ସବୁ ଲୋକଙ୍କ ସେମାନେ ଥିଲେ ସୁସ୍ଥ :ଥିଲେ ଖୁସ୍ ।ସେ ସବୁ ଲୋକଙ୍କ ପାଖ ମାଡ଼ିପାରୁନଥିଲା ଅଦିନିଆ ରୋଗ

ସେମାନେ ଥିଲେ ନିରୀହ ।ସେ ସବୁ ଲୋକଙ୍କ ପାଖ ପଶିପାରୁନଥିଲା :ପାଖ ପଶିପାରୁନଥିଲା ବାହାରିଆ ଛନ୍ଦମନ୍ଦ ଦୁଃଖର ଦେହସେମାନେ ହସୁଥିଲେ ପ୍ରାୟ ।ଏମିତି ଜୀବନ ଚାଲିଥିଲା ଇନ୍ଦ୍ରାବତୀର ଜଳଧାର ପରି ନିରିମଳ ଓ : ରିମାରି ନିଜର ଗୁଲ୍ ଥିଲେ ଆପଣା ସ୍ୱପ୍ନରେ । ଗାଁ ଯାକର ଲୋକ ଡ଼ଂଗର ମାଝରଝର । ସେଇଠି ସେମାନେ ମସ୍ ଜୀବିକା ନିର୍ବାହ କରିପାରିବା ଭଳି ଜମି ଅର୍ଜିସାରିଥିଲେ । ଗାଁର ଚଉଦିଗରେ ଉପୁଜେଇ ପାରିଥିଲେ ଜୀବନ ବଂଜର ମାଟିରେ । ସେ ମାଟି ସେମାନଙ୍କ ପାଇଁ ପାଲ୍‌ଟିଥିଲା ଭୂସ୍ୱର୍ଗ । ସେଇ ସ୍ୱର୍ଗରେ ଦିନେ ବିପତ୍ତି ପଡ଼ିଲା । ଗାଁକୁ ଆକ୍ରମଣ କରିବାକୁ ଲାଗିଲା ଦୁଃଖ । ସେବର୍ଷ ଗାଁକୁ ପହିଲା କରି ବାହାରିଆ ଲୋକର ପାଦ ପଡ଼ିଲା । କୋଉଠୁ ଖବର ପାଇ ସୁପେଲ୍ ଗାଁକୁ ଧୁଙ୍ଗିଆପତ୍ର ନେବାପାଇଁ ରଙ୍ଗାରାଓ ପ୍ରଥମେ ଆସି ପହଞ୍ଚିଲା । ଗାଁ ଲୋକଙ୍କ ସହ ସଂପର୍କ ଜୁଟେଇବା ଆରମ୍ଭିଲା । ଗାଁ ଲୋକଙ୍କ ପାଖରୁ ଧୁଙ୍ଗିଆ ନେଇ ସେମାନଙ୍କୁ ଚାଉଳ ଯୋଗେଇଲା । ରଙ୍ଗାରାଓ ଆନ୍ଧ୍ରପ୍ରଦେଶର ବବ୍‌ଲି ଗାଁରୁ ଆସିଛି ବୋଲି ଗାଁ ଲୋକଙ୍କ ଦୃଷ୍ଟିଗୋଚର କଲା । ଏମିତି ସେ ବେପାର ଚଲେଇଲା । ଗାଁ ଲୋକଙ୍କ ପରି ସେ ତାର ଚାଲିଚଳଣି କଲା । ଦିନବେଳା ଅଲଗା ଅଲଗା ଗାଁ ବୁଲିଲେ ସଂଜକୁ ହାଜର ହେଇଯାଉଥିଲା ଗାଁରେ । ଲଖିଘର ଦୁଆର ପିଣ୍ଡାରେ ପ୍ରାୟଦିନ ତାର ଆସ୍ଥାନ ଜମେଇଲା । ଚାରିମାସ ପରେ ହଠାତ୍ ଦିନେ ଅଦୃଶ୍ୟ ହୋଇଗଲା ରଙ୍ଗାରାଓ ଆଉ ଫେରିଲା ନାହିଁ ।

ଧୀରେ ଧୀରେ ଲୋକ ରଙ୍ଗାରାଓକୁ ଭୁଲିବାକୁ ବସିଲେ । ଏପଟେ ଗାଁରେ ଦୁଃଖ ପହଁରିଲା ପବନରେ । ଲଖିର ସାନପୁଅ ଡିମିରି ଫଳ ତୋଳିବାକୁ ଗଛ ଚଢ଼ିଥିଲା । ହଠାତ୍ ତାର ଗୋଡ଼ ଫିସ୍‌ଲିଗଲା । ଢାଏକିନା ପଡ଼ିଲା ଗଛ ତଳେ । ଧାଇଁଆସିଲେ ଲୋକ । ଘରକୁ ଟେକିନେଲେ । ପିଲାଟା ଯେମିତି ଗଛତଳେ ପଡିଲା ଆଉ ଉଠିପାରିଲା ନାହିଁ । ପାଖ ଗାଁରୁ ବଇଦ ଡକାହେଲା । ସେ ପିଲାର ସବୁ ଅଙ୍ଗଭଙ୍ଗୀକୁ ନିରେଖି କହିଲାଯାର ମେରୁଦଣ୍ଡ : ଭାଙ୍ଗିଯାଇଛି । ସତେ ବଜ୍ରପାତ ହେଲାକି ଲଖ ମୁଣ୍ଡରେ । ତାକୁ ଚାରିଦିଗ ଦିଶିଆସିଲା ଅନ୍ଧାର । କେମିତି ଯତନେଇବ ସେ ପିଲାକୁ ଏଥର । ଏଇମିତି ଦୁଃଖ ଦଇବ ତା ଭାଗ୍ୟରେ ଜୁଟେଇଥିଲା । ତାର ପଛେ ଜୀବନ ଚାଲିଯାଇଥାଆନ୍ତା , ଦେଖି ସେ ସହିପାରୁନି । ଏଇଟା ହେଉଛି ଏମିତି ଗୋଟେ ସମିଆର କଥା ଯେତେବେଳେ ପିଲାଟାର କଷ୍ଟ କଳାହାଣ୍ଡିର ଭବାନୀପାଟଣା ଡାକ୍ତରଖାନାରେ ବି ଏଭଳି ଉପଚାରର ସୁବିଧା ନଥିଲା । ଆହୁରି କଷ୍ଟ ଥିଲା ଚିକିତ୍ସା ପାଇଁ ପଇସା ଯୋଗାଡ଼ିବା । ଯେମିତି ହେଲେ ବି ତ ଡାକ୍ତରଖାନା ନେବାକୁ ପଡ଼ିବ । ହେଲେ ପଇସାପତ୍ର ଯୋଗାଡ଼ କରିବ କେମିତିଆଶଙ୍କାରେ ବୁଡି ରହିଥିବା ବେଳେ ଅଚାନକ୍ ରଙ୍ଗାରାଓ ଆର୍ବିଭାବ ହେଲା । ଗୋଟା ଏଭଳି ଆଶା ? ଗାଁରେ କେବଳ ଏଇ ଚର୍ଚ୍ଚା ଜାରି ରହିଥିଲା ଯେ ପିଲାଟା ପୁଣି ଚାଲିପାରିବ କି ନାଇଁ । ରଙ୍ଗାରାଓ ସବୁ ଶୁଣିଲା । ଲଖିକୁ କହିଲାପଇସା ,ଗାଁର ବେଶୀ ଜମି ତ ତୋର । ମତେ କେତେ ଜମି ଲେଖି ଦେ । ଯାହା ଦରକାର ହେବ : ରା ମିଳିଲା ପରି ସାଙ୍ଗେସାଙ୍ଗ ଲଖି ରାଜି ହୋଇଗଲା । ତା ନାଁର ପନ୍ଦର ଏକର ଜମି ଦେବି ।ନିରାଶ୍ରାକୁ ସାହା ବଦଳରେ ତିନିହଜାର ଟଙ୍କା ଆଣିଲା ।ଗାଁରୁ ତନିକୋଶ ଯାଏଁ ବାଟ ନଥିଲା । ଡ଼ଂଗରିଆ ରାସ୍ତାରେ ଖଟିଆରେ ବୋହିଲେ । ଗୋଲାମୁଣ୍ଡା ଗାଁ ପାଖକୁ ପହଞ୍ଚିଲା ପରେ ହଳଗାଡ଼ି ସଜିଲ୍ ଥିଲା । ସେଇଠୁ ଶଗଡ଼ରେ କେସିଙ୍ଗା ରେଳ ଟେସନ । ଟେସନରୁ ବୁର୍ଲା । ସେଠି ଡାକ୍ତରଖାନାରେ ପନ୍ଦରଦିନ ରହିଲା ଭିତରେ ଭଲ ହେବାର ସୂଚନା କିଛ ମିଳିଲା ନାହିଁ । ତେବେ ଆଉ କିଛି ବୁଦ୍ଧିବାଟ ବି ଦିଶୁନଥିଲା । ଦିନେ ସକାଳ ବେଳା ପିଲାର ଦେହ ପୁରା ଥଣ୍ଡା ପଡ଼ିଗଲା । ତାନାକ ବନ୍ଦ । ବନ୍ଦ ହୋଇଯାଇଛି ଜୀଇଁବାର ସବୁ ,କାନ ବନ୍ଦ ,ଦେହରେ ଆଉ ପବନ ବୋହୁନାହିଁ । ଆଖି ବନ୍ଦ ’ ଏବ ସେ ପରାଣ ଛାଡ଼ିଛି । କାନ୍ଦ କାନ୍ଦ ମୁହଁରେ ଛାତି ଫଟାଇ କାନ୍ଦିପାରୁନଥିଲା ଲଖି । ରୁନ୍ଧିରାସ୍ତା । ଅତ ହେଇଯାଉଥିଲା ତାର କୋହ ।ରମେ ମଲାଦେହଟିକୁ ଗାଁକୁ ଫେରେଇ ଅଣାଗଲା । ପଇସା ଗଲାଜମି ଗଲା ଅଥଚ ,

ଜୀବନ ବି ଫେରିଲା ନାହିଁ ।ଏମିତି କୋଡ଼ିଏ ଘର ଭିତରୁ ପ୍ରତିଘରକୁ ଦୁଃଖ ଘାରିଲା । ସେ ଦୁଃଖର ପ୍ରକାର ନଥିଲା । ଆକାର ନଥିଲା । ଦୁଃଖ ସହ ଜୀବନ ବି ଚାଲିଲା ତା ବାଗରେ । ଲଖି କ୍ରମେ ତିନିପୁଅକୁ ବିଭାଘର କଲା ସେ ଦୁଃଖର ନାତିନାତୁଣୀ ଦେଖିଲା ା । ତା ସହ ଗାଁର ଜୀବନ ଜୀବିକା ବି ବଦଳିବାକୁ ଲାଗିଲା । ଗାଁରେ ସୁଖ ଅପେକ୍ଷା ଦୁଃଖ ବେଶୀ ବିସ୍ତାର କରିସାରିଥିଲା । ଏ ଭିତରେ ରଙ୍ଗାରାଓ ବି ବୟସ୍କ ସାଜିଥିଲା । ତାର ଧନ ବଢ଼ିଲାଲା । ମାନ ବି ବଢ଼ି , କେନ୍ ଆଡ଼ ,ବବା :ଜୁନାଗଡ଼ରେ ଦୁଇମହଲିଆ ଘର କରି ପିଲାଛୁଆଙ୍କୁ ସବୁ ବେପାରୀ ବନେଇ ସାରିଥିଲା । ପଛପଟୁ ମନ?ଯାଉଛୁଧରୁର ଡାକ ଶୁଣି ସେ ପ୍ରକୃତିସ୍ଥ ହେଲା । ତାକୁ କିଛି ଉତ୍ତର ନ ଫେରେଇ ଘର ଅଭିମୁଖେ ଚାଲିଲା । ତେବେ ସେ ଚାଲୁଥିବା ରାସ୍ତା ବି ଆଉ ତାର ହୋଇକି ନଥିଲା । ଏମିତି ଗୋଟେ ସମୟ ଆସିସାରିଥିଲା ଯେତେବେଳେ କଳାହାଣ୍ଡିର ଗାଁ ମାନଙ୍କରୁ ଲୋକ ସହରାଭିମୁଖୀ ହେଉଥିଲେ । ସୁପେଲ୍ ଗାଁରେ କାହାର ଆଉ ନିଜର ବୋଲି ଜମି ନଥିଲା । ସମସ୍ତଙ୍କର ଅବେଳରେ ପଇସା ଫିଙ୍ଗି ରଙ୍ଗାରାଓ ଗୋଟା ଗାଁକୁ କିଣିସାରିଥିଲା । ଯେତକ ଜାଗା ଉପରେ ଘର ବାନ୍ଧି ବସିଛନ୍ତିସାରିଥିଲା ସେଇଟା ବି ସେମାନେ ସଁପି ସାରିଛନ୍ତି ରଙ୍ଗାରାଓ ହାତରେ ବୋଲି ଲଖି ଜାଣି , ସେମାନେ ପଳେଇବାକୁ ବାଧ ହେବେ । ଯେଉଁ ଡଂଗରକୁ କାଟି କାଟି ,ଯେତେବେଳେ ରଙ୍ଗାରାଓ ଭାଗ୍ କହିବ। ସେମାନେନିର୍ମାଣିଥିଲେ କ୍ଷେତ ,ଏବେ ତାଙ୍କ ଠାରୁ ଯୋଜନ ଦୂରେ । ଯେଉଁ ମାଟିକୁ ଆବୋରି ଅର୍ଜୁଥିଲେ ଫସଲ , ରେପତ୍ର । ତାହା ଆଉ କେବେ ନ ଫେରେ । ଗାଁ ସାରା ଭର୍ତ୍ତି ହୋଇଗଲାଣି ବାଡ଼ । ଆଉ ବାଡ଼ ଭିତରେ ରହିଯାଇଛି କୁ ଗଛ । ବାଡ଼ ଭିତରେ ବନ୍ଦୀ କୋଇଲିର କୁହୁ । ବାଡ଼ ଭିତରେ ଏବେ ତାଙ୍କର ଅର୍ଜିଥିବା ବାଡ ଭିତରେ ବଢୁଛି ସଲପ୍ ସଂପତ୍ତି । ବାଡ଼ ଭିତରେ ତାଙ୍କର ଦେନୀଖୁଟା । ବାଡ଼ ଭିତରକୁ ପଶିପାରୁନି ତାଙ୍କର ହାତ । ତେବେ ଏ ଧର୍ ,ଦେବତା' କଲା । ଗୋଟା ଗାଁର ସବୁ ପୁଣି ଆଉ କିଛି ଜମି ହଡ଼ପ ,ବାଡ଼ ତିଆରିଛି ରଙ୍ଗାରାଓ । ଯେତକ ଜମି କିଣିଲା ତ କିଣିଲା ଜମି ତାର ହୋଇଗଲା । ଏବେ ସେ ଜମି ସବୁକୁ ସମତଳ କରି ବିକିବା ଆରମ୍ଭିଲା । ଅଳ୍ପଦିନ ଭିତରେ ସେ ମାଲେମାଲ୍ ହେଲା । ଆଉ ସୁପେଲ୍ ଗାଁର ଲଖି ମାଣ୍ଡିଆ ଭଳି ଲୋକ ବେଘର ହେବାକୁ ବସିଲେ ।

ଦିନେ ସେ ସମୟ ମଧ ଆସିଲା । ଆଷାଢ଼ ମାସର ଗୋଟେ ଝିପିଝିପି ସଂଜ । ଗାଁର ଲୋକମାନେ ନାଳରୁ ମାଛ ଧରି ଫେରୁଛନ୍ତି । ରଙ୍ଗାରାଓ ଗାଁବାଲାଙ୍କୁ ଚେତାବନୀ ଦେଲା ?ଗାଁ ଛାଡ଼ । ତେବେ ସେମାନେ ଯିବେ କୁଆଡ଼େ : କିନ୍ତୁ ତାଙ୍କ ଜମି ସବୁ ତ ରଙ୍ଗାରାଓ ନାଁରେ ହୋଇସାରିଛି । ଲଖି ତାତି ଉଠିଲା । ତାର ଟାଙ୍ଗିଆ କଥା କହିବାକୁ ଲାଗିଲା । ଭୟରେ ରଙ୍ଗାରାଓ ସେଦିନ ସିନା ଗାଁରୁ ପଳେଇଲା । ଦୁଇଦିନ ପରେ ପୁଲିସ୍ ପଲଟନ୍ ସହ ଆସିଲା । ବର୍ଷା ସେ ଯାଏଁ ବି ଥମିନଥିଲା । କାଦୁଅ ପଚ୍‌ପଚ୍ ବାଟରେ ଗୋଟା ଗାଁ ବିହୁଡ଼ା ସରିଥିବା କ୍ଷେତ ଭଳି ଦିଶୁଥିଲା । କନିରୁପାୟ ଥିଲେ । ନିଶ୍ଚୁପ ଥିଲା ଲଖି ମାଣ୍ଡିଆ । ଆକାଶରୁ ବର୍ଷୁଥିଲା ଧିମା ଧିମା ?ଣ ଆଉ କରନ୍ତେ ଗାଁ ଲୋକ' ଲା ଧାର ଧାର ଲୁହ ।ବର୍ଷା । ସେ ବର୍ଷା ଲୁଚେଇ ପାରୁନଥିଲା ତା ଅଦେଖା କୋହ । ଆଖିରୁ ଝରୁଥିକେମିତି ଦେଖେଇପାରିବ ଯେ ତା ପୂର୍ବପୁରୁଷର ମେଦମାଂସରେ ତିଆରିଥିବା ଏ ମାଟି ତାର କେମିତି ଦେଖେଇପାରିବ ଯେ ଏ ଝର୍ଣାର ପାଣି ତାର ଦେହରେ ବହୁଥିବା ରୁଧିର କେମିତି ଦେଖେଇପାରିବ ଯେ ଏ ଡଂଗର ତାର ବଜର ଶରୀର କେମିତି ଦେଖେଇପାରିବ ଯେ ଏ ପବନ ଖରଖର ପ୍ରଶ୍ୱାସ ତାରକେମିତି ଦେଖେଇପାରିବ ଯେ ଏ ଗଛଲତା ତାର ଧନୁତୀର ସେ କିଛି କହିଲା ନାହିଁ । କେବଳ କାନ୍ଦିଲା । କାନ୍ଦିଲା ଯେ କାନ୍ଦିଲା ଏକସ୍ୱରରେ । ସେ କାନ୍ଦ ଗଗନପବନ - ଭେଦି ଚଉଦିଗ ବ୍ୟାପିଲା । ତା କାନ୍ଦରେ ଆହୁରି ବର୍ଷିଲା ମେଘ । ନିଃସହାୟ ଦିଶୁଥିଲା ଲଖିର ମୁହଁ ।ଦୁଇହଜାର ଟିସାରିଥିଲା ।ଏକୋଇଶ ମସିହାରେ ସମଗ୍ର ସୁପେଲ ଗାଁ ଗୋଟେ ଫାର୍ମହାଉସ୍ ପାଲ୍

# ପ୍ରବନ୍ଧ ବିଭବ

# ସାଧୁ ରାମଚନ୍ଦ୍ର ଦାସଙ୍କ ସିଦ୍ଧି ଓ ସାଧନା

**ଅଧ୍ୟାପକ ଡକ୍ଟର ସୁରଞ୍ଜନ ପ୍ରଧାନ**
**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ,ଖଡ଼ିଆଳ**

ନେତ୍ର ଦ୍ୱୟରେ ବିଭୁପ୍ରେମଭକ୍ତିର ଅଞ୍ଜନ ଓ ହୃଦୟରେ ନର ନାରାୟଣ ସେବାର ସ୍ପନ୍ଦନ ନେଇ ଯିଏ ଜୀବନ ଧାରଣ କରନ୍ତି, ସେ ହେଉଛନ୍ତି ସନ୍ଥ । ସେ ବୁଦ୍ଧ ହୁଅନ୍ତ ବା ବିବେକାନନ୍ଦ, ସେ କବୀର ହୁଅନ୍ତ ବା ତୁଳସୀ ଦାସ ଅଥବା ସନ୍ଥକବି ଭୀମ ଭୋଇ । ସମସ୍ତେ ଐଶ୍ବରୀୟ ଭକ୍ତି ସହ ବିଶ୍ୱ କଲ୍ୟାଣର ମହନୀୟ ବାର୍ତ୍ତା ତାଙ୍କ ଗ୍ରନ୍ଥ,ତାଙ୍କ ଚର୍ଯ୍ୟା, ତାଙ୍କ ସାଧନା ଓ ତାଙ୍କର ଅନୁଶାସନରେ ଅମ୍ଳାନ ନବ୍ୟପୁଷ୍ପ ପ୍ରାୟ ଜାଜୁଲ୍ୟ ଜ୍ୟୋତିଦୀପ୍ତ ତଥା ଉତ୍ସାହଧର୍ମୀ । ଏହିଭଳି ମହାମୁନିଷୀଙ୍କୁ ପାଇ ବିଶ୍ୱ ବନ୍ଦନୀୟା ଭାରତୀ ବିଶ୍ୱ ଗୁରୁର ଆସନରେ ଅଳଙ୍କୃତ । ସାଂପ୍ରତିକ ସମୟରେ ମଧ୍ୟ 'ମନସା ସତତଂ ସ୍ମରଣୀୟମ୍' ମନ୍ତ୍ରରେ ଅଭିମନ୍ତ୍ରିତ ମାଆ ଭାରତୀର ଅନେକ ସନ୍ଥ ସନ୍ତାନ ଧର୍ମକୁ କର୍ମ ମନେକରି ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ସେବା ବ୍ରତର କଲ୍ଲୋଳିନୀ ଜାହ୍ନବୀକୁ ଚତୁଃର୍ଦିଗରେ ପ୍ଲାବନ କରୁଛନ୍ତି । ତନ୍ମଧ୍ୟରୁ ମହିମା ଧର୍ମର ଜଣେ ଅଲୌକିକ ସନ୍ଥ, ସିଦ୍ଧସାଧକ, ମହାନୁଚିନ୍ତକ, ମହାନୁଭାବୁକ ଓ ଦିବ୍ୟଦ୍ରଷ୍ଟା ପରମପୂଜ୍ୟ ସାଧୁ ରାମଚନ୍ଦ୍ର ବାବା ମହୋଦୟ ଚିରସ୍ମରଣୀୟ । ବିଭୁଦତ୍ତ କର୍ତ୍ତବ୍ୟ ଓ ଦାୟିତ୍ୱକୁ ପାଳନ ପୂର୍ବକ ମାନବ ସେବାର ମହନୀୟ ବ୍ରତରେ ଆପଣାର ଜୀବନର ସର୍ବସ୍ୱକୁ ସମର୍ପଣ ପୂର୍ବକ ଉଦବୁଦ୍ଧ ଭାବରେ ମହିମାମୟ ମହାପ୍ରଭୁଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଅଛନ୍ତି । ପଶ୍ଚିମ ଓଡ଼ିଶା ସ୍ଥିତ ନୂଆପଡ଼ା ଜିଲ୍ଲା ଅର୍ନ୍ତଗତ ସିନାପାଲି ବ୍ଲକ ମଧ୍ୟସ୍ଥ ଗୋର୍ଲୋ ଗ୍ରାମର ପୂତ ପବିତ୍ରମାଟି ଏକ ସୁପୁଣ୍ୟମୟୀ ତିଥିରେ ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟଙ୍କୁ ତା'ର ସ୍ୱର୍ଣ୍ଣପ୍ରସ୍ତୁ ରତ୍ନଗର୍ଭା କୋଳରେ ଧାରଣ କରି ନିଜକୁ କୃତାର୍ଥ ମନେ କରୁଛି । ବାଲ୍ୟକାଳରୁ ନିରସ ଓ ନିରାଡ଼ମ୍ବର ଜୀବନ ଯାପନ ତଥା ଈଶ୍ୱରାନ୍ୱେଷୀ ଭାବ ସ୍ୱତଃପ୍ରବୃତ୍ତ ଭାବରେ ତାଙ୍କ ହୃଦୟରେ ଜାଗ୍ରତ ହୋଇଥିବାର କଥା ଗୋର୍ଲୋ ଅଞ୍ଚଳର ବ୍ୟକ୍ତି ବିଶେଷମାନେ ସୂଚନା ପ୍ରଦାନ କରନ୍ତି । ବାବା ମହୋଦୟ ତାଙ୍କ ଅନ୍ୟ ସାଙ୍ଗସାଥିଙ୍କ ଭଳି ଚପଳମତି ଓ କ୍ରିଡ଼ାପ୍ରିୟ ନଥିଲେ । ଶିଶୁ ସୁଲଭ ହୃଦୟରୁ ହିଁ ଧ୍ୟାନ ଧାରଣା ଓ ପରମାତ୍ମା ସନ୍ଧାନର ଯଶସ୍ୱୀ ଚେତନା ବାବା ମସ୍ତିଷ୍କରେ ଉଦୟ ହୋଇଥିଲା । ସେ କେବଳ ଜାଣିବାକୁ ଚାହୁଁଥିଲେ ଯିଏ ଏଇ ସରସ ସୁନ୍ଦର ପୃଥିବୀ, ନକ୍ଷତ୍ର ରୂପୀ ମଣିମାଣିକ୍ୟ ଦୀପ୍ତ ଆକାଶ, ତୃଷା ବିନାସିନୀ ପବିତ୍ରତା ପ୍ରଦାୟିନୀ ଜଳ, ପ୍ରତି ଦିନର ନବ ସୃଜନିକା ସୂର୍ଯ୍ୟ ଓ ଶିଶୁ ମନକୁ ବୋଧ ପ୍ରଦାନ କରୁଥିବା ଚନ୍ଦ୍ରକୁ ଯେଉଁ ରହସ୍ୟମୟ ପୁରୁଷ ଗଢ଼ିଛନ୍ତି ତାଙ୍କର ରୂପଶୋଭା ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ କିପରି ହୋଇଥିବ ? ଏହିପରି ଅନେକ ବିଚିତ୍ରମୟ ଭାବନା ତାଙ୍କ ଶିଶୁ ସୁଲଭ ହୃଦୟକୁ ଆନ୍ଦୋଳିତ କରୁଥିଲା । ପରବର୍ତ୍ତୀ କାଳରେ ସେହି ବୈଚିତ୍ରମୟ ଭାବ ଓ ଭାବନା ଏକା ଆଧାତ୍ମିକ ଜିଜ୍ଞାସୁ ସୃଷ୍ଟି କରିଥିଲା । ଯାହା ଫଳରେ ପୂଜ୍ୟ ବାବା ମହୋଦୟ ସଂସାରର ସମସ୍ତ ଆସକ୍ତି ଠାରୁ ଧିରେ ଧିରେ ଦୂର ହେବାକୁ ଲାଗିଲେ । ସେ ଭୁଲିବାକୁ ଲାଗିଲେ ସମସ୍ତ ମାୟାମୋହ ବାଧାବନ୍ଧନ ଓ ସମସ୍ତ ନୈସର୍ଗିକ ମୋହମାୟାର ସଂପର୍କକୁ । କୁହାଯାଏ ଯାହାର ଐଶ୍ବରିକ

ସଂପର୍କ ସ୍ଥାପନ ହୁଏ ତାର ସାଂସାରିକ ଭାବନାର କ'ଣ ଆବଶ୍ୟକତା ? ସେମିତିବି ଏ ସଂସାର ସ୍ୱାର୍ଥର ବଶବର୍ତ୍ତୀ ହିଂସା, ଦ୍ୱେଷ ଓ ଅନେକ ଅଶାନ୍ତିରେ ପରିପୂର୍ଣ୍ଣ । ଥରେ ବିଭୁ ପଦାରବିନ୍ଦ ପ୍ରାପ୍ତ ହେଲେ ଯେଉଁ ଅନ୍ୟକ୍ତ, ଅକଳ୍ପନୀୟ, ଅକଥନୀୟ, ଅମାପ, ଅନନ୍ତ ଶାନ୍ତିର ଅନୁଭବ ହୁଏ,ତାହା କେବଳ ଅନୁଭବୀ ହିଁ ପ୍ରକାଶ କରିପାରେ । ଅନ୍ୟ କେହି ନୁହେଁ । ଏହିଭଳି ଭାବରେ ବିଭୁଦତ୍ତ ଜିଜ୍ଞାସାର ଭାବନାକୁ ସମ୍ବଳକରି ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ସ୍ୱଗୃହ ପରିତ୍ୟାଗ କରିବା ପାଇଁ ମନସ୍ତ କଲେ । ଏହି ସମୟ ଥିଲା ବାବା ମହୋଦୟଙ୍କ କିଶୋର ଅବସ୍ଥାର ପ୍ରାରମ୍ଭ ମାତ୍ର । ବାବା ମହୋଦୟଙ୍କ ଏତାଦୃଶ୍ୟ ଭାବଭଙ୍ଗିକୁ ଲକ୍ଷକରି ଜନ୍ମଦାତା ପିତାମାତା ଓ ପରିବାରବର୍ଗ ବିସ୍ମୟତା ଓ ବ୍ୟତିତା ପ୍ରକାଶକଲେ।

ଏକଦା ପରିବାରବର୍ଗ ମିଳିତ ହୋଇ ବାବା ମହୋଦୟଙ୍କୁ ପରିବାରର ଦାୟିତ୍ୱ, କର୍ତ୍ତବ୍ୟ ଏବଂ ସାଂସାରିକ ଜୀବନ ଦର୍ଶନ ସଂପର୍କରେ ଅବଗତ କରାଇବା ନିମନ୍ତେ ଯଥାସାଧ ଚେଷ୍ଟାକଲେ । କିନ୍ତୁ ବାବା ମହୋଦୟଙ୍କ ମୁଁହରେ ଥିଲା ଅଦ୍ଭୁତ ବେଦାନ୍ତ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଲିଖିତ 'ମୋହ-ମୁଦ୍ଗର'ର ସେହି ଗୋଟିଏ ଉଦ୍ଧୃତି-

"କେ ତବ କାନ୍ତା କସୌ ପୁନଃ ଅସ୍ମିନ ସଂସାର ତ ମହା ବିଚିତ୍ର ।"

(ମୋହ-ମୁଦ୍ଗର,ଶଙ୍କରାଚାର୍ଯ୍ୟ(

ଅର୍ଥାତ ଏହି ସଂସାରରେ କିଏ ତୁମ ପୁତ୍ର ? କିଏ ତୁମ ପ୍ରିୟ ? ଏହି ମରୀଚିକା ସମ ସଂସାରରେ କେହି କାହାର ନୁହେଁ । କେବଳ ସେହି ପରମେଶ୍ବର ହିଁ ସତ୍ୟ । ଏହି ଦୃଢ଼ୋକ୍ତି ଆମର ପିତାମାତାଙ୍କର ସଂସାର ଜୀବନ ଦର୍ଶନର ପ୍ରହେଳିକା ବ୍ୟର୍ଥ ସାବ୍ୟସ୍ତ ହେଲା । ପିତାମାତାଙ୍କୁ ବାସ୍ତବ ଜ୍ଞାନର ପରିଭାଷା ପ୍ରଦାନକରି ତାଙ୍କ ଆଶୀର୍ବାଦ ତଥା ଅନୁମତି ଗ୍ରହଣ ପୂର୍ବକ ବାବା ମହୋଦୟ ସ୍ୱଗୃହ ପରିତ୍ୟାଗ କଲେ । ଏହି ପରିପ୍ରେକ୍ଷୀରେ ମନେପଡ଼ିଯାଏ ଭକ୍ତି ଧର୍ମର ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ମହାମନ୍ତ୍ର ତତ୍ତ୍ୱଦ୍ରଷ୍ଟା ନାନାମୃତ ବିଚରଣକାରୀ ପରମ ପ୍ରେମମୟ ରସ ଶେଖର ଗୋପୀ ପ୍ରାଣଧନ ଶ୍ରୀକୃଷ୍ଣ ପ୍ରେମୀ ଶ୍ରୀ ଚୈତନ୍ୟଙ୍କ କଥା । ତାଙ୍କର ସନ୍ନ୍ୟାସ ସମୟରେ ତଥା ବିଦାୟର ବିଳାପ ମୁହୂର୍ତ୍ତରେ କେବଳ ଜନକ ଜନନୀ କାହିଁକି ସମସ୍ତ ନଦୀଆବାସୀଙ୍କ ନେତ୍ର ଭାବଦୀପ୍ତ ଓ ଅଶ୍ରୁବିଜଡ଼ିତ ଥିଲା । ଠିକ୍ ସେହିପରି ଭାବରେ ପ୍ରପୁଜ୍ୟ ରାମଚନ୍ଦ୍ର ବାବା ମହୋଦୟଙ୍କ ବିଦାୟ କାଳୀନ ମୁହୂର୍ତ୍ତରେ ଗୋର୍ଲୋ ଗ୍ରାମର ମାଟି ତଥା ଗ୍ରାମ୍ୟଜନଙ୍କ ନେତ୍ର ଜଳରେ ହୋଇଯାଇଥିଲା ଅଶ୍ରୁସିକ୍ତ ।

ପରମପୂଜ୍ୟ ରାମଚନ୍ଦ୍ର ବାବା ମହୋଦୟ, ଗୃହତ୍ୟାଗ କରିବା ପରେ ବିଶ୍ବ ପ୍ରଣମିତ ମହିମା ଧର୍ମର ଅନ୍ୟତମ ଧର୍ମପୀଠ ଭାବରେ ଖ୍ୟାତଲାଭ କରିଥିବା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଙ୍ଗୋମୁଣ୍ଡା ଦିବ୍ୟ ଚେତନା ମହିମା ଆଶ୍ରମର ଜଣେ ପ୍ରଜ୍ଞାନୀ ସନ୍ଥ ସାଧୁ ଜନକ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ଧର୍ମୀୟ ଜ୍ଞାନ ସାଧୁ ପ୍ରବୃତ୍ତି ଓ ସୁଦୃଢ଼ ଅନୁଶାସନ ଦ୍ବାରା ପ୍ରଭାବିତ ହୋଇ ପୂଜ୍ୟ ସାଧୁ ଜନକ ଦାସଙ୍କ ଠାରୁ ଦୀକ୍ଷାଗ୍ରହଣ କରି ବ୍ରହ୍ମମୟ ଈଶ୍ବରଙ୍କୁ ପ୍ରାପ୍ତ କରିବାର ବୈରାଗ୍ୟ ଜୀବନର ଅୟ ଆରମ୍ଭ କରିଥିଲେ । ଏହାପରେ ପୂଜ୍ୟ ସନ୍ଥ ଜନକ ଦାସ ଏବଂ ମହିମା

ଧର୍ମର ଅନ୍ୟ ସାଧୁସନ୍ଥ ମାନଙ୍କ ସମିଳିତ ହୋଇ ଉତ୍କଳ ପ୍ରଦେଶର ବିଭିନ୍ନ ସ୍ଥାନ ମାନଙ୍କୁ ପରିଭ୍ରମଣ କରି ସତ୍ୟଶାଶ୍ୱତ ମହିମା ଧର୍ମର ପ୍ରଚାର ପ୍ରସାର ସଙ୍ଗେ ସଙ୍ଗେ ଜନସମାଜର ସେବାକାର୍ଯ୍ୟ କରିବା ନିମନ୍ତେ ରାମଚନ୍ଦ୍ର ବାବା ମହୋଦୟ ନିଜକୁ ସଂପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ । ଇତି ମଧ୍ୟରେ ୨୦୦୯ ମସିହାର ଏକ ବିଷାଦଦାୟୀ କ୍ଷଣରେ ପୂଜ୍ୟ ରାମଚନ୍ଦ୍ର ବାବା ମହୋଦୟଙ୍କ ଆଦ୍ୟଗୁରୁ ପରମପୂଜ୍ୟ ସନ୍ଥ ସାଧକ ଜନକ ଦାସ ବାବା ମହୋଦୟଙ୍କ ଦେହାବସାନ ଘଟିଲା । ଜ୍ଞାନଦାତା ଆଦ୍ୟଗୁରୁଙ୍କ ହାତ ଛାଡ଼ିବା ପରେ ଯଦିଓ ବାବା ମହୋଦୟ ଶୋକ ସନ୍ତପ୍ତ ହୋଇପଡ଼ିଲେ ତଥାପି ସେହି ଗୁରୁଙ୍କ ପଦାରବିନ୍ଦ ସ୍ମରଣ ପୂର୍ବକ ବୈରାଗ୍ୟ ଜୀବନର ଅବଶିଷ୍ଟାଂଶ କାଳକୁ ପୂର୍ବଦତ୍ତ ଅତିବାହିତ କରିବା ପାଇଁ ନିଜକୁ ପ୍ରସ୍ତୁତ କଲେ ।

ଏହିଭଳି ଭାବରେ ଦୀର୍ଘ ସମୟଧରି ବୈରାଗ୍ୟ ଜୀବନ ଅତିବାହିତ କରିବା ପରେ ପରମ କାରୁଣିକ ମହିମାମୟ ମହିମାସ୍ୱାମୀଙ୍କ ଶୁଭାଶିଷ ଲାଭକରି ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ମହିମା ଧର୍ମର ଆଦ୍ୟସ୍ଥଳୀ ମହିମାଗାଦି ଯୋରନ୍ଦାର ପୂର୍ଣ୍ଣ ପବିତ୍ର ମାଟିରେ ୨୦୧୦ ମସିହାର ପବିତ୍ର ମୁହୂର୍ତ୍ତରେ ପୂଜ୍ୟପାଦ ବ୍ରହ୍ମାବଧୂତ ଭଗବାନ ବାବା ମହୋଦୟଙ୍କ ଆର୍ଶୀବାଦିଷ୍ଟ କର କମଳରୁ ଡୋର କୌପୀନ ଧାରଣ କରି ସାଧୁ ରାମଚନ୍ଦ୍ର ଦାସ ନାମରେ ନାମିତ ହୋଇଥିଲେ । ସତ୍ୟ ଶାସ୍ୱତ ଚିର ପବିତ୍ର ମହାନ ମହିମା ଧର୍ମର ଏହି ଅଦ୍ଭୁତ ପୂର୍ବ ପରିଚୟ ସ୍ୱରୂପ ଡୋର କୌପୀନ ଧାରଣ କରିବା ପରେ ତାଙ୍କର ଜୀବନ ଚର୍ଯ୍ୟାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ତତପଶ୍ଚାତ ବାବା ମହୋଦୟ ଅର୍ଣ୍ଣ ବ୍ୟଞ୍ଜନାଦି ପାକଖାଦ୍ୟ ପରିହାରକରି ପ୍ରକୃତି ଜନନୀର ସଦ୍ୟ ପ୍ରଦତ୍ତ ଫଳମୂଳ ଆହାର ପୂର୍ବକ ଜୀବନ ଅତିବାହିତ କରୁଅଛନ୍ତି । ବାବା ମହୋଦୟ ଉତ୍କଳ ପ୍ରଦେଶ ଅନ୍ତର୍ଗତ ବିଭିନ୍ନ ସ୍ଥାନତଥା ଭାରତ ବର୍ଷର  ନାନାଦି ପ୍ରାନ୍ତ ଯଥା -ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାପ ଆଦି ରାଜ୍ୟ ମାନଙ୍କର ବିଭିନ୍ନ ଅଞ୍ଚଳରେ ପରିଭ୍ରମଣ ପୂର୍ବକ ପରମ କୃପାମୟ ଶ୍ରୀଗୁରୁ ମହିମା ସ୍ୱାମୀଙ୍କ ଦିବ୍ୟ ସନ୍ଦେଶ ପ୍ରଚାର ସଙ୍ଗେ ସଙ୍ଗେ ଦୁଃଖୀଜନର କଲ୍ୟାଣ ତଥା ଶୁଭାଶିଷ ପ୍ରଦାନ କରୁଅଛନ୍ତି ।

ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟଙ୍କ ଅଲୌକିକତାକୁ ଯେଉଁମାନେ ସ୍ୱଚକ୍ଷୁରେ ଦର୍ଶନ କରିଛନ୍ତି ଓ ଜୀବନରେ ଅନୁଭବ କରିଛନ୍ତି, ସେମାନେ ହିଁ ତାଙ୍କ ବିସ୍ତୀର୍ଣ୍ଣ ଅଲୌକିକତାର ଶକ୍ତିକୁ ନିଜ ଅନ୍ତରରେ ହୃଦୟଙ୍ଗମ କରିପାରିଛନ୍ତି । ଆପଣାର ସିଦ୍ଧି ଓ ସାଧନା ଶକ୍ତି ମାଧ୍ୟମରେ ବାବା ମହୋଦୟ ଅନେକ ବ୍ୟକ୍ତି ବିଶେଷଙ୍କୁ ଦୁରୂହ ରୋଗ ଓ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିଛନ୍ତି । ଏଥି ସହିତ ତାଙ୍କ ଅଲୌକିକିତାରେ ନିଃସନ୍ତାନ ପାଇଛି ସନ୍ତାନର ଅପୂର୍ବ ଆନନ୍ଦ । ନିରାଶ ମନରେ ଭରି ଯାଇଛି ଅସରନ୍ତି ସ୍ମିତହାସ୍ୟ । ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ଆର୍ଯ୍ୟବର୍ତ୍ତର ବିଭିନ୍ନ ପ୍ରାନ୍ତରେ ଚିରବନ୍ଦିତ ଚିରପ୍ରଣମିତ ପ୍ରବୃଦ୍ଧ ଗୁରୁ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ବାଲ୍ୟଲୀଳା ଓ ମହିମା ଧ୍ୱନିମାନ ସ୍ଥାପନ କରି ଶୂନ୍ୟ ମହିମା ଗୋସାଇଁଙ୍କ ନାମ ଓ ଦର୍ଶନତତ୍ତ୍ୱ ପ୍ରଚାର ପୂର୍ବକ ବ୍ରହ୍ମଜ୍ଞାନ ଆନନ୍ଦମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ବେଶ ସହାୟକ ହୋଇଛନ୍ତି । ପୂଜ୍ୟପାଦ ବାବା ମହୋଦୟ ସୁନାବେଡ଼ା ଅଭୟାରଣ୍ୟର ଏକ ପର୍ଣ୍ଣ କୁଟୀରରେ ପରଂବ୍ରହ୍ମ ପରମେଶ୍ୱରଙ୍କୁ ଚିନ୍ତନ ପୂର୍ବକ ଧ୍ୟାନସ୍ଥ ହୁଅନ୍ତି ଏବଂ ଆତ୍ମସମୀକ୍ଷା ମଧ୍ୟ କରନ୍ତି । ନିଶି ଦିବସର ଶରଣ, ଦର୍ଶନ, ପ୍ରାର୍ଥନା ତଥା ଜଗତର ଭଗତଙ୍କର ମଙ୍ଗଳ କାମନାର ଧ୍ୱନିରେ ସ୍ଥାନଟି ବେଶ ମୁଖରିତ ।

ସତ୍ୟ ଶାସ୍ବତ ମହିମାଧର୍ମ ଚିର ପ୍ରଣମ୍ୟ କେବଳ ତାର ଧର୍ମ ପ୍ରଚାର ପାଇଁ ନୁହେଁ ପରନ୍ତୁ ତା'ର ସାହିତ୍ୟ ସାଧନା ପାଇଁ ମଧ୍ୟ ସେ ବିଶ୍ୱ ବନ୍ଦିତ । ସେ ସନ୍ଥକବି ଭୀମ ଭୋଇ ହୁଅନ୍ତୁ ଅଥବା ଅନ୍ୟାନ୍ୟ ମହିମା ସାଧୁ ସନ୍ଥ ହୁଅନ୍ତ ସମସ୍ତେ ସାହିତ୍ୟର ଜ୍ଞାନଦୀପ୍ତ ସ୍ପର୍ଶରେ ବେଶ ଚଳଚଞ୍ଚଳ ଏବଂ ସମସ୍ତଙ୍କ ଲେଖନୀରୁ ଝରିଆସିଛି ବ୍ରହ୍ମ ସାଧନା ଓ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱକୁ ଆଧାର କରି ଅନେକ ଅମୃତମୟ ରଚନାମାନ ମହିମା ଧର୍ମର ସୁସମୃଦ୍ଧ ସାହିତ୍ୟ ପଥହୁଡ଼ା ମଣିଷକୁ ପଥ ଦେଖାଇଛି ଏବଂ ଜନ୍ମ ଦେଇଛି ଅନେକ ସାଧୁ ସନ୍ଥକୁ । ମହିମା ଧର୍ମୀୟ ସାହିତ୍ୟ ସେହି ଅକଳ୍ପନୀୟ ଅବ୍ୟକ୍ତ ତତ୍ତ୍ୱକୁ ସାହିତ୍ୟର ଶବ୍ଦେ ଶବ୍ଦେ,ପଦେପଦେ ବୋଧଗମ୍ୟ କରାଇଛି ସମଗ୍ର ବିଶ୍ୱବାସୀଙ୍କୁ । ଏ ଅମୃତଦାୟିନୀ ସାହିତ୍ୟକୁ ସୁସମୃଦ୍ଧ କରିବା ନିମନ୍ତେ ପୂଜ୍ୟପାଦ ସାଧୁ ରାମଚନ୍ଦ୍ର ବାବା ମହୋଦୟଙ୍କ ଅକ୍ଳାନ୍ତ ପରିଶ୍ରମ ଅବସ୍ମରିତବ୍ୟ । ପୂଜ୍ୟ ବାବା ମହୋଦୟ ସାହିତ୍ୟିକ ଆସନ ବିମଣ୍ଡିତ ହେବା ନିମନ୍ତେ ସାହିତ୍ୟ ରଚନା କରି ନାହାଁନ୍ତି । ବରଂ ତାଙ୍କର ଅଭିଜ୍ଞତା, ଅନୁଭୂତି ଓ ଧର୍ମ ପ୍ରଚାରର ଏକ ସ୍ତମ୍ଭରୂପେ ବାଛି ନେଇଛନ୍ତି ସାହିତ୍ୟ ରଚନାକୁ । ବାବା ମହୋଦୟଙ୍କ ପ୍ରକାଶିତ କବିତା ଅପେକ୍ଷା ଅପ୍ରକାଶିତ କବିତା ଅଧିକ । ତାଙ୍କର ରଚନା ଗୁଡ଼ିକ ମଧ୍ୟରେ 'ବ୍ରହ୍ମଦେଖ ସବୁଠାରେ', ' ରଜନୀ ପାହିଲା ପ୍ରଭୁ' ଓ ସେବା ହିଁ ପରମ ଧର୍ମ' ଇତ୍ୟାଦି କବିତାମାନ ବହୁ ପାଠକୀୟ ଶ୍ରଦ୍ଧାଲାଭ କରିଅଛି ।

ବାବା ମହୋଦୟଙ୍କ ରଚିତ 'ବ୍ରହ୍ମଦେଖ ସବୁଠାରେ' କବିତା ଏକ ତାତ୍ତ୍ୱିକ ଜ୍ଞାନର ପରିଭାଷା ମୂଳକ ରଚନା । ସେହି କବିତାରେ ସମଗ୍ର ଜୀବଜଗତର ଅଣୁ ଅଣୁରେ ବ୍ରହ୍ମ ଦର୍ଶନର ଅନୁଭୂତିକୁ ସୂକ୍ଷ୍ମାଦିସୂକ୍ଷ୍ମ ଭାବରେ ଦର୍ଶାଇଛନ୍ତି । ଉକ୍ତ କବିତାରେ ପୂଜ୍ୟପାଦ ବାବା ମହୋଦୟ ବିଭିନ୍ନ ବିଷୟାଶକ୍ତ ଜନସମାଜକୁ ନିଜର ମନରୂପୀ ଜାଳରେ ସମଗ୍ର ବିଶ୍ୱ ପରିକ୍ରମାର ଆହ୍ୱାନ ଦେଇଛନ୍ତି । ତାଙ୍କ ଅନୁସାରେ ହେ ବିଷୟାବିମୋହିତ ମାନବଗଣ ନିଜର ଅନ୍ତର ଦୃଷ୍ଟିରେ ଥରେ ସମଗ୍ର ବିଶ୍ୱ ବୁଲିଆସ, ତୁମ ଦିବ୍ୟ ଦୃଷ୍ଟିରେ ଦେଖିବାକୁ ପାଇବ ଅନେକ ଅନ୍ତରୀକ୍ଷର ନୀଳ ନିଲାଭ କାନ୍ତିରେ ସାହସ୍ରାଂଶୁ ଚନ୍ଦ୍ରକୁ ସ୍ପର୍ଶକରି ତୁମେ ଦିଗ ବିଦିଗରେ ବ୍ରହ୍ମକୁ ପାଇବ । ପୁନଶ୍ଚ ନବ ନକ୍ଷତ୍ର ମାନଙ୍କ ମଧ୍ୟରେ ଯେଉଁ ପ୍ରଭୁ ଜ୍ୟୋତିଷ୍କ ଭରି ଦେଇଛନ୍ତି, ସେହି ପ୍ରଭୁଙ୍କୁ ଚିହ୍ନି ପାରିବ । କେବଳ ତୁମକୁ ଦିବ୍ୟ ଦୃଷ୍ଟିର ଆବଶ୍ୟକତା ରହିଛି । ସେହି ପ୍ରସଙ୍ଗକୁ ଭିତ୍ତିକରି ବାବା ମହୋଦୟଙ୍କ ସୁଧାଶ୍ରାବୀ ଲେଖନୀରୁ ଝରି ଆସିଛି କୋମଳ ସରଳ ତରଳ ପଦାବଳୀ । ତାଙ୍କ ଭାଷାରେ -

" ଅନନ୍ତ ବ୍ରହ୍ମାଣ୍ଡଭୂମି ଅନ୍ତରୀକ୍ଷ ଦିଗ ଘେନି ଅନନ୍ତ କ୍ଷିତି ପର୍ଯ୍ୟନ୍ତ ବ୍ରହ୍ମ ବ୍ୟାପିତ,
ଅନନ୍ତ ସୃଜନୀଯାକ ଆକାଶ ବାୟୁ ଓ ଆପ
ତାପ ପ୍ରଶମନକାରୀ ବ୍ରହ୍ମ ବିଦିତ । ଦିବ୍ୟ ଦୃଷ୍ଟେ ଦେଖ ହେ ନରେ ଏକ ବ୍ରହ୍ମ ପୁରିଛନ୍ତି ସାରା ବିଶ୍ୱରେ ।"

(ବ୍ରହ୍ମ ଦେଖ ସବୁଠାରେ, ପଦ ସଂଖ୍ୟା- ୧ (

ବ୍ରହ୍ମଙ୍କର ବିସ୍ତୀର୍ଣ୍ଣ ପରିବ୍ୟାପ୍ତି ସଚରାଚର ଜୀବଜଗତରେ ତାଙ୍କ ଅଖଣ୍ଡ ଆଧିପତ୍ୟ ଓ ସୁଅନୁଶାସନର ଗାଥାଗାନ କରିଥାଏ । ସମସ୍ତଙ୍କ ହୃଦୟରେ ସେହି ଚିର ଶାସ୍ୱତ ବ୍ରହ୍ମ ଜୀବାତ୍ମା ଭାବରେ ପରିପୂର୍ଣ୍ଣ ସ୍ବରୂପରେ ବିରାଜମାନ

କରିଅଛନ୍ତି । ଏହି ବ୍ରହ୍ମଙ୍କୁ ବହିର୍ଭୁତ ଭାବରେ ଦର୍ଶନ ନକରି ଅନ୍ତଃର୍ମନରେ ଦର୍ଶନ କଲେ ଓ ସମୀକ୍ଷାୟନ କଲେ ସେହି ପ୍ରାଣପ୍ରିୟ ପ୍ରଭୁଙ୍କ ସୂକ୍ଷ୍ମ ରୂପକୁ ଆମେ ଦର୍ଶନ କରିପାରିବା ।

ସେହି ପରଂବ୍ରହ୍ମ ପରମେଶ୍ୱର ହେଉଛନ୍ତି ଜ୍ଞାନର ସ୍ୱୟଂରୂପ ଏବଂ କରୁଣାର ଗଭୀର ସାଗର । ସେ ତତ୍ତ୍ୱଦର୍ଶୀ ମାନଙ୍କ ନିମନ୍ତେ ସରଳ ଓ ବୋଧଗମ୍ୟ । ତାଙ୍କର ଜାଜୁଲ୍ୟମାନ ମହାଜ୍ୟୋତି ସତ ସୂର୍ଯ୍ୟର ରଶ୍ମିକୁ ମ୍ଳାନ କରିଦେଇ ସର୍ବତ୍ର ପ୍ରକାଶମାନ । ସେହି ବ୍ରହ୍ମ ହିଁ ଇନ୍ଦ୍ରଧନୁର ସପ୍ତରଙ୍ଗ, ସେହି ବ୍ରହ୍ମ ହିଁ ଦୁଃଖରେ ଧୈର୍ଯ୍ୟ ଓ ଆତ୍ମିକ ଆନନ୍ଦରେ ହର୍ଷତାର ଅନୁଭବ । ବେଦ ଓ ପୁରାଣ ଯେଉଁ ବ୍ରହ୍ମଙ୍କର ରୂପ, ଗୁଣ ଓ ମହିମାକୁ ବର୍ଣ୍ଣନା କରିନପାରି କେବଳ ତତ୍ତ୍ୱମସୀ ବୋଲି ହାତ ଟେକିଦେଲା । ସେହି ଅବ୍ୟକ୍ତ ଗୁଣଗାନ କିଏବା କରିପାରିବ । ସେ ନିଜେ ନିଜର ପରିଚୟ, ନିଜେ ନିଜର ତୁଳନା । ସେହି ବ୍ରହ୍ମ ଅଦୃଶ୍ୟ ଭାବରେ ଜଡ଼ଠାରୁ ଆରମ୍ଭକରି ଚେତନ ପର୍ଯ୍ୟନ୍ତ କୋଣେ ଅନୁକୋଣେ ପରିବ୍ୟାପ୍ତ । ଏଠାରେ ପୂଜ୍ୟପାଦ ବାବା ମହୋଦୟଙ୍କ ସ୍ବରଚିତ କବିତାର ପଦ ଉଲ୍ଲେଖନୀୟ କରିଛନ୍ତି-

" କରୁଣା ବରୁଣାଳୟ ଭକ୍ତ ଆଶ୍ରିତ ହୃଦୟ
ମହାଜ୍ୟୋତି ମହାଶକ୍ତି ଅପୂର୍ବ ତେଜ
ତତ୍ତ୍ୱସୂତ୍ରେ ଜ୍ଞାନୀଜନ ଯା'କୁ କରନ୍ତି ଦର୍ଶନ
ଯା'କଥା ବଣ୍ଠ ନପାରେ ପୁରାଣ ବେଦ
ଅବ୍ୟକ୍ତ ସେ ବ୍ରହ୍ମ ଅଟଇ ଲୁକାୟୀତ ଭାବେ ରହି ଦେଖାନଦେଇ ।"

(ବ୍ରହ୍ମଦେଖ ସବୁଠାରେ, ପଦ ସଂଖ୍ୟା - ୨(

ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ଉକ୍ତ କବିତାରେ ମୋହଗ୍ରସ୍ତ ସଂସାର ଜନମାନଙ୍କୁ ଆହ୍ୱାନ କରି କହିଛନ୍ତି । ହେ ଆତ୍ମନ୍ ଏହି ବ୍ରହ୍ମମୟ ଚତୁଃର୍ଦିଗକୁ ଦର୍ଶନ କର, ପୂର୍ବ ଓ ପର ଜନ୍ମର ଜ୍ଞାତବ୍ୟ ଓ ଅଜ୍ଞାତ ସମସ୍ତ ପାପ ଅପସାରିତ ହେବ । ଅନ୍ୟଥା କଥାରେ ନିଜ ଚିତ୍ତ ବୃତ୍ତିକୁ ସ୍ଥିର ନରଖି ସେହି ମହିମାମୟ ଜଗତ ପ୍ରଭୁଙ୍କ ଅଭୟ ପଦାରବିନ୍ଦରେ ନିଜର କାୟ ମନବାକ୍ୟକୁ ସମର୍ପଣ ପୂର୍ବକ ସତ୍ୟ ପଥର ପଥିକ ହେବା ସଙ୍ଗେ ସଙ୍ଗେ ନାନାବିଧ ସାଧୁ ସନ୍ଥଙ୍କ ସାନିଧ ଲାଭ କର । ଏହା ହିଁ ହେଉଛି ଜୀବନ ମୁକ୍ତି ପଥର ଏକ ମାତ୍ର ବିକଳ୍ପ ଓ ଏକ ଶ୍ରେଷ୍ଠ ମାଧ୍ୟମ ।

କେବଳ ସେତିକି ନୁହେଁ ବାବା ମହୋଦୟ ଉକ୍ତ କବିତାରେ ପଞ୍ଚଭୌତିକ ତତ୍ତ୍ୱରେ ବ୍ରହ୍ମଙ୍କର ସଗୁଣ ଓ ନିର୍ଗୁଣ ଉପସ୍ଥିତିକୁ ସମୀକ୍ଷାୟନ ପୂର୍ବକ ଏକ ବୈଚିତ୍ର ରୀତିରେ ବର୍ଣ୍ଣନାତ୍ମକ ସୃଜନୀକାରେ ସଚରାଚର ଜୀବଜଗତକୁ ଜଣାଇବାର ପ୍ରୟାସ କରିଛନ୍ତି । ବାବା ମହୋଦୟ କୁହନ୍ତି - ମହିମାମୟ ପରଂବ୍ରହ୍ମ ଶରୀର ସତ୍ତାରେ ପ୍ରାଣ ସ୍ବରୂପ ପୃଥିବୀର ଭୂ-ଭାଗରେ ସକଳ ଜୀବଜଗତର ପଦାଘାତକୁ ସହ୍ୟ କରୁଥିବା ବଜ୍ରାତିବଜ୍ର, କଠିନାତି କଠିନ ଅଥଚ କୋମଳ ହୃଦୟି ସହ୍ୟ ସ୍ୱରୂପ । ପରଂବ୍ରହ୍ମ ପରମେଶ୍ୱର ଅଗ୍ନିର ଉତ୍ତାପ ଓ ଦାହିକା ଶକ୍ତି ରୂପେ ବିଦ୍ୟମାନ

। ସେ ହିଁ କଲ୍ଲୋଳିନୀ ସ୍ୱଚ୍ଛ ସ୍ନିଗ୍ଧ ଜଳର ଶୀତଳତା, ସେ ହିଁ ଯୋଜନ ଯୋଜନ ବ୍ୟାପି ବିସ୍ତୀର୍ଣ୍ଣ ଆକାଶର ଶୁଭ୍ର ଜ୍ୟୋତି, ସେ ହିଁ ବସନ୍ତମୟ ମଳୟସ୍ପର୍ଶ । ଏହି ପରିପ୍ରେକ୍ଷୀରେ ଭକ୍ତି ନିର୍ଝରିଣୀ କବିତାମୃତର ସେହି ଅମୀୟ ନିର୍ଝର ପଦାବଳୀ ଯାହାକି ପୂଜ୍ୟ ବାବା ମହୋଦୟଙ୍କ ଦ୍ୱାରା ପ୍ରଣୀତ ବାବା ମହୋଦୟଙ୍କ ଭାଷାରେ-

" ପଞ୍ଚଭୂତରେ ବିଚାର ଜଳର ଶୀତଳଗୁଣ ବ୍ରହ୍ମଙ୍କ ରୂପ ପ୍ରକାର
ଅନଳେ ଉତ୍ତାପ ରୂପେ ଘେନ ବିବୁଧ,
ଜଳର ଶୀତଳ ଗୁଣ ପରଂବ୍ରହ୍ମଙ୍କ ଲକ୍ଷଣ
ଆକାଶେ ଶୁକ୍ଳ ଆଲୋକ ରୂପେ ବିରାଜ
ପବନରେ ମଳୟରୂପ କ୍ଷିତିରେ ମୃତ୍ତିକା ରୂପେ ସହ୍ୟ ସ୍ୱରୂପ ।"

(ବ୍ରହ୍ମଦେଖ ସବୁଠାରେ, ପଦ ସଂଖ୍ୟା -୪(

ବହୁ ବର୍ଣ୍ଣନା ଓ ବହୁ ଦର୍ଶନ ହେଉଛି ଜ୍ଞାନର ଜନନୀ । ବହୁ ପରିଶ୍ରମରୁ ମିଷ୍ଟାନ୍ନ ପ୍ରାପ୍ତହୁଏ ବୋଲି ବିଜ୍ଞଜନମାନେ ମତ ପ୍ରକାଶ କରନ୍ତି । ବାସ୍ତବିକ ଏହା ସତ୍ୟ ଯେ ଯେ କୌଣସି କାର୍ଯ୍ୟ ଅଦମ୍ୟ ଉଦ୍ୟମ ଓ ଅବିରତ ସାଧନା ବଳରେ ହିଁ ସାର୍ଥକତା ଲାଭ କରିଥାଏ । ଠିକ୍ ସେହି ନ୍ୟାୟରେ ସଂସାର ସର୍ବଶ୍ରେଷ୍ଠ ଅମୂଲ୍ୟ ସମ୍ପତ୍ତି ଅର୍ଥାତ ଐଶ୍ୱରୀୟ ଗୁଣ ସମ୍ପଦକୁ ପ୍ରାପ୍ତ କରିବା ନିମନ୍ତେ ଉଭୟ ଶାରିରୀକ ଓ ମାନସିକ ସ୍ତରରେ କଠୋର ସାଧନ ଅବଲମ୍ବନ କରିବାକୁ ପଡ଼ିଥାଏ । ଯେପରି ଗଭୀର ଖନନ ଦ୍ୱାରା ସରସ ସୁନ୍ଦର ସ୍ନିଗ୍ଧ ସ୍ୱଚ୍ଛ ସୁବାସିତ ଜଳ ପ୍ରାପ୍ତ ହୋଇ ଜନ ମାନସର ତୃଷାରୂପୀ ବ୍ୟଥାକୁ ନିବାରଣ କରିଥାଏ । ଠିକ୍ ସେହିପରି ଅନୁରୂପ ଭାବରେ ଆମେ ଯଦି ବ୍ରହ୍ମଙ୍କୁ ଧ୍ୟାନର ସହକାରେ ମନନ କରିବା, ଜପନ କରିବା, ଭଜନ କରିବା,ତାଙ୍କୁ ପାଇବାର ଆଶା ପୋଷଣ କରିବା । ଅନିତ୍ୟ ସଂସାରର ବିଷୟ କାମନା ବାସନା ରୂପୀ କାର୍ଯ୍ୟକୁ ପରିହାର ପୂର୍ବକ କେବଳ ଏକ ବ୍ରହ୍ମର ଗବେଷଣାରେ ଲାଗି ପଡ଼ିବା ତେବେ ନିଶ୍ଚିତ ଭାବରେ ଅଖଣ୍ଡାନନ୍ଦ ବୋଧଦାୟକ ପରଂବ୍ରହ୍ମଙ୍କ ଦର୍ଶନ ଲାଭ କରିପାରିବା ଏବଂ ଯେଉଁ ଧାମରେ ସମସ୍ତ ଅଶାନ୍ତିର ବିଳୟ ଘଟେ, ଯେଉଁ ଧାମରେ ସମସ୍ତ କୁଣ୍ଠାର ବିଗତ ଘଟେ, ସେହି ପରମ ପ୍ରେମମୟ ଅପୂର୍ବ ଆଲୋକରେ ଉଦ୍ଭାସିତ ମହିମାମୟ ମହପ୍ରଭୁଙ୍କର ପବିତ୍ର ଅନନ୍ତ ଧାମକୁ ଗମନ କରିପାରିବା ।

ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ସମଗ୍ର ଜନସାଧାରଣଙ୍କୁ ଆହ୍ୱାନ କରି କହିଛନ୍ତି - ହେ ଈଶ୍ବରଙ୍କ ଶ୍ରେଷ୍ଠତମ ସନ୍ତାନଗଣ ତୁମ୍ଭେମାନେ ସ୍ରଷ୍ଟାଙ୍କ ଦୟାରୁ ଦିବ୍ୟଦୃଷ୍ଟି ଲାଭ କରିଅଛ । କେବଳ ତୁମ୍ଭମାନଙ୍କ ଅନ୍ତର ସମୀକ୍ଷା ବା ଆତ୍ମସମୀକ୍ଷା ବାକି ରହିଅଛି । ତେଣୁ ତୁମ୍ଭେମାନେ ନିଜ ଭିତରେ ସେହି ବ୍ରହ୍ମ ଚେତନାକୁ ଜାଗ୍ରତ କରି ପୂର୍ଣ୍ଣ ପରଂବ୍ରହ୍ମ ପରମାତ୍ମାଙ୍କ ଦର୍ଶନ କର । ଯେଉଁ ଅଦୃଶ୍ୟ ପଦାରବିନ୍ଦରେ ଶୁଦ୍ଧପୁତ ପବିତ୍ର ମହିମା ଧର୍ମର ଚିରପୂଜ୍ୟ ଓ ଚିରନମସ୍ୟ ସନ୍ଥକବି ଭୀମ ଭୋଇ ସୁକାୟା ମନବାକ୍ୟ ତଥା ସମଗ୍ର ସମର୍ପଣ କରି ସେହି ଅଭୟ ପାଦପଦ୍ମକୁ ସ୍ପର୍ଶ କରିବାର ଅହୋଭାଗ୍ୟ ଲାଭ କରିଥିଲେ । ସେହି ପରମାନନ୍ଦ ବିଶ୍ବଗୁରୁ ବିଶ୍ବସ୍ରଷ୍ଟା ଜୀବନର

ଆଧାର ସ୍ବରୂପ ସମଗ୍ର ବିଶ୍ବ ନିର୍ଦ୍ଦେଶକଙ୍କ ପଦ ଦ୍ଵୟରେ ନିଜକୁ ନିୟୋଜିତ କରିବା ନିମନ୍ତେ ପୂଜ୍ୟ ବାବା ମହୋଦୟ ସମଗ୍ର ବିଶ୍ବବାସୀଙ୍କୁ ଆହ୍ଵାନ କରିଛନ୍ତି । ତେଣୁ ବାବା ମହୋଦୟ ଆନନ୍ଦ ଭାବ ଗଦଗଦିତ ହୋଇ ଗାଇଉଠିଛନ୍ତି-

" ଚିତ୍ତେ ବ୍ରହ୍ମ ପାଦଧ୍ୟାୟୀ ସନ୍ଥକବି ଭୀମ ଭୋଇ
ନିର୍ଭିଘ୍ନରେ ତରିଗଲେ କୂପ ମଧ୍ୟରୁ
ବ୍ରହ୍ମଦୃଷ୍ଟି ଦିଅ ମନରେ ଧ୍ୟାନକର ସମାଜରେ
ତେବେ ଯେ ପାଇବ ମୁକ୍ତି ବ୍ରହ୍ମ କୃପାରୁ ।
ସେ ଚରଣେ ଦେଇଣ ଚିତ୍ତ
ଲାଭକର ସୁଧୀଜନେ ଧର୍ମର ବିତ୍ତ ।"

(ବ୍ରହ୍ମଦେଖ ସବୁଠାରେ, ପଦ ସଂଖ୍ୟା-୬(

ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ତାଙ୍କ ସ୍ବରଚିତ 'ରଜନୀ ପାହିଲା ପ୍ରଭୁ "ଶୀର୍ଷକସ୍ଥ କବିତାରେ ମହିମାମୟ ମହାପ୍ରଭୁଙ୍କୁ ସଭକ୍ତି ଅଭିବାଦନ ଜ୍ଞାପନ ପୂର୍ବକ ଶୁନ୍ୟସତ୍ତା ପରମେଶ୍ବରଙ୍କୁ ସୁପ୍ରଭାତ ଆଗମନର ସବିନମ୍ର ସୂଚନା ପ୍ରଦାନ କରିଅଛନ୍ତି । ସେ ତାଙ୍କ କବିତାରେ ପ୍ରକୃତିର ଜୀବମାନଙ୍କୁ କରିଛନ୍ତି ବାକ ଶକ୍ତି ସମ୍ପର୍ଣ୍ଣ । ପୁନଶ୍ଚ ଚେତନକୁ କରିଛନ୍ତି ନବ ପ୍ରାଣଦୀପ୍ତ । କବିତାନୁସାରେ ରାତ୍ରୀର କୃଷ୍ଣ ବସ୍ତ୍ରକୁ ଅପସାରିତ କରି ଶୁଭ୍ର ବସ୍ତ୍ର ପରିଧାନ କରିବା ନିମନ୍ତେ ଆକାଶ ନିଜକୁ କରୁଛି ପ୍ରସ୍ତୁତ । ଏହିପରି ଏକ ନିସ୍ତବ୍ଧ ଅଥଚ ଆଧାତ୍ମିକ ପୂର୍ଣ୍ଣକ୍ଷଣରେ ବାବା ମହୋଦୟ ଗୁରୁ ମହିମା ଗୋସାଇଁଙ୍କ ଶୂନ୍ୟଶର୍ଯ୍ୟା ପରିତ୍ୟାଗ ପୂର୍ବକ ଉତିଷ୍ଠ ହୋଇ ନିଜର ସଦୟ ନୟନରେ କରୁଣା ବୃଷ୍ଟି ପୂର୍ବକ ତ୍ରୈଲୋକ୍ୟର ମଙ୍ଗଳ ବିଧାନ ନିମନ୍ତେ ନିବେଦନ ପ୍ରାର୍ଥନା ଜଣାଇଛନ୍ତି । ବାବା ମହୋଦୟଙ୍କ ଭାଷାରେ-

'ଉଠ ଦୟାମୟ ନିଶିହେଲା କ୍ଷୟ
ସଦୟ ନୟନେ ଚାହ ବାରେ,
ଗାଏ ବିହଙ୍ଗ ମଧୁର ସଂଗୀତ
ତୁମ୍ଭ ଗୁଣ ପ୍ରାର୍ଥନାର ସ୍ୱରେ ।"

( କବିତା -ରଜନୀ ପାହିଲା ପ୍ରଭୁ(

ପୂଜ୍ୟ ବାବା ମହୋଦୟ ଆନତମସ୍ତକ ଓ ପ୍ରଣତ ମୁଦ୍ରାରେ ଚଳଚଞ୍ଚଳ ପ୍ରଭାତର ଦୃଶ୍ୟକୁ ବର୍ଣ୍ଣନା ପୂର୍ବକ ଜଗତ ଭଗତମାନଙ୍କର ପ୍ରତନିଧି ଭାବରେ ସୁପ୍ରଭାତ କାଳୀନ ଦୃଶ୍ୟକୁ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନାକରି ସାଧୁସନ୍ଥ ଜନମାନଙ୍କ ଶରଣ ଦର୍ଶନ ଓ ବିଶ୍ଵ କଲ୍ୟାଣର ନିଷ୍କାମ ପ୍ରାର୍ଥନାକୁ ତାଙ୍କ କବିତାର ଶବ୍ଦାବଳୀରେ ବେଶ୍

ଶୋଭନୀୟ ରୂପଚିତ୍ର ପ୍ରଦାନ କରିଅଛନ୍ତି । ଅବଚେତନରୁ ଚେତନର ଅବସ୍ଥାକୁ ଧାରଣ କଲାପରେ ବିଶ୍ୱ ହୋଇଉଠିଛି ଚଳଚଞ୍ଚଳ ଓ ମୁଖରିତ । ପୂର୍ବ ଦିଗ୍ ବଳୟରେ ଭାସ୍କରଙ୍କ ରକ୍ତିମ ଭାସ୍ୱର ପ୍ରତ୍ୟୁଷା କନ୍ୟାର ଆରକ୍ତ ଅବଗୁଣ୍ଠନର ପ୍ରାୟ ପ୍ରତୀୟମାନ ହେଉଅଛି । ସ୍ଥାନେ ସ୍ଥାନେ ମହିମାମୟ ମହାପ୍ରଭୁଙ୍କ ପ୍ରାତଃ ବନ୍ଦନା ପରିବେଶକୁ କରୁଛି ଆଧ୍ୟାତ୍ମିକ, ଅଭିଭୂତ ଓ ମନ୍ତ୍ରମୁଗ୍ଧ । ଏହିଭଳି ଏକ ଶୁଦ୍ଧପୁତ ପବିତ୍ର ମୁହୂର୍ତ୍ତରେ ଶାବ୍ଦିକ ଅବତରଣକୁ ନେଇ ପ୍ରାଯୁଜ୍ୟ ବାବା ମହୋଦୟ ତାଙ୍କ ସରସ ସୁନ୍ଦର ପଦାବଳୀରେ ଉଲ୍ଲେଖ କରନ୍ତି-

" ସାଧୁ ସନ୍ଥଜନ ସାରିଣ ସ୍ନାହ୍ନ
ଶରଣ ଦର୍ଶନେ ମତି ଦେଇ,
ଶ୍ରୀ ଚରଣେ ତବ ସମର୍ପନ୍ତି ସର୍ବ
ଶୁଣିବା ହେଉ ଶୂନ୍ୟ ଗୋସାଇଁ ।"

(କବିତା -ରଜନୀ ପାହିଲା ପ୍ରଭୁ(

ଏହିଭଳି ଭାବରେ ପୂଜ୍ୟପାଦ ରାମଚନ୍ଦ୍ର ବାବା ମହୋଦୟ ତାଙ୍କ ସ୍ୱରଚିତ କବିତା ସମୂହରେ ମହିମାମୟ ମହାପ୍ରଭୁଙ୍କ ଗୁଣ କୀର୍ତ୍ତନ କରିବା ସହିତ ନାନାବିଧ ସାତ୍ତ୍ୱିକ ଓ ତାତ୍ତ୍ୱିକ ତଥ୍ୟାବଳୀକୁ ଜନସମାଜ ସମ୍ମୁଖରେ ଉନ୍ମୋଚନ କରିଛନ୍ତି । କେବଳ ସେତିକି ନୁହେଁ ଅଧୁନାତନ ସମୟରେ ମହିମାଧର୍ମର ଜଣେ ବ୍ରହ୍ମ ସାଧକ ପରମ ପୂଜ୍ୟପାଦ ବ୍ରହ୍ମ ଅବଧୂତ କପିଳେନ୍ଦ୍ର ବାବା ମହୋଦୟଙ୍କ ପ୍ରଣିତ " ପଞ୍ଚଭାଷୀୟ ବିଭୁ ପ୍ରେମଭକ୍ତି ପୁଷ୍ପାଞ୍ଜଳି' ଗ୍ରନ୍ଥର ପ୍ରକାଶକ ଭାବରେ ସତ୍ୟ ଶାସ୍ୱତ ମହିମା ଧର୍ମର ସାହିତ୍ୟ ସିନ୍ଧୁକୁ କରିଛନ୍ତି ତରଙ୍ଗାୟିତ ।

**ସହାୟକ ଗ୍ରନ୍ଥସୂଚୀ**

୧ ( ଅବଧୂତ କପିଳେନ୍ଦ୍ର ବାବା,ପଶ୍ଚିମାଞ୍ଚଳ ମହିମା ଧର୍ମର ଇତିହାସ ।
ପ୍ରକାଶକ - ସନ୍ଥ କବି ଭୀମ ଭୋଇ ସାହିତ୍ୟ ସଂସଦ, କଳାହାଣ୍ଡି, ୨୦୨୨ ମସିହା ।
୨ ( ଶଙ୍କରାଚାର୍ଯ୍ୟ - ମୋହ - ମୁଦ୍ଗର - ଗଜପତି ମହାରାଜଙ୍କ ଦ୍ୱାରା ଅନୁଦିତ ।
ପ୍ରକାଶକ - ଗଜପତି ଭୀମଦେବ ପ୍ରେସ - ଶ୍ରୀ ନୀଳମଣି ବିଦ୍ୟାରତ୍ନ ।
୩ ( ଦାସ ସାଧୁ ରାମଚନ୍ଦ୍ର - ବ୍ରହ୍ମ ଦେଖ ସବୁଠାରେ, ପ୍ରକାଶକ - ବିଶ୍ୱ ବାବା ସ୍ମୃତି ପରିଷଦ - ୨୦୨୫, କଟକ - ୨ ।

•

# ପଶ୍ଚିମ ଓଡ଼ିଶାର ଲୋକୋକ୍ତିରେ ସାମାଜିକ ମୂଲ୍ୟବୋଧ

*ନରେଶ ମହାନନ୍ଦ*
*ଗବେଷକ, ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ,*
*ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଭବାନୀପାଟଣା ,*

ଲୋକ ଜୀବନଧାରାରେ ମୁଖେ ମୁଖେ ପ୍ରଚଳିତ ଲୋକପ୍ରିୟ ବିଭାଗ ହେଉଛି ଢଗପ୍ରବଚନ ବା ,ପ୍ରବାଦ, ,ସରଳ,ଲୋକୋକ୍ତି । ସହଜଭାବଗର୍ଭକ ଓ ଶିକ୍ଷାଧର୍ମୀ ହୋଇଥିବାରୁ ଶ୍ରୁତି ମଧୁର ପାଇଁ ଏହାର ପ୍ରୟୋଗ କରାଯାଏ । ଗାଁର ଲୋକ ଚଳଣୀ ହେଉଛି ଏହାର ଉତ୍ପତ୍ତିର ମାର୍ଗ । ନାରୀଆବାଳ ବୃଦ୍ଧ ବନିତା ,ରୁଷପୁ, ,ଏହାକୁ ବ୍ୟବହାର କଲେ ମଧ ଗାଉଁଲି ନାରୀ ମୁହଁରେ ଏହାର ପ୍ରଚଳନ ଅଧିକ ଦେଖିବାକୁ ମିଳେ ସାରା ଓଡ଼ିଶାରେ ଏହାର ବ୍ୟବହାର କରାଯାଏ । ସଂକ୍ଷିପ୍ତତା ହେତୁ ଏହା ସହଜରେ ମନେ ମଧ ରହିଯାଏ । ଓଡ଼ିଶାର ଭିନ୍ନ ଭିନ୍ନ ଅଳରେ ଭାଷାର ଗଠନ ଶୈଳୀ ଦୃଷ୍ଟିରୁ ଏହାର ପରିବର୍ତ୍ତନ ହୋଇଥାଏ ।

ପଶ୍ଚିମ ଓଡ଼ିଶାର ଚଳଣି ଓ ଚାହାଣି ଉପକୂଳବର୍ତ୍ତୀ ଜିଲ୍ଲା ଅପେକ୍ଷା ସାମାନ୍ୟଭିନ୍ନ । ଏଠାରେ ଆର୍ଯ୍ୟ ଓ ଆର୍ଯ୍ୟତ୍ତୋର ସଂସ୍କୃତି ପ୍ରବାହର ଏକ ଅପୂର୍ବ ସମନ୍ୱୟ ଘଟିଛି । ଏହି ଅଞ୍ଚଳରେ ମୁଖ୍ୟତଃ ଆଦିବାସୀ ସଂସ୍କୃତିର ପ୍ରାଧାନ୍ୟ ହିଁ ଦେଖିବାକୁ ମିଳେ । ଏଠିକାର ଜନ ସାଧାରଣଙ୍କର କଥା ଭାଷା ବେଶ୍ ସୁଲଳିତ ଓ କବିତ୍ୱପୂର୍ଣ୍ଣ । ଏହି ଅଞ୍ଚଳର ପ୍ରାକୃତିକ ପରିବେଶ ଓ ଚଳଣିକୁ ନେଇ ବହୁ ଢଗ ଢମାଳିନାଁ ଦିଆ ପର୍ବ ,ପ୍ରବାଦ,ପ୍ରବଚନ, ଗୀତ ଆଦି ରହିଅଛି । ସେଗୁଡିକ ଅତ୍ୟନ୍ତ ସୁଲଳିତ ଓ ଶ୍ରୁତି ମଧୁର । କେତେକ ,ଉତ୍ସବ ପ୍ରବଚନ,ପ୍ରବାଦ,ଢମାଳି,ଢଗଉପକୂଳବର୍ତ୍ତୀ ଅଳର ଢଗ ସଦୃଶ ଅପରିବର୍ତ୍ତିତ ରୂପେ ଓ କେତେକ ଇଷତ୍ ପରିବର୍ତ୍ତିତ ରୂପରେ କଥିତ ହୁଏ ।

ଇଂରାଜୀରେ ଢଗ ଢମାଳି ପ୍ରବଚନକୁ ଆଫୋରିଜିମ୍,ପ୍ରବାଦ,(Aphorism କୁହାଯାଏ । ଇପିଗ୍ରାମ ( )Epigram) ପ୍ରୋଭାର୍ବ (Proverbsମଧ ଏହି ଅଫୋରିଜିମ୍ ଅନ୍ତର୍ଭୁକ୍ତ । ଇପିଗ୍ରାମର ସଂଜ୍ଞା ଦେବାକୁ ଯାଇ ( '–କବି କଲରିଜ୍ କହିଛନ୍ତିA dwar fish whole, it's body brevity and it's soulଇପିଗ୍ରାମ ହେଉଛି ' ଯେ କୌଣସି ଭାବ ସମ୍ବଳିତ ସଂକ୍ଷିପ୍ତ ଓ ରସାତ୍ମକ ଉକ୍ତି । ଏହି ରସାତ୍ମକ ଉକ୍ତି ଖୁବ୍ ସହଜରେ ଲୋକଙ୍କ ମନକୁ ସ୍ପର୍ଶ କରିଥାଏ ଏବଂ ଆନ୍ଦୋଳିତ ଓ ସ୍ପନ୍ଦିତ କରିଥାଏ । ବର୍ତମାନ ଓଡ଼ିଆରେ ଏଗୁଡିକ ପ୍ରବାଦ ବଖାନି ଆଦି ନାମରେ ଚିହ୍ନିତ କରାଯାଉଛି ।,ଲୋକ ବାଣୀ,ଛଟା,ଲୋକୋକ୍ତି,ଢଗ ଢମାଳି,ପ୍ରବଚନ, ପୂର୍ବେ ଏଗୁଡ଼ିକ ଢଗ ନାମରେ ଅଭିହିତ କରାଯାଉଥିଲା । କବିଅଭିମନ୍ୟୁ ସାମନ୍ତ ସିଂହାର ଲୌକିକ ତଥା ଅତି ସାଧାରଣ ଗୀତ ଅର୍ଥରେ ଢଗଢମାଳି ଶବ୍ଦ ବ୍ୟବହାର କରିଅଛନ୍ତି । ସେ ଲେଖିଛନ୍ତି ଢମ ପଣେ ବର୍ଣ୍ଣୁଛି ମୁଁ "- ଢଗ ଏପରି ଏକ କଥା ଯେଉଁଥିରେ ମଣିଷର 'ଗୋବିନ୍ଦ ଚରିତ । ଢଗ ଢମାଳି ହେଲେ ହେଁ ସାକ୍ଷାତ ଅମୃତ

ଗକୁ ଛୁଇଁ ବେଶ୍ ଆକର୍ଷଣୀୟ ହୋଇ ହୃଦୟକୁ ଭେଦ କରି ପାରିଥାଏ । ଏବେ ବି ଗାଉଁଲି ନାରୀ ସବୁ ବିଭା ଢଗ ମାରିବାରେ ଅଭ୍ୟସ୍ତ ।

ଲୋକୋକ୍ତିର ସର୍ବପ୍ରଧାନ ଗୁଣ ହେଉଛି ଭାବ ଅଭିବ୍ୟକ୍ତିର ସଂକ୍ଷିପ୍ତତା ଓ ଚିତ୍ର ଧର୍ମିତା । ମାତ୍ର ଚାରି ପାଂଚ ଗୋଟି ଶବ୍ଦ ମାଧ୍ୟମରେ ବହୁଭାବ ପ୍ରକାଶ ପାଇଥାଏ । ଯଥା ' ',କିରା ଖାଏ ଅତି ମଧୁର'–ଚୋର୍ ନୁରସି ଅନ୍ଧାର ରାଏତ୍' ',ଯହିଁ ଜଙ୍ଗଲ ତହିଁ ମଙ୍ଗଳ' ,'ଜେଡକି ବାଉଁଶ କେ ସେଡକି ପୁଲା' ',ଘା କେ ଘି 'କେ ଝି 'ମା, କଳ୍ପନା ଓ ,ପ୍ରଭୃତି । କ୍ଷୁଦ୍ରାବୟବ ଲୋକୋକ୍ତିରେ ପ୍ରକାଶ ପାଇଥାଏ ଗ୍ରାମୀଣ ଜନ ସାଧାରଣଙ୍କ କବିତ୍ୱ ରସବୋଧ । ଅନୁରାଗର ବିବିଧ ରସରେ ଏହା ବେଶ୍ ଚିତ୍ତାକର୍ଷକ ।

ଢଗ

ବୋଲି,ଦାୟିକା,ଶବ୍ଦଧନ୍ଦା,ବହିର୍ଲିପି,ଅନ୍ତର୍ଲିପି,ଚାତୁର୍ଯ୍ୟୋକ୍ତି,ପ୍ରବଚନ,ପ୍ରବାଦ,ଧନ୍ଦା,ନାଁଦିଆ,ଟିକଲ,ଛଟା,ଢମାଳି, ପ୍ରଭୃତି ଲୋକୋକ୍ତି ଅନ୍ତର୍ଗତ । ମାନବ ଜୀବନର ଅଭିଜ୍ଞତା ଅନୁଭୂତିରୁ ପ୍ରବାଦପ୍ରବଚନ ବ୍ୟକ୍ତିର ଦୋଷ ଗୁଣ , ବସ୍ତୁ ରାଜିର ଗୁଣ ଧର୍ମ ସହ ଅନ୍ୟ ନିର୍ଣ୍ଣୟରୁ ଓ ବ୍ୟଙ୍ଗ ବିଦ୍ରୁ ହାସ ପରିହାସରୁ ଛଟା ବା ଟିକଲ ପ୍ରତ୍ୟକ୍ଷୀଭୂତ ଏକ ବସ୍ତୁ ବା ବ୍ୟକ୍ତିର ଗୁଣ ଧର୍ମର ସାମ୍ୟ ବୈଷମ୍ୟରୁ ନାଁ ଦିଆର ସୃଷ୍ଟି ଏଥିରେ ବୁଦ୍ଧିସାମାଜିକ ବ୍ୟବହାର ଓ ଶିକ୍ଷା ପାଇଁ ଯଥେଷ୍ଟ ଉପାଦାନ ରହିଛି ।,ପ୍ରତ୍ୟୁତ୍ପନ୍ନମତିତା,ବିବେକ,

ଲୋକୋକ୍ତିକୁ ଅନୁଧ୍ୟାନ କଲେ ଜଣାଯାଏମଧ୍ୟରେ ମା ଓ ଦୁଇଟି ସନ୍ତାନ,ଲୋକ ଜୀବନ କେବଳ ବାପା , ସୀମିତ ନଥିଲା । ଏକ ପରିବାର କହିଲେ ଏକ ଯୌଥ ପରିବାରକୁ ବୁଝାଉଥିଲା । ଯେଉଁଥିରେ ଜେଜେ ବ,ଦାଦା ,ଜେଜେ ବାପା,ମାଡ ବାପାବଡ଼ ମା ଓ ଖୁଡ଼ି ଆଦି ଗୋଟିଏ ପରିବାରର ସଦସ୍ୟ ଥିଲେ ଏବଂ ଏକତ୍ର , ସ୍ତ୍ରୀ ମଧ୍ୟରେ ଥିବା -ଭାଉଜ ତଥା ସ୍ୱାମୀ-ନଣନ୍ଦ,ବୋହୂ-ସହାବସ୍ଥାନ କରୁଥିଲେ । ପରିବାର ମଧ୍ୟରେ ଶାଶୂ ତିକ୍ତ ପୁଣି କେଉଁଠି ମଧୁର । ଏହି କୁଝଟିକାକୁ ଭେଦ କରିବା ପାଇଁ ଲୋକୋକ୍ତି -ରେ କଟୁସଂପର୍କ କେଉଁଠା ସକ୍ଷମ ହୋଇଛି ।

ଜୀବନ ଧାରଣ କରିବା ପାଇଁ ଲୋକ ଜୀବିକାକୁ ଆଦରି ନେଉଥିଲେ । ତେଣୁ ସମାଜରେ ଛତିଶ ପାଟକ ଲୋକ ବାସ କରୁଥିଲେ । ପ୍ରତ୍ୟେକଙ୍କର ସ୍ୱତନ୍ତ୍ର କୌଳିକବୃତ୍ତି ଥିଲା । ପ୍ରତ୍ୟେକ ଜାତି ପାଇଁ ଲୋକଙ୍କର ସ୍ୱତନ୍ତ୍ର ମନୋଭାବ ଓ ମନ୍ତବ୍ୟ ଥିଲା । ଲୋକୋକ୍ତିକୁ ତର୍ଜମା କଲେ ପ୍ରାଚୀନ ସମାଜ ସମ୍ପର୍କରେ ଏକ ସ୍ୱଷ୍ଟ ଧାରଣା ସୃଷ୍ଟି ହୋଇଥାଏ । ସମାଜ ସମ୍ପର୍କରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କର ଉକ୍ତିର ଅନୁରୂପରୁ ଲୋକୋକ୍ତିରେ ଦେଖିବାକୁ ମିଳେ । ଏଥିରୁ ଅନୁମିତ ହୁଏ ଯେବ୍ୟକ୍ତି ଚେତନାରେ ସାମାଜିକ ଚେତନା ଲୁକ୍କାୟିତ ହୋଇ , ଛି ।ରହି

ପଶ୍ଚିମ ଓଡ଼ିଶାର ସାମାଜିକ ଜୀବନ ସମ୍ବନ୍ଧୀୟ ଲୋକୋକ୍ତିଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ତତ୍କାଳୀନ ସମାଜରେ ଅତିଥି ସତ୍କାର ଭଳି ମହନୀୟତା ସହ ଅନ୍ଧବିଶ୍ୱାସ ଓ କୁସଂସ୍କାର ଓଡ଼ିଆ ଜନ ଜୀବନକୁ ଆଚ୍ଛନ୍ନ କରି ରଖିଥିଲା । ଏହା ସତ୍ତ୍ୱେ ସାମାଜିକ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ତଥା ଲୋକଙ୍କ ମନରେ ସଦ୍ଭାବ ସୃଷ୍ଟି କରିବା ପାଇଁ ଲୋକୋକ୍ତି ଏକ ସୁନ୍ଦର ମାଧ୍ୟମ ଥିଲା । ବୟୋ ଜ୍ୟେଷ୍ଠ ବ୍ୟକ୍ତି ଉପଦେଶ ଛଳରେ ନିଜ ଜୀବନର ବିଶିଷ୍ଟ ଅଭିଜ୍ଞତାକୁ ଲୋକୋକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି । ଏକ ଶୃଙ୍ଖଳିତ ସାମାଜିକ ଜୀବନ ନିମନ୍ତେ ଲୋକୋକ୍ତିର ପ୍ରୟୋଜନୀୟତା ଅପରିହାର୍ଯ୍ୟ ଥିଲା । ଲୋକୋକ୍ତି ଲୋକ ଜୀବନର ପ୍ରତିବିମ୍ବ । ଜୀବନକୁ ଜୀବନ୍ତ ଓ ମନୋରମ କରିବା ପାଇଁ ଓଷାଯାତ୍ରାର ଆବଶ୍ୟକତା -ପର୍ବାଣୀ ଓ ଯାନି-ବ୍ରତ ପର୍ବ, ବେଶପୋଷାକ ତଥା ମଧ୍ୟଯୁଗୀୟ ବିଳାସ ,ଲୋକୋକ୍ତିରୁ ସୂଚିତ ହୁଏ । ଏତଦ୍ ବ୍ୟତୀତ ଖାଦ୍ୟପେୟ ବିବାହ ବ୍ରତ ଆଦି ବୈଦିକ ଯୁଗରୁ ଆରମ୍ଭ – ବ୍ୟସନର ସୂଚନା ମିଳେ । ବହୁ ସାମାଜିକ ବିଧି ବିଧାନ ଯଥା ଯୁଗରେ ହୋଇଥିଲେ ହେଁ ମଧ୍ୟମଧ୍ୟ ଏହା ପ୍ରଚଳିତ ଥିଲା । ତେଣୁ ଓଷାବ୍ରତଯାନିଯାତ୍ରା ସହ ବିବାହ ବ୍ରତ , ଆଦିକୁ ନେଇ ଲୋକୋକ୍ତିର ଚିତ୍ର ହୋଇଛି ।

ଲୋକୋକ୍ତି ଉତ୍କୃଷ୍ଟ ଲୋକ ଶିକ୍ଷାର ମାଧ୍ୟମ ଥିଲା । ଲୋକ କବିର ଅନୁଭୂତି ସିଦ୍ଧ ବହୁ ଲୋକୋକ୍ତି ପରବର୍ତ୍ତୀ ସମୟରେ ବିଜ୍ଞାନ ସମ୍ମତ ହୋଇ ପାରିଥିଲା । ପାଣିପଣାକୃଷି ସ ଚିକିତ୍ସା ଓ ,ମ୍ବନ୍ଧୀୟ କେତେକ ଲୋକୋକ୍ତି ଏହି ପର୍ଯ୍ୟାୟଭୁକ୍ତ । ଏଭଳି ମୂଲ୍ୟବାନ କିଛି ଲୋକୋକ୍ତି ପ୍ରାୟ ଅଧିକାଂଶ ଲୋକଙ୍କ ମୁହଁରେ ବିଶେଷ କରି ବୟୋ ଜ୍ୟେଷ୍ଠ ଲୋକ ମୁହଁରେ ବି ରହିଥିଲା । ତଦନୁସାରେ ତତ୍କାଳୀନ ଚିକିତ୍ସା ବ୍ୟବସ୍ଥା କରାଯାଉଥିଲା ଏବଂ କୃଷିକାର୍ଯ୍ୟ ମୁଖ୍ୟତଃ ଲୋକୋକ୍ତି ଅନୁସାରେ କାର୍ଯ୍ୟକାରୀ ହେଉଥିଲା ।

ଲୋକୋକ୍ତି ବା ଛଟା ଏହି ଐତିହାସିକ ବୀଜକୁ କେତେବେଳେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ଲୋକର ଆତ୍ମବିଶ୍ୱାସକୁ ପ୍ରେରିତ କରି ଆସିଛି ତ କେତେବେଳେ ଲକ୍ଷଣାରେ ପ୍ରଚ୍ଛନ୍ନ ଭାବରେ ଐତିହାସିକ ସତ୍ୟକୁ ସାଙ୍କେତିକ କରିଛି । ଐତିହାସିକ ସତ୍ୟକୁ ସିଧା ସଳଖ ତଥା ଜାତି ଜୀବନର ନିକଟତମ ସତ୍ୟ ଭାବରେ ଖ୍ୟାନ କରୁଥିବା କେତୋଟି ଆଦିବାସୀ ଲୋକୋକ୍ତିର ନିମ୍ନରେ ଉଦ୍ଧରଣ ଓ ଅନୁଶୀଳନ କରାଯାଉଛି ।

। 'ଗୋଣ୍ଡ ବସଲେ ପତର ବିକେ ,ଗୋଣ୍ଡ ଉଠଲେ ଛତର ଟେକେ"

ଏହି ଲୋକୋକ୍ତିଟି ପଶ୍ଚିମ ଓଡ଼ିଶାର ଅନ୍ୟ ଏକ ଶକ୍ତିଶାଳୀ ଜନଜାତି ସମ୍ପ୍ରଦାୟର ଐତିହାସିକ ସ୍ଥିତିର 'ଗୋଣ୍ଡ' ଘର୍ଷବାଖ୍ୟାନ କରେ । ପଶ୍ଚିମ ଓଡ଼ିଶାର ରାଜନୀତିକ ଇତିହାସରେ ଏକ ସଂଶୀଳ ତଥା ସାମନ୍ତବର୍ଗ ଅନ୍ତର୍ଭୁକ୍ତ ଏହି ଜନଜାତି ବହୁବାର ଉତ୍ଥାନପତନର ଦ୍ୱନ୍ଦ ଦେଖିଛି । ତେବେ ଯେତେବେଳେ ବି ଗୋଣ୍ଡ ଆପଣାକୁ - ଜାଗରିତ କରିଛି ସେତେବେଳେ ସିଏ ଛତ୍ର ଧାରଣ କରିଛି ବା ରାଜନୀତିକ ଅଧିପତି ବର୍ଗରେ ସାମିଲ ୟ କରିଅପର ପକ୍ଷରେ ଯେତେବେଳେ ଏ ଜାତି ନିସ୍ତେଜ ହୋଇଛି ସେତେବେଳେ ସେ ପତ୍ର ବିକ୍ର,ହୋଇଛି ଜୀବିକା ନିର୍ବାହ କରିଛି । ସମଗ୍ର ଉନବିଂଶ ଶତକରେ ପଶ୍ଚିମ ଓଡ଼ିଶାର ଆଦିବାସୀ ଜନଜାତିଗୁଡ଼ିକର,

ବିସ୍ଥାପନ ବିରୋଧି ସଶସ୍ତ୍ର ,ବହୁଳ ବିସ୍ଥାନ (ବିଂଝାଲ ଓ କନ୍ଧମାନଙ୍କର,ମୁଖ୍ୟତଃ ଗୋଣ୍ଡ) ଆନ୍ଦୋଳନ ଇଂରେଜମାନଙ୍କ ସହାୟତାରେ ସ୍ଥାନୀୟ ରାଜ ଶକ୍ତିମାନଙ୍କ ଦ୍ୱାରା ଏ,ଆନ୍ଦୋଳନଗୁଡ଼ିକର ବର୍ବର ଅବଦମନ ଏ ଅଞ୍ଚଳରେ ଆଦିବାସୀଙ୍କ ରାଜନୀତିକ ଆଧିପତ୍ୟ ଓ ଆର୍ଥିକ ସ୍ୱଚ୍ଛନ୍ଦତାକୁ ସମୂଳେ ନଷ୍ଟ କରିଦେବା ସହ ଏମାନଙ୍କ ସଂଘର୍ଷଶୀଳ ମନକୁ ଭାଙ୍ଗି ଚୁରମାର୍ କରିଦେଲା । ଏ ଆନ୍ଦୋଳନ ପରବର୍ତ୍ତୀ ଆଦିବାସୀ ଜୀବନଧାରା ହେଉଛି ଶ୍ରମ ଜୀବୀର । (ରାସ୍ତା ନିର୍ମାଣ ଇତ୍ୟାଦି କାମର ଶ୍ରମଜୀବୀ,ଭୂମି,ଜଙ୍ଗଲ) ସଂଘର୍ ଏହି ଲୋକୋକ୍ତି ଗୋଣ୍ଡ ଜନଜାତିରଷଶୀଳ ଐତିହ୍ୟର ସ୍ମାରକ ମାତ୍ର ହୋଇ ଲୋକରେ ବି ରହିଛି ।

'ରଜାର୍ ଜେ ରାଏଜ୍,ଗୋଣ୍ଡ ର ଜେ ଭୁଇଁ"

ଏହି ଲୋକୋକ୍ତି ଗୋଣ୍ଡ ଜନଜାତିର ମୂଳ ନିବାସର ସୂଚନା ଦେବା ସଙ୍ଗେ ସଙ୍ଗେ ବହୁକାଳ ଧରି ରାଜସ । ସହ ସେମାନଙ୍କର ସମ୍ପର୍କର ସୂଚନା ଦିଏ । ପଶ୍ଚିମ ଓଡ଼ିଶାର ଛୋଟଛୋଟ ରାଜ୍ୟର ରାଜାମାନେ କ୍ଷମତା କୈନ୍ଦ୍ରିକରଣ)Consolidationପାଇଁ ସ୍ଥାନୀୟ ଆଦିବାସୀ ଜନଜାତି ସହ ବନ୍ଧୁତା ପୂର୍ଣ୍ଣ ସମ୍ପର୍କ ସ୍ଥାନ ( କରିଥିଲେ । ବହୁକାଳ ପର୍ଯ୍ୟନ୍ତ ରାଜାମାନେ ପ୍ରକୃତ କ୍ଷମତାର ଅଧିକାରୀ ହୋଇଥିଲେ ହେଁ ଜମି ବା ଭୂମି ଲୋକ ସାହିତ୍ୟର ଅନ୍ୟ ,ଗୋନ୍ତିଆଙ୍କ ଅଖଣ୍ଡ କ୍ଷମତା ରହିଥିଲା । ଲୋକୋକ୍ତି ,ଉପରେ ଜମିଦାର ଏବଂ ଗଂଝୁ ବିଭାବ ସମସ୍ତ ଠାରୁ ସଂକ୍ଷିପ୍ତଅଥଚ ସବୁଠୁ ଶକ୍ତିଶାଳୀ ସଂପ୍ରେଷଣ ଆଧାର । ଜନ ସମାଜର ଐତିହାସିକ , କର୍ମ ତଥା ସାମାଜିକ ,ଦୈନନ୍ଦିନ ଜୀବନ ଯାତ୍ରାର ଛୋଟ ବଡ଼ ଦୁଃଖ ସୁଖର ଅନୁଭୂତି,ଜୀବନ ଯାତ୍ରା ଜୀବନପୋଲବ୍ଧ ଅନୁଭବ ରାଜିକୁ ପରିବହନ କରି ଲୋକୋକ୍ତି ସାମାଜିକ ଶିକ୍ଷୟତ୍ରୀର ଭୂମିକା ନିର୍ବାହ କରିଥାଏ ।

ପଶ୍ଚିମ ଓଡ଼ିଶାର ଛୋଟ ଛୋଟ ରାଜ୍ୟମାନଙ୍କରେ ଗୋଣ୍ଡକନ୍ଧ ଓ ବିଂଝାଲ୍ ଜନଜାତିମାନଙ୍କର , ଜମିଦାରୀରେ ଆଧିପତ୍ୟ ରହିଥିଲା ଏବଂ ଜନଜାତିଗୁଡ଼ିକ ମୁଖ୍ୟତଃ ଏଅଞ୍ଚଳର ଅଧିକାଂଶ ଖୁଚରା ଜମିର ନିର୍ମାତା ରାଜସ୍ୱ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନରେ ଥିବା ସମୟରେ ସୃଷ୍ଟିହୋଇଥିବା ଜନଜାତୀୟ ଛଟା ଅଟେ । ଏହା ଆଦିବାସୀ ଜନଜାତିଗୁଡ଼ିକ ସହ ବନ୍ଧୁତାପୂର୍ଣ୍ଣ ରାଜକୀୟ ସମ୍ପର୍କର ଅନ୍ୟ ଏକ ଉଦାହରଣ ମିଳେ ନିମ୍ନଲିଖିତ କନ୍ଧ ଲୋକୋକ୍ତିରେ -:

ପାଟ ବନ୍ଧା ବଡାକା"

କୁଡେ ଧରା ଡୁଡୁକା

ଟି ଦିଆ ସେର୍ ମେଳକା'

ଏହି ଲୋକୋକ୍ତି କନ୍ଧ ଜନଜାତିର ବିବିଧ ଉପଗୋଷ୍ଠୀ ସହ କଳାହାଣ୍ଡି ନାଗବଂଶର ରାଜାମାନଙ୍କର ସମ୍ପର୍କ ବନ୍ଧନର ତଥ୍ୟ ପ୍ରଦାନ କରେ ।

'ଗଣ୍ଡ ଆର କନ୍ଧ ମାଁ ମାଏସିର ପୁଓ" ଏହି ଲୋକୋକ୍ତି ଏ ଅଞ୍ଚଳ ଦୁଇ ପ୍ରାଚୀନ ଜନଜାତି କନ୍ଧ ଓ ଗଣ୍ଡ ମଧରେ ଥିବା ଐତିହାସିକ ବନ୍ଧୁତାପୂର୍ଣ୍ଣ ସହାବସ୍ଥାନର ସୂଚନା ପ୍ରଦାନ କରେ । ଲୋକୋକ୍ତି ବା ଛଟାଗୁଡ଼ିକ ଲୋକ ଅନୁଭବର ଉରଣ ସ୍ୱରୂପ ନବପୀଢ଼ିମାନଙ୍କୁ ତଥା ଜନ ସମାଜକୁ ପାରିବାରିକସାମାଜିକ ଜ,ୀବନ ଚଳଣୀର

ଶୃଙ୍ଖଳା ବିଷୟରେ ତାଗିଦ୍ କରିଥାଏ । ଯେମିତିପରଧନରେ ଆତ୍ମ ବଡିମା ଦେଖାଉଥିବା ଲୋକକୁ ତାଗିଦ୍ , କରି ଛଟା କହିଥାଏ ।

ପରହର୍ ଧନେ ଲହର ପହର୍"

ଛଡେ ଇନେଲେ ଲାଜେମର୍'

ମଣିଷର ଆତ୍ମ ସମ୍ବେଦନା ଜନିତ ଅପାରଗତାକୁ ତାସଲ୍ୟ କରି ଛଟା କହିଥାଏ ।

ଚାଲି ନାଇଁ ଜାନିବାଟର୍ ଦୋଷ"

ରଖି ନାଇଁ ଜାନି ମାଏଝିର ଦୋଷ'

ଅର୍ଥାତ୍ ଚାଲି ନ ଜାଣି ବାଟର ଦୋଷ ରଖି ନ ଜାଣି ସ୍ତ୍ରୀର ଦୋଷ ।

'ନେଇ ଜିରେ 'ବେଙ୍ଗର୍ ପେଟେ ଘି'

ବେଙ୍ଗ ଘିଅ ଖାଇ ଜୀର୍ଣ୍ଣ କରିପାରେ ନାହିଁ । ଅର୍ଥାତ୍ ବିଶ୍ୱସ୍ତ ଲୋକ ଭାବି କୌଣସି ଏକ ଗୁପ୍ତ କଥା କାହାକୁ ନ କହିବାର ଦ୍ୱାହୀ ଦେଇ କୁହାଯାଇଥିଲେ ତାକୁ ଯଦି ଅନ୍ୟ ପାଖରେ ପ୍ରକାଶ କରିଦିଏ ତେବେ ଏହି ଉକ୍ତିଟି କୁହାଯାଏ ।

ଭାତ୍ ଫିକଲେ କେଁ କୁଆ ଦୁକାଲ"

ଟୁଣକେ କେଁ ହୁଲ ହୁଲି ଦୁକାଲ'

ଭାତ ଫିଙ୍ଗି ଦେଲେ ସାଙ୍ଗେ ସାଙ୍ଗେ କୁଆମାନେ ଆସି ରୁଣ୍ଡ ହୋଇଯାନ୍ତିତୁଣ୍ଡରେ ଯେତେ ଇଚ୍ଛା ସେତେ , ହୁଳହୁଳି ପକାଯାଇ ପାରେ ଅର୍ଥାତ୍ ଥିଲା ବାଲା ତାରଶକ୍ତିବଳରେ ସବୁ କାର୍ଯ୍ୟରେ ସଫଳତା ହାସଲ କରିଥାଏ ।

ଠାନ୍ ଜାନି ବସ୍ଲ"କେନ୍ କହେସି ଉଠ

କଥା ଜାନି କହେଲେ କେନ୍ କହେସି ଝୁଟ୍'

ଠିକ୍ ସ୍ଥାନରେ ବସିଥିଲେ କେହି ତାଙ୍କୁ ବସିଥିବା ଜାଗାରୁ ଉଠିବାର କହିପାରେ ନାହିଁ ଏବଂ ସ୍ଥାନକାଳ ପାତ୍ର , ଅନୁସାରେ ଭାବିଚିନ୍ତି ମତାମତ ଦେଲେ କେହି ମିଛ ବୋଲି କହିପାରେ ନାହିଁ ଏଣୁ କହିବା କିମ୍ବା କରିବା ପୂର୍ବରୁ ସବୁ ଦୃଷ୍ଟିରୁ ବିଚାର କରିବା ଉଚିତ

ବିଡି ଠୁଟି ହେଲେ ଗଲା"

ମୁନୁଷ୍ ବୁଟି ହେଲେ ଗଲା'

ବିଡି ଟାଣିଲେ ବିଡି ଯେମିତି ଆସ୍ତେ ଆସ୍ତେ ଛୋଟହୋଇଯାଏ । ଆଉ ଟାଣି ହୁଏ ନାହିଁ ବରଂ ଫିଙ୍ଗି (ଠୁଟି) ଲୋକ ଉଚ୍ଚ ଜାଗାକୁ ହାତ (ବୁଟି)ଦିଆଯାଏ ଠିକ୍ ସେମିତି ବାଙ୍ଗରାପହଞ୍ଚାଇ ନ ପାରି ଅସଫଳ ହୋଇଥାଏ ।

ବେଟୁର୍ ମନ୍ତର୍ ନେଇ ଜାନି ସାପର୍ ମୁଡେ ହା'ତ୍'

ବିଛା ମନ୍ତ୍ର ଜାଣି ନ ଥିବା ଲୋକ ସାପ ଧରିବାକୁ ଚେଷ୍ଟା କଲେ ଲୋକ ହସା ହେବାକୁ ପଡ଼େ ଅର୍ଥାତ୍ ନିଜ ଶକ୍ତି ବହିର୍ଭୁତ କାର୍ଯ୍ୟରେ ହାତ ଦେଲେ ସବୁ କ୍ଷେତ୍ରରେ ଅପଦସ୍ତ ହେବାକୁ ପଡ଼ିଥାଏ ।

'ଭଲକେ କହେଲେ ଭେଲୁଆ ଲାଗ୍ସି'

ଏକ ପ୍ରକାର ଔଷଧ ଗଛର ଫଳ ଭେଲୁଆ । ଔଷଧ ଭାବରେ ବ୍ୟବହାର କରାଯାଏ । ବ୍ୟବହାରରେ ଅସାବଧାନତା ହେଲେ ଶରୀରର ଚର୍ମ କୁଣ୍ଡାଇ ହୁଏ ଓ ଘାକରିଥାଏ । ଜଣକୁ ଭଲ ପରାମର୍ଶ ଦେଲାବେଳେ ' ଯଦି ଓଲଟା ଦୁର୍ବ୍ୟବହାର ପାଇବାକୁ ପଡ଼େ ସେତେବେଳେ ଏହି ଉକ୍ତି କୁହାଯାଏ ।

'ହାତୀ ମାରି କେଁ କୁଲାନେ ଢ଼ପା'

ହାତୀ ଭଳି ବିରାଟକାୟ ଜୀବନକୁ ମାରି ବାଉଁଶ ତିଆରି କୁଲାରେ ଢାଙ୍କି ଲୁଚାଇବାକୁ ଚେଷ୍ଟା କରିବା ଅର୍ଥାତ୍ ବୁଦ୍ଧିମାନ ଓ ପରାକ୍ରମଶାଳୀ ଲୋକକୁ ବିପଦରେ ପକାଇବା ପାଇଁ ଚେଷ୍ଟା କରି ବ୍ୟର୍ଥ ହେବ ।

'ନଏଲା ବେଳେ ନାତି ଘଏଁତା'

ଉପାୟଶୂନ୍ୟ ହେଲେ କୁଟାଖିଆକୁ ବି ଆଶ୍ରା କରାଯାଏ । ପରିସ୍ଥିତିର ଚାପରେ ନାତିକୁ ବି ଘଏଁତା କରିବା ଅର୍ଥାତ୍ ଆବଶ୍ୟକ ବେଳେ ଅଯୋଗ୍ୟ ଜାଣି ସୁଦ୍ଧା ସାହାର୍ଯ୍ୟ ପ୍ରାର୍ଥି ହେବାକୁ ପଡ଼ିଲେ ଏହି କଥା କୁହାଯାଏ ।

'ଛେ ଥିଲେ ନର୍କେ ହାତମି ,ସତ୍ ଥିଲେ ସାତ ହାତ୍'

ସତ୍ୟକୁ ଜଗି ଚଳିଲେ ଉତ୍ତରୋତ୍ତର ଉନ୍ନତି ହୋଇଥାଏ କିନ୍ତୁ ସତ୍ୟରୁ ଓହରି ଗଲେ ନର୍କକୁ ଯିବାକୁ ପଡ଼େ ଅର୍ଥାତ୍ ସମସ୍ତେ ଛି ଛାକର କରିଥାନ୍ତି ।

ପରକେ'ଗୋଡ୍ ଟିପ୍ଲେ ନିଜକେ ପଥର ପଡସି'

ପର ଉପରକୁ ଛୋଟ ପଥର ଫିଙ୍ଗିଲେ ନିଜ ଉପରକୁ ବଡ଼ ପଥର ପଡ଼େ ଅର୍ଥାତ୍ ପରର ଅନିଷ୍ଟ ଚିନ୍ତା କଲେ ନିଜର ଅନିଷ୍ଟ ହିଁ ଘଟିଥାଏ ।

'କାଦୋ ମାଡବ କେଁ କାଯେ ଆର୍ ଗୋଡ଼ ଧୋଏବ କେଁ କାଯେ'

କାଦୁଅ ମାଡ଼ିଲେ ଗୋଡ଼ ଧୋଇବାକୁ ହିଁ ପଡ଼ିଥାଏ ଅର୍ଥାତ୍ ନବୁଝି ନଶୁଝି ଯେ କୌଣସି କାମରେ ହାତ ଦେବା ଉଚିତ୍ ନୁହେଁ ।

'ତୁରୁତ୍ ଦାନ୍ ମହା ପୁଇନ୍'

ଯେ କୌଣସି କାମ ହେଉ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କରି ଦେବା ଭଲ ଡେରି କଲେ ଉକ୍ତ କାର୍ଯ୍ୟ ଆହୁରି ଡେରି ହୋଇଯିବ ସିନା କେବେ ହେଲେ ଶେଷ ହେବ ନାହିଁ ।

'କଏଁଲି ପତରକେ ମାକଡ୍ ଖାଏସି'

କଅଁଳ ପତ୍ରକୁ ମାଙ୍କଡ଼ ମଧ ଚୋବାଇ ଖାଇପାରେ ଅର୍ଥାତ୍ ସବୁ କ୍ଷେତ୍ରରେ ସରଳ ହେଲେ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ସ୍ଥାନ କାଳ ପାତ୍ରକୁ ଆଖି ଆଗରେ ରଖି କାର୍ଯ୍ୟ କରିଯିବା ସବୁଠାରୁ ଭଲ ।

ଝିର୍ ଘରକେତେ ବେଲେଁ ଦୁଇ ମାଏ'

କେତେ ବେଲେଁ ଚୁଇଲ୍ ଫୁକି ଫୁକି ମର'

ସମାଜରେ ଦୁଇ ବା ତତୋଧିକ ସ୍ତ୍ରୀ ବିବାହର ପ୍ରଚଳନ ପୁରାଣ ଯୁଗରୁ ଚାଲି ଆସିଛି । ମାତ୍ର ଏପରି ସ୍ଵାମୀର ଜୀବନରେ କ୍ୱଚିତ ଶାନ୍ତି ମିଳିଥାଏ । ସ୍ତ୍ରୀମାନଙ୍କର କଳି କଜିଆ ସମାଧାନ ତାର ହାଡ଼ ମାଉଁସ ଝୁଣି ହୋଇଯାଏ ସିନା ସୁଖରେ ରହିପାରେ ନାହିଁ । ସମୟ ସମୟରେ ହୁଏତ ସେ ଛତିଆନ ନ ଭଜା ଖାଇ ଉଭୟ ' ସ୍ତ୍ରୀଙ୍କୁ ଭୋଗ କରେ । କିନ୍ତୁ ପୁଣି କେତେବେଳେ ଚୁଲି ଫୁଙ୍କିବାର ମଧ ସାର ହୁଏ । କାରଣ ଉଭୟ ସ୍ତ୍ରୀଙ୍କ

ଭିତରେ ସୁସମ୍ପର୍କ ଥିବା ପର୍ଯ୍ୟନ୍ତ ଉଭୟେ ମନପ୍ରାଣ ଦେଇ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଖୁଆଇ ଥାଆନ୍ତି । ପକ୍ଷନ୍ତରରେ ଟିକିଏ ମନ ଫଟା ଫଟି ହେଲା ତ ରୋଷେଇ ବନ୍ଦ । ଦୁଇ ସଉତୁଣୀର ଏତାଦୃଶ ଆଚରଣ ସମ୍ପର୍କରେ କୁହାଯାଇଥାଏ ।

ଲୋକୋକ୍ତି ମନୋରଞ୍ଜନସାମାଜିକ ,ଶିଶୁ ଓ ଯୁବବର୍ଗଙ୍କୁ ଶିକ୍ଷା ଦେବା ,ପରିବେଶକୁ ହାଲକା କରିବା , ପରଂପରା ଇତ୍ୟାଦିର ଯୌକ୍ତିକତା ପ୍ରଦାନ କରିବା ଆଦି ,ବିଶ୍ୱାସ ,ବ୍ୟବହାର ଓ ଅନୁଭୂତିର ପ୍ରଖାନ କରିବା ତ ହୋଇଥାଏ । ଦୂର ଅତୀତରୁ ପିଢୀରୁ ପିଢୀକୁ କ୍ରମ ସଂକ୍ରମିତ ଓ କ୍ରମ କାମରେ ସାଧାରଣତଃ ବ୍ୟବହୃ ସଂପ୍ରେଶିତ ହୋଇ ଆସୁଥିବା ଲୋକୋକ୍ତିଗୁଡ଼ିକ ସାମାଜିକ ଇତିହାସର ବୀଜ ଓ ସଂକେତ ମଧ୍ୟ ବହନ କରିଥାନ୍ତି । ଲୋକଧାରାର ଅନ୍ୟାନ୍ୟ ବିଭାବଠାରୁ ଲୋକୋକ୍ତି ଭିନ୍ନତା ହେଉଛି ଏହାର ସଂକ୍ଷିପ୍ତତା । ଅତି ଅଳ୍ପ ଶବ୍ଦତତା ମଧ୍ୟରେ ବ୍ୟାପ୍ତ ସଂପ୍ରେଷଣ ହେଉଛି ଲୋକୋକ୍ତିର ମୁଖ୍ୟ ଅଙ୍ଗ କେତୋଟି ବାକ୍ୟ ବା ପଦର ସୀମି, ନିର୍ଦ୍ଧାରକ ଚରିତ୍ର ।

**ଉପସଂହାର**

ଲୋକବାଣୀ ବା ଲୋକୋକ୍ତି ଲୋକ ସମାଜର ସାମାଜିକ ଅଭିଜ୍ଞତା ଓ ପରୀକ୍ଷଣ ମୂଳକ ବିଶ୍ୱାସ ଧାରାର ଏକ ଆଶ୍ଚର୍ଯ୍ୟ ଓ ଅନନ୍ୟ ପରିପ୍ରକାଶ । ଏହା କେବେ କିଏ ଓ କିଭଳି ଭାବରେ ପ୍ରକାଶ କଲା ଏହାର ପ୍ରମାଣ ନାହିଁନାହିଁ କିନ୍ତୁ କାଳର ,ମାତ୍ର ଅଛି କଳାର ପରିଚୟ ;ପୁରାଣ,ନାହିଁ ବି ଲିଖିତାକାରରେ ପୋଥି ; ପରିଚୟନାହିଁ କିନ୍ତୁ ସ୍ରଷ୍ଟାର ପରିଚୟ । ଲୋକ ମୁଖରୁ ଲୋକ ମୁଖରେ ଏହାର ସୃଷ୍ଟି । ;ଅଛି ସୃଷ୍ଟିର ପରିଚୟ, ବ୍ୟାପ୍ତି ଗତି ଓ ପ୍ରଗତି । ଏଥିରେ ଅଛି ବିବିଧ ଭାବ ଓ ବିଭବ ନାହିଁ କିନ୍ତୁ ଭାବୁକର ପରିଚୟ । ଅନୁଭବ ଓ ଅନ,ଧର୍ମ ବିଶ୍ୱାସ,ବିଶ୍ୱାସ ଅବିଶ୍ୱାସ,ହିଂସା ,କ୍ରୋଧ,ସ୍ନେହ,ଦୁଃଖ,ସୁଖ,ଡିରୁ ଏହା ସ୍ୱତଃ ଜାତଅନୁଭୂ୍ଧି ବିଶ୍ୱାସଆମୋଦ ପ୍ରମୋଦରୁ ଏହା ସ୍ୱୟଂ ପ୍ରକାଶ । ଏହା ବନ ଝରଣା ପରି ଛଳଛଳ ଓ ତଡ଼ିତ ପ୍ରବାହ ପରି , ଚଳଚଳ ଅଟେ । ଏଥିରେ ପ୍ରତ୍ୟେକ ନିର୍ଜୀବ ବସ୍ତୁ କହିବାର ଶକ୍ତି ପାଇଥାନ୍ତି ।

ଲୋକୋକ୍ତି ସମାଜର ଲୋକ ଚଳଣି ଓ ବ୍ୟବହାର ଆଦିର ସାଧାରଣ ସ୍ୱରୁପକୁ ଉଦ୍ଘାଟନ କରେ । ଏହି ଲୋକୋକ୍ତି ବା ଲୋକ ବାଣୀ ବା ଲୋକ ବଚନ ଆଦିକୁ ଚାଣକ୍ୟଙ୍କ ନିତି ଶ୍ଳୋକ ତଥା ଭର୍ତ୍ତୃହରି ନୀତି ଶତକ ବୋଲି ମଧ୍ୟ କୁହାଯାଇପାରେ । ଏଥିରେ ଜନସାଧାରଣଙ୍କ ଯୁଗ ଯୁଗର ଅଭିଜ୍ଞତା ଓ ସାର୍ବ ଜନୀନ ସତ୍ୟର ସ୍ୱରୂପ ନିହିତ । ଏହାକୁ ଗୋଟିଏ ସମାଜ ଓ ସଂସ୍କୃତିର ମାନଦଣ୍ଡ ବା ଦର୍ପଣ ଭାବେ ମଧ୍ୟ ବିବେଚନା କରାଯାଇପାରେ । ଗାଠନିକ ଦୃଷ୍ଟିରୁ ଏହା ଅତି ସଂକ୍ଷିପ୍ତ ହେଲେ ହେଁ ଏଥିରେ କଥକର ଚିନ୍ତାଉପସ୍ଥିତ ,ଚରିତ୍ର, ବ୍ୟଙ୍ଗ ବିଳାସର ପରିଚୟ ମିଳେ । କହିବା ,ସୌନ୍ଦର୍ଯ୍ୟ ସାଧନା ,ଆଚାର,ବିଚାର,ବୁଦ୍ଧି,ଜ୍ଞାନ,ପ୍ରତ୍ୟୁମତିତା,ବୁଦ୍ଧି ଭଙ୍ଗୀର ସଂବାହକ ଅଟେ । ପଶ୍ଚିମ ଓଡ଼ିଶା ଏକ ବୃହତ୍ ଏହା ଲୋକ ଜୀବନର ବ୍ୟଞ୍ଜନାତ୍ମକ ଦୃଷ୍ଟି ,ବାହୁଲ୍ୟ ଭୂଖଣ୍ଡ ହେଲେ ମଧ୍ୟ ଏଠାରେ ବିଭିନ୍ନ ଜନଜାତ‌ିସଂପ୍ରଦାୟର ଆଧାରରେ ବିଭିନ୍ନ ପ୍ରକାରର ସାମାଜିକ ଓ , ସାଂସ୍କୃତିକ ଜୀବନ ଧାରାକୁ ଉପଲବ୍ଧ କରି ହୁଏ । ଏପରିକି ଜନଜାତି ଓ ସମ୍ପ୍ରଦାୟଭିତ୍ତିରେ ଅନେକ ପ୍ରକାର

ଭାଷା ମଧ୍ୟ ଦେଖିବାକୁ ମିଳେ । ଲୋକୋକ୍ତି ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଜନ ସାଧାରଣଙ୍କ ଜୀବନ ଚର୍ଯ୍ୟାର ଅନେକ ପାରମ୍ପରିକସାମାଜିକ ଜୀବନର,ସାଂସ୍କୃତିକ, ନୃତାତ୍ୱିକ ଦିଗ ଉନ୍ମୋଚିତ ହୋଇ ପାରିବ । ଅତି ସଂକ୍ଷେପରେ ଏକ ବିଶାଳ ଘଟଣାର ଆଧାରରେ ବ୍ୟଞ୍ଜନା ପୂର୍ବକ ସମ୍ମୁଖସ୍ଥ ବ୍ୟକ୍ତି ବା ଜନତାକୁ ସଚେତନ କରାଇବା ହିଁ ଲୋକୋକ୍ତିର ମୂଳ ସଂବେଗ । ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଗୁଡ଼ିକ ଗାଠନିକ ଦୃଷ୍ଟିରୁ ଦୀର୍ଘ ଥିବାବେଳେ ଲୋକୋକ୍ତିଗୁଡ଼ିକ ଏକାକ୍ଷରୀତ୍,ଦ୍ୱି ଅକ୍ଷରୀ,ତ୍ରୈ ଅକ୍ଷରୀ,ଚତୁରାକ୍ଷରୀ, ପଞ୍ଚାକ୍ଷରି ହୋଇ ଅତି ବେଶୀରେ ଦୁଇରୁ ତିନି ପାଦ ବିଶିଷ୍ଟ ହୋଇ ସୁଦ୍ଧା ଏକ ଗହନମର୍ମସ୍ପର୍ଶୀ ନିର୍ଯ୍ୟାସକୁ ଉପସ୍ଥାନ ,ଗମ୍ଭୀର, କରିଥାଏ ।

ପଶ୍ଚିମ ଓଡ଼ିଶାରେ ଭାଷା ଚଳଣୀ ଅନୁଯାୟୀ ଲୋକୋକ୍ତିର ସାମାନ୍ୟ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ । ପଶ୍ଚିମ ଓଡ଼ିଶାର ଆଦିବାସୀ ବର୍ଗ ଓ ଅନ୍ୟାନ୍ୟ ଲୋକମାନେ ଏହାର ବହୁଳ ବ୍ୟବହାର କରନ୍ତି । ପଶ୍ଚିମ ଓଡ଼ିଶାର ଭାଷା ଶ୍ରୁତି ମଧୁର ହେତୁ ଏହାର ଢଗପ୍ରବଚନ ଆଦି ଅତି ଶ୍ରୀଘ୍ର ହୃଦୟରେ ଆନନ୍ଦ ଦିଏ । ବାରମ୍ବାର , ଭାବାବେଗର ଚମତ୍କାର ପରିବେଷଣ ପ୍ରୟୋଗ କରିବାକୁ ମନ ହୋଇଥାଏ । ଲୋକ ମନର ବିଭିନ୍ନ ,ହୋଇଥାଏ । ସଂକ୍ଷିପ୍ତ ଚିତ୍ତାକର୍ଷକଏହି ଲୋକୋକ୍ତି ପଶ୍ଚି ,ମ ଓଡ଼ିଶାର ଭାଷା ସଂସ୍କୃତିସାହିତ୍ୟ ଓ ଚଳଣୀକୁ , ଅଧିକ ସମୃଦ୍ଧ କରି ପାରିଛି କହିଲେ ଅତ୍ୟକ୍ତି ହେବ ନାହିଁ । ସମାଜ ସବୁବେଳେ ଏକ ଗୋଷ୍ଠୀ ଜୀବନକୁ ପ୍ରତିନିଧିତ୍ୱ କରେ । ଲୋକୋକ୍ତି ସାମାଜିକ ଜୀବନର ସମୂହ ଅଭିଜ୍ଞତା ଦ୍ୱାରା ପରି ସୃଷ୍ଟ ହୋଇଥାଏ ।

**ସହାୟକ ଗ୍ରନ୍ଥସୂଚୀ :**


ଲୋକ ସାହିତ୍ୟର,ଅନାଦି ଚରଣ,ଗାଁଣ (୧)ରୂପରେଖ୨୦୦୪,କଟକ,ଅଗ୍ରଦୁତ,

ବାରତ ସମନ୍ୱିତ ,ସମ୍ବଲପୁର,ପଶ୍ଚିମ ଓଡ଼ିଶାର ଢ଼ଗଢମାଳି ଓ ପ୍ରବାଦ ପ୍ରବଚନ,ଶ୍ରୀ ଗଣେଶ ରାମ,ନାହାକ (୨) ୨୦୦୫,ସମାଜ କଲ୍ୟାଣ ସଂସ୍ଥା

ବିଜୟନୀ ,ଏକ ତୁଳନାତ୍ମକ ଅଧ୍ୟୟନ-ଲୋକୋକ୍ତି ବାଲେଶ୍ୱର ଓ କଳାହାଣ୍ଡିର,ପଲ୍ଲୀଶ୍ରୀ,ପଟ୍ଟନାୟକ (୩) ୨୦୧୨,କଟକ,ଅରୁଣୋଦୟ ମାର୍କେଟ ,ପବ୍ଲିକେଶନ୍

(୪)ପ୍ରହରାଜକଟକ ଟ୍ରେଡିଂ ,ପ୍ରଥମ ଭାଗ,ଓଡ଼ିଆ ଲୌକିକ ପଦ ବା ଢଗ ଢମାଳି ବଚନ,ଗୋପାଳ ଚନ୍ଦ୍ର, ୨୦୦୦,କଟକ,ବିନୋଦ ବିହାରୀ ,କମ୍ପାନୀ

,(ସଂ)ଓଡ଼ିଆ ଲୋକ ସାହିତ୍ୟ ସମୀକ୍ଷା,ଶ୍ୟାମ ସୁନ୍ଦର,ମହାପାତ୍ର (୫)ବିଦ୍ୟାପୁରୀ୨୦୦୫ ,

,କଟକ ,ବିନୋଦ ବିହାରୀ,ଓଡ଼ିଶା ବୁକ୍ ଷ୍ଟୋର,ଲୋକସାହିତ୍ୟ ତତ୍ତ୍ୱ ,ଶ୍ୟାମ ସୁନ୍ଦର,ମହାପାତ୍ର (୬)୧୯୯୫

,ମାନସେଠ (୭)କ୍ଷେତ୍ରବାସୀବନଶ୍ରୀ ସାହିତ୍ୟ ଓ ସଂସ୍କୃତି ,ଡମ ଭାଷାର ଲୋକୋକ୍ତି, ୨୦୦୦,କନ୍ଧମାଳ,ପରିଷଦ

୨୦୦୮,କଟକ,ଅଗ୍ରଦୂତ,ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶ ଧାରା,ସୁଧୀର କୁମାର,ସାହୁ (୮)

(୯) Marx, karl, the social world,quet by s.c. Dubey, understanding society, 1984,P.18.

# ଜଗନ୍ନାଥ ଚେତନାର ଆଧାତ୍ମିକ ସ୍ରୋତ : 'ରଥ ସପ୍ତକ'

**ଗବେଷକ ଅଭିମନ୍ୟୁ ସାହୁ**
**ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ**
**ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ଭବାନୀପାଟଣା**

ସାରାଂଶ) ABSTRACT) – ଓଡ଼ିଆ ସାହିତ୍ୟ ଜଗତର ଏକ ବଳିଷ୍ଠ ବିଭାଗ କହିଲେ ଆମେ ସାଧାରଣତଃ ପ୍ରବନ୍ଧକୁ ବୁଝିଥାଉ । ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ସାଂପ୍ରତିକ ଓଡ଼ିଆ ସାହିତ୍ୟର ଜଣେ ଚର୍ଚିତ ଚେହେରା । ତାଙ୍କ ଦ୍ୱାରା ସୃଷ୍ଟି ପ୍ରବନ୍ଧ ମୁଖ୍ୟତଃ ଆସ୍ତିକ ଭାବନା ତଥା ଇଶ୍ୱର ବିଶ୍ୱାସ , ପ୍ରେମ ,ଭକ୍ତି-ଭାବନା ,ସମର୍ପଣ ଉପରେ ଆଧାରିତ । ତାଙ୍କର ଶ୍ରେଷ୍ଠ ପ୍ରବନ୍ଧ ଭାବରେ 'ରଥ ସପ୍ତକ' କୁ ଚିହ୍ନଟ କରି ତା' ମଧ୍ୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା , ଭାରତୀୟ ଦର୍ଶନର ଆତ୍ମ ତତ୍ତ୍ୱକୁ ନିହିତ କରାଯାଇଛି । କେବଳ ପ୍ରାଚୀନ ଶୈଳୀକୁ ଆଧାର କରି ପୁରାଣର ପରିକଳ୍ପନା ତାହା ଯୁକ୍ତି ଯୁକ୍ତି ନୁହେଁ ; ଆଧୁନିକ ଶୈଳୀରେ ମଧ୍ୟ ପ୍ରାଚୀନ କାବ୍ୟକୁ ଆଧାର କରି ତାହା ରଚନା ସମ୍ଭବ ହୋଇ ପାରୁଛି । ତାହାର ପ୍ରଚ୍ଛଦ ଉଦାହରଣ ଭାବରେ ପ୍ରାବନ୍ଧିକ ରଥ ପରିଚିତ । ଭାରତୀୟ ସଂସ୍କୃତି ଓ ଉପନିଷଦୀୟ ପରମ୍ପରାର ସୁ-ସମନ୍ୱୟ ଅଧୁନା ସମାଜରେ କିପରି ଦେଖାଯାଇଛି, ତାହା ହେଉଛି ପ୍ରବନ୍ଧର ପ୍ରମୁଖ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ପ୍ରମୁଖ ଶବ୍ଦାବଳୀ) KEY WORDS) ଭାରତୀୟ ଦର୍ଶନ ତତ୍ତ୍ୱ , ଉପନିଷଦ, ଘୋଷ ଯାତ୍ରା , ରୀତି କାବ୍ୟ , ଜଣାଣ ,ଚଉତିଶା

ଚଳିତ ଶତକର ବିଶିଷ୍ଟ ପ୍ରାବନ୍ଧିକ ରୂପେ ଚନ୍ଦ୍ରଶେଖର ରଥ ସୁବିଦିତ। ସମକାଳୀନ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଚିନ୍ତାନ୍ୱେଷୀ ଓ ମନନଶୀଳ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି। ସେ ଏକାଧାରରେ ଜଣେ ଓଡ଼ିଆ କଥାକାର ,ପ୍ରାବନ୍ଧିକ ,ସ୍ଥପତି ,ଚିତ୍ରଶିଳ୍ପୀ ,କବି ,ନିବନ୍ଧକାର ,ଗାଳ୍ପିକ ଏବଂ ଔପନ୍ୟାସିକ । ସେ ମୁଖ୍ୟତଃ ପଦ୍ମଶ୍ରୀ ,ଶାରଳା ,କେନ୍ଦ୍ର ସାହିତ୍ୟ ଏକାଡେମୀ , ଓଡିଶା ସାହିତ୍ୟ ଏକାଡେମୀ, ଝଙ୍କାର ପୁରସ୍କାର ,ସାହିତ୍ୟ ଭାରତୀୟ ସମ୍ମାନ ,ପ୍ରଜାତନ୍ତ୍ର ବିଷୁବ ପୁରସ୍କାର ଆଦି ସମ୍ମାନରେ ସମ୍ମାନିତ । ସେ ସାଂପ୍ରତିକ କାଳରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଜଣେ ଗତିଶୀଳ ପ୍ରାବନ୍ଧିକ ହିସାବରେ ପରିଚିତ ସୃଷ୍ଟି କରିପାରିଛନ୍ତି । ଓଡ଼ିଆ ପ୍ରବନ୍ଧ ଜଗତର ସୁନାମଧନ୍ୟ ସ୍ରଷ୍ଟା ଭାବରେ ଚିତ୍ତରଞ୍ଜନ ଦାସ, ଭୁବନେଶ୍ୱର ବେହେରା, ରତ୍ନାକର ପତି, ନିତ୍ୟାନନ୍ଦ ମହାପାତ୍ର, ଏପରି ଅନେକ ପ୍ରାବନ୍ଧିକ ନିଜର ସ୍ଥିତିକୁ ସୁଦୃଢ଼ କରି ରଖିଛନ୍ତି । କିନ୍ତୁ; ପ୍ରାବନ୍ଧିକ ଚିତ୍ତରଞ୍ଜନଙ୍କୁ ବାଦଦେଲେ ତାଙ୍କ ସମକକ୍ଷ ପ୍ରାବନ୍ଧିକ ବିରଳ । ।୧। ଜୀବନର ସାଧାରଣ ସତ୍ୟଠାରୁ ଆରମ୍ଭକରି ଜାଗତିକ ଜୀବନର ସୂକ୍ଷ୍ମ ରହସ୍ୟମାନଙ୍କୁ ତାଙ୍କ ପ୍ରବନ୍ଧରେ ସ୍ଥାନିତ କରିଛନ୍ତି । ଜୀବନ ଦର୍ଶନର ଗଭୀରତା ତାଙ୍କ ପ୍ରବନ୍ଧ ପରିଧିକୁ ଋଦ୍ଧିମନ୍ତ କରିପାରିଛି । ମନୁଷ୍ୟ ଜୀବନର ସୁଖଦୁଃଖ,

ଅସରନ୍ତି ଭାବନା , ବ୍ୟାକୁଳତା, ନିସଂଗତା, ଆଧୁନିକ ଜୀବନଶୈଳୀ ପ୍ରଭୃତି ପରିପ୍ରକାଶ ତାଙ୍କ ପ୍ରବନ୍ଧର ପ୍ରାଣକେନ୍ଦ୍ର।

ସେ ଉଭୟ ଇଂରାଜୀ ସଂସ୍କୃତ ସାହିତ୍ୟରୁ ତାଙ୍କ ପ୍ରବନ୍ଧ ରଚନା ପାଇଁ ପ୍ରେରଣା ଲାଭ କରିଛନ୍ତି । ତାଙ୍କ ଦ୍ବାରା ସୃଷ୍ଟି ପ୍ରବନ୍ଧରେ ଭାଗବତ, ଉପନିଷଦ, ମହାଭାରତ, ରାମାୟଣ, ପ୍ରଭୃତିର ପ୍ରଭାବ ପରିଲକ୍ଷିତ ହୋଇଥାଏ।ଏତଦ୍ ବ୍ୟତୀତ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାବଧାରାମାନଙ୍କରୁ ମଧ୍ୟ ପ୍ରେରିତ ହୋଇଛନ୍ତି , ଏବଂ ବୁଦ୍ଧ , ଶଙ୍କର, ଶ୍ରୀ ଅରବିନ୍ଦ , ବିବେକାନନ୍ଦ, ମହାତ୍ମାଗାନ୍ଧୀ ପ୍ରଭୃତି ମନୀଷିମାନଙ୍କ ଦାର୍ଶନିକ ଜୀବନର ଗୁଢ଼ରହସ୍ୟରେ ଅନେକାଂଶରେ ଅନୁପ୍ରାଣିତ ବା ପ୍ରଭାବିତ ।

ମୁଖ୍ୟତଃ ତାଙ୍କ ପ୍ରବନ୍ଧ କୌଣସି ନୀତି, ନିୟମ, ଆଧାରିତରେ ରଚିତ ହୋଇନଥାଏ । ସେ ନିଜର ପୂର୍ଣ୍ଣ ସ୍ୱାଧୀନତା ନେଇ ତାଙ୍କର ସୃଜନଶୀଳ ଚିନ୍ତାଧାରାକୁ ପ୍ରବନ୍ଧରେ ଦର୍ଶାଇଥାନ୍ତି । ତାଙ୍କ ପ୍ରବନ୍ଧରେ ବ୍ୟକ୍ତି ଜୀବନରୁ ଆରମ୍ଭ କରି ବିଶ୍ୱର ଯାବତୀୟ ଚିତ୍ର ଆଙ୍କିବାରେ ସକ୍ଷମ ହୋଇପାରିଛନ୍ତି।

ଏଯାବତ୍ ପ୍ରକାଶିତ ତାଙ୍କର ପ୍ରବନ୍ଧ ସଙ୍କଳନ ମଧ୍ୟରେ 'ମନ ଅରଣ୍ୟ' (୧୯୭୧(, ଦୃଷ୍ଟି ଓ ଦର୍ଶନ )୧୯୭୧(, ଏ ଯେଉଁ ପୃଥିବୀ)୧୯୭୨(, ମୁଁ ସତ୍ୟଧର୍ମ କହୁଛି) ୧୯୭୭(, ମଧୁ ସନ୍ଧାନ)୧୯୭୮(, ଉତ୍ତର ଅରଣ୍ୟ) ୧୯୮୦(, ଅଶ୍ରୁତ ସ୍ୱର) ୧୯୮୧(, କ୍ରୀତଦାସର ସ୍ୱପ୍ନ) ୧୯୮୧(,ରଥ ସପ୍ତକ) ୧୯୮୩(,ବିଶେଷ କଥନ)୨୦୦୫(, ଲଘୁ ସଂହିତା)୨୦୧୨(,ନିବନ୍ଧ ସଂଗ୍ରହ)୨୦୧୨(, ଉନ୍ମୋଚିତ ଦିଗ୍ ବଳୟ)୨୦୧୨ ( ପ୍ରଭୃତି ପ୍ରଧାନ ।

ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧଗୁଡିକ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇପାରେ ।

୧ .ଆସ୍ତିକ ଭାବଚେତନା ଧର୍ମୀ ପ୍ରବନ୍ଧ
୨ .ସାହିତ୍ୟ ସମ୍ପର୍କିତ ପ୍ରବନ୍ଧ
୩ .ଜୀବନ ଜାଗତିକମୂଳକ ପ୍ରବନ୍ଧ
୪ .ସୂକ୍ଷ୍ମ ମାନବିକ ମୂଳଚେତନାମୂଳକ ପ୍ରବନ୍ଧ

ଭାରତୀୟ ସଂସ୍କୃତି ଓ ଉପନିଷଦୀୟ ପରମ୍ପରାରେ ପ୍ରଭାବିତ ହୋଇ ପ୍ରାବନ୍ଧିକ ରଥ ତାଙ୍କ ପ୍ରବନ୍ଧରେ ଏକ ବୃହତ୍ତର ଦିଗରେ ଅନୁସନ୍ଧାନ କରିପାରିଛନ୍ତି । ବିଶେଷକରି ଜଗନ୍ନାଥ ଚେତନା ଉପରେ ଆଧାରିତ ପ୍ରବନ୍ଧ ତାଙ୍କ ଗଭୀର ଭାବନାର ଦ୍ୟୋତକ।

ଆଲୋଚନାର ବିଷୟ ହେଉଛି" ରଥ ସପ୍ତକ "ଏହା ଏକ ପ୍ରବନ୍ଧ ସଙ୍କଳନ । ଏହା ୧୯୮୩ରେ ପ୍ରକାଶିତ । ଏଥିମଧ୍ୟରେ ୧୩ଟି ପ୍ରବନ୍ଧ ସ୍ଥାନିତ ରହିଛି । ତନ୍ମଧ୍ୟରୁ

୧ .ମୁଁ କ୍ଷେତ୍ର ଯିବି, ୨ .ହେ !ଭଗତେ ,୩ .ପ୍ରଭୁବିଜେ ,୪ .ରଥ ପ୍ରସ୍ଥାନ , ୫ .ବାହୁଡ଼ା ବିଚ୍ଛେଦ ,୬ . ମଥୁରାଧିପତେ ,୭ .ଠାକୁର ଭଲେ ବିରାଜୋଦୀ, ୮ .ଆସ ଗୋପକୁ ଯିବା, ୯ .ଏକାନ୍ତ କଥନ,୧୦ .ମା କୈତବ ବାଦମ୍ ,୧୧ .ମଧ୍ୟ ଭୂମିର ପ୍ରାର୍ଥନା ୧୨ .ଲୀଳା ବିଧୃତ କଳେବର ,୧୩ .ପଶ୍ୟତି ବିଶି ଦଳ ।

ଉପରୋକ୍ତ ପ୍ରବନ୍ଧ ସଙ୍କଳନଟିକୁ ପ୍ରାବନ୍ଧିକ 'ଉତ୍କଳ ଭାରତିକୁ' ସମର୍ପଣ କରିଛନ୍ତି । ତନ୍ମଧ୍ୟରୁ ୭ଗୋଟି ପ୍ରବନ୍ଧରେ ପ୍ରଭୁଙ୍କ ଘୋଷଯାତ୍ରା ସମ୍ପର୍କରେ ବର୍ଣ୍ଣିତ କରାଯାଇଛି । ଅନ୍ୟ ଛ' ଗୋଟି ପ୍ରବନ୍ଧରେ ଜଗନ୍ନାଥଙ୍କ ରୂପ

ଓ ଯୁଗର ଅବସାନ କଥା ବର୍ଣ୍ଣିତ ରହିଅଛି । ପ୍ରାବନ୍ଧିକ ମୁଖ୍ୟତଃ ସାତ ବର୍ଷର ଘୋଷଯାତ୍ରାର ପୁଣ୍ୟ ତିଥିରେ ଏହିଭଳି ସାତଟି ପ୍ରବନ୍ଧ ଲେଖିବାରେ ସକ୍ଷମ ହୋଇ ପାରିଛନ୍ତି। ବିଶେଷ କରି " ସୀମା ଭିତରେ ଅସୀମକୁ ,ରୂପରୁ ଅରୂପକୁ ,ଇନ୍ଦ୍ରିୟ ଗ୍ରାହ୍ୟ ଅବସ୍ଥାରୁ ଅତୀନ୍ଦ୍ରିୟ ଭାବଜଗତକୁ ଓ ଅଳ୍ପରୁ ଭୂମାକୁ ଯିବାର ବାସନା ଏଇ ପ୍ରବନ୍ଧ ମାନଙ୍କରେ ପ୍ରକାଶିତ । ।୨। ଜଗନ୍ନାଥ ଚେତନା କେନ୍ଦ୍ରିକ ପ୍ରବନ୍ଧ ରଚନାରେ ନିଜେ ସେ ମଧ୍ୟ ସ୍ୱୀକାର କରିଛନ୍ତି " ବେଳେବେଳେ ବନ୍ଦୀ ଶାଳାରେ ମହାପୁରୁଷ ଜନ୍ମ ଲାଭ କଲାପରି ସାହିତ୍ୟ ସୃଷ୍ଟି ତାର ସ୍ରଷ୍ଟାକୁ ଅତିକ୍ରମ କରିଯାଏ । ନିମିତ୍ତ ଭଳି ଉଭୟ ଲେଖକ ଏବଂ ଲେଖନୀକୁ ବ୍ୟବହାର କରି ସୂକ୍ଷ୍ମ ଭୂମିରୁ ଯେ ଅବତରଣ କରେ ସେ ସୃଷ୍ଟି ତା ସ୍ରଷ୍ଟା ଠାରୁ ବୃହତ୍ତର ,ଆୟତନରେ ଏବଂ ଗଭୀରତାରେ ସେ ସ୍ୱୟଂତା ସୃଷ୍ଟି ପାଇଁ ନିମିତ୍ତ ଏବଂ ଉପାଦାନ । ନିଜର ଗୋଟିଏ ମାତ୍ର ଅଂଶକୁ ସଜୀବିତ କରି ତାକୁ ସ୍ୱତନ୍ତ୍ର ସତ୍ତାର ସ୍ୱୀକୃତି ଦେବା ସ୍ରଷ୍ଟାର ଅନନ୍ୟ ଅଧିକାର । "(ପ୍ରାକ୍ ଭାଷା – 'ରଥ ସପ୍ତକ' ,ପୃ-୧୪୯ (

ଭାବର ଠାକୁର ଶ୍ରୀ ଜଗନ୍ନାଥ । ପ୍ରାକ୍ କାଳରୁ ଶୁଣିବାକୁ ମିଳିଅଛି ,ଜଗନ୍ନାଥଙ୍କ ଘୋଷ ଯାତ୍ରାକୁ ଚକ୍ଷୁ ପୁରାଇ ଦେଖିବାକୁ କୋଟି କୋଟି ଭକ୍ତଙ୍କ ବଡ ଦାଣ୍ଡରେ ସମାଗମ ହୋଇଥାଏ । କିନ୍ତୁ; ଅନ୍ତର୍ଯ୍ୟାମି ମନୁଆ ଠାକୁର ନିଜର ତେରେଛା ନୟନରେ ଭକ୍ତଙ୍କୁ ଟିକେ ବି ଆଡ ଆଖିରେ ଦେଖୁ ନ ଥାନ୍ତି । ସେଥିପାଇଁ ଦାସିଆବାଉରୀ ,ଭକ୍ତ ସାଲବେଗ ,ଭାବ ସମୁଦ୍ରର ବଳରାମ ଦାସ , ଆର୍ତ୍ତତ୍ରାଣ ଚଉତିଶାର ଦିନ କୃଷ୍ଣ ,ବନ୍ଧୁ ମହାନ୍ତି ,ସଂସାର ତ୍ୟାଗୀ ଭୀମ ଭୋଇ ,ପ୍ରଭୁଙ୍କ ନିକଟରେ ଅଭିମାନ ଭରା କଣ୍ଠରେ ଅନେକ ଗୁହାରି ମଧ କରିଛନ୍ତି ,ଯାହା ଫଳରେ ବଡ ଦାଣ୍ଡେ ପ୍ରଭୁଙ୍କ ନନ୍ଦିଘୋଷ ରଥ ଅଟକି ଯିବାର ଜନଶ୍ରୁତି ରହିଅଛି ।

ପ୍ରତ୍ୟେକ ଭକ୍ତ ପ୍ରାଣର ଭାବନା ହେଲା ' ମୁଁ କ୍ଷେତ୍ର ଯିବି ' ସେଇ ସାତ୍ତ୍ୱିକ ଆବେଗରେ ପ୍ରତ୍ୟେକ ଭକ୍ତ ଟାଣି ହୋଇ ଆସି ବଡ ଦାଣ୍ଡରେ ଏକତ୍ରିତ ହୋଇଥାନ୍ତି । ସେଠାରେ ଦେଖିବାକୁ ମିଳେ । ଦେଶ ଦେଶାନ୍ତର ,କାଳ କାଳନ୍ତରରୁ ଆସିଥିବା ଭକ୍ତ ମାନେ ପରସ୍ପରକୁ ନିବିଡ ଆତ୍ମୀୟତା ସହକାରେ ଗ୍ରହଣ କରନ୍ତି । ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଭକ୍ତ କିପରି ବ୍ୟାକୁଳିତ ହୋଇଥାଏ ସେହି କଥା ଏହି ପ୍ରବନ୍ଧରେ ବର୍ଣ୍ଣିତ ହୋଇଅଛି । ଦେଖିବାକୁ ମିଳିଅଛି କିପରି ଭକ୍ତଙ୍କ ନିମନ୍ତେ ପ୍ରଭୁଙ୍କ ରଥ ବଡଦାଣ୍ଡରେ ଅଟକି ଯାଇଛି ଏବଂ ରଥ ଉପରେ ଅବସ୍ଥିତ ହୋଇ ମହାବାହୁ ସତେ ଯେପରି ଭୁଜ ବିସ୍ତାରି ନିଜର କାରରେ ଶ୍ରୀଫଳ ଅର୍ଘ୍ୟକୁ ଗ୍ରହଣ କରିଛନ୍ତି । ଭକ୍ତ ହୃଦୟର କରୁଣା ଚିତ୍କାର ଜାଣିବାକୁ କେବଳ ଜଗନ୍ନାଥ ହିଁ ସମର୍ଥ । ଜଣେ ଭକ୍ତ ମହାପ୍ରଭୁଙ୍କ ସାନ୍ନିଧ ଲାଭ ପାଇଁ ତାଙ୍କ ' ପାଟଡୋରକୁ' ଭରସା କରିଅଛି ଯଦି ; ଦୀନବାନ୍ଧବ ହରି ହେତୁକ ଅନୁଗ୍ରହ କରି ଏକ ପାକ୍ଷିକ ପାଟଡୋରଟିଏ ଲଗାଇ ଟାଣି ନିଅନ୍ତି ତାହାଲେ ! ମୁଁ ନିଶ୍ଚୟ କ୍ଷେତ୍ର ଯିବି । ପ୍ରଭୁଙ୍କ ନିକଟରେ ପ୍ରାବନ୍ଧିକ ନିଜକୁ ସମର୍ପଣ କରିଦେଇଛନ୍ତି ଏବଂ ଭକ୍ତି କଣ୍ଠରେ ଗାଇଛନ୍ତି ;

ମୁଁ କ୍ଷେତ୍ର ଯିବି ............... ଆରେ ମୋ କ୍ଷେତ୍ର ଯିବି
ଗୋଡ ଯୋଡିକ ଥାଇ ବୋଇଲେ
ସତ ମୋ ବଚନ ରାମା,ସତ ମୋ ବଚନ
ଜଗନ୍ନାଥଙ୍କ ଶରଧା ବାଲିରେ ଚାଲିବାକୁ ମୋ ମନ........
ମୁଁ ତ କ୍ଷେତ୍ର ଯିବି

ଜଗନ୍ନାଥଙ୍କ ଶରଧା ବାଲି ନିତି ଚାଲୁଥିବି
ମୁଁ ତ କ୍ଷେତ୍ର ଯିବି । ) ମୁଁ କ୍ଷେତ୍ର ଯିବି ,ପୃ – ୧୩(

ବଡ ଦାଣ୍ଡରେ ସମାଗମ ହେବା ପରେ ଏକୁ ଆରେକ ଡକାହକା ହୁଅନ୍ତି " ହୋ ଭଗତେ " ସମସ୍ତଙ୍କର ସାମୂହିକ ଆବାହନରେ ପ୍ରଭୁଙ୍କ ସିଂହାସନ ଥରହର ହୋଇପଡେ । ଭାବକୁ ନିକଟ ସେ ଅଭାବକୁ ଦୂର । ଜଗନ୍ନାଥଙ୍କ କରୁଣା ଅପାର । ପ୍ରାବନ୍ଧିକ ରଥ ଜଗନ୍ନାଥ ଦାସଙ୍କ 'ଭାଗବତ' ରୁ କିଛି ଅଂଶ ଉକ୍ତ ପ୍ରବନ୍ଧରେ ଉଲ୍ଲେଖ୍ୟ କରିଛନ୍ତି । ଜଗନ୍ନାଥଙ୍କ ମହିମାକୁ ପୂର୍ବରୁ ଅନେକ ଆଲୋଚକ ଆଲୋଚନା କରିଥିଲେ ମଧ୍ୟ ଏହା ଏକ ସ୍ଵତନ୍ତ୍ର ଶୈଳୀରେ ରଚନା ହୋଇଥିବାର ମନେ ହୋଇଥାଏ । ଯେଉଁଥିରେ ଭକ୍ତ ବତ୍ସଳ ଭଗବାନ ନିଜେ ଭକ୍ତଙ୍କ ନିକଟକୁ ଆସିଛନ୍ତି ।

ଦାସିଆବାଉରୀ ,ଭକ୍ତ ସାଲବେଗ ଭୀମା ଭୋଇ ,ରସିକ କବି ଅଭିମନ୍ୟୁ , କବି ସୂର୍ଯ୍ୟ ,ଜ୍ଞାନ ଗୁରୁ ଅଚ୍ୟୁତ ,ଯଶୋବନ୍ତ ଏବଂ ଅନନ୍ତ ଗୋପାଳ କୃଷ୍ଣ ଏପରି ଅନେକ ଭକ୍ତ ବଡ ଦେଉଳ ସମ୍ମୁଖରେ ରହି ନିଜର ଗୁହାରି ଜଣାଇଥିବାର ଏହି ପ୍ରବନ୍ଧରୁ ଜଣାଯାଏ । ଉତ୍କଳ ମଣି ଗୋପବନ୍ଧୁ ନାରାୟଣକୁ ନେତା ରୂପେ ମାନି ନେଇଛନ୍ତି ସେଥିପାଇଁ 'ବନ୍ଦୀର ଆତ୍ମକଥା'ରେ କହିଛନ୍ତି ;

' ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ' ।

ପରିଶେଷରେ ଶ୍ରୀ ରଥଙ୍କର ମନ ଭିତରେ ସର୍ବଦା ଆନ୍ଦୋଳିତ ହେଉଛି " ମୁହୂର୍ତ୍ତକରେ ମୋତେ କହିଦିଏ ,ଭଗତେ ଏ ବିଶାଳ ମନ୍ଥନର କେନ୍ଦ୍ରରେ ସେ କିଏ ? ସେ କ'ଣ ସେଇ ? ଦୟାକର ଭଗତେ ହଁ ' ବୋଲି କହ ନାହିଁ , ସମୁଦ୍ରରେ ବୁଡିଜିବି । ନା' ବୋଲି କାହ ନାହିଁ ଜଗତେ ନିର୍ବାତ ଶୂନ୍ୟରେ ଛତି ଫାଟିଯିବ ! ତୁନି ପଡି ଯାଅ ! ତୁନି ପଡିଯାଅ ! " (ହୋ ! ଭଗତେ ,ପୃ-୨୬ ( 'ହୋ ଭଗତେ' ଓ 'ମୁଁ କ୍ଷେତ୍ର ଯିବି' ପ୍ରବନ୍ଧ ଦ୍ଵୟରେ ପାଟଡୋରକୁ ପ୍ରାବନ୍ଧିକ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କର ମିଳନ ଭାବେ ଆଚ୍ଛନ୍ନ କରିଛନ୍ତି ।

ଭକତଙ୍କ ହରିବୋଲ ଓ ହୁଳ ହୁଳି ସ୍ଵରରେ ଚତୁଃଦିଗ କମ୍ପନ ହେବା ଦ୍ଵାରା "ପ୍ରଭୁ ବିଜେ " ହୁଅନ୍ତି ଘୋଷ ଯାତ୍ରା ପାଇଁ ତ୍ରିପୁର ସ୍ତମ୍ଭିତ ହୋଇ ଚାହିଁ ରହିଛି ଆଜିର ଘୋଷ ଯାତ୍ରାକୁ । ଚତୁଃଦିଗ ଆନନ୍ଦର ଲହରୀରେ ଭାସି ଉଠୁଛି। କୋଟି ଓଡିଆର ମଉଡମଣି ,ଶବର ଦେବତା ,ଦହି ଦୁଧ ଖିଆ କାଳିଆ , କାଳିଆ ବଦନ ,କିପରି ସଂସାର ରୂପକ ଜନ ସମୁଦ୍ରରେ ଲୀଳା ଦେଖାଇବା ପାଇଁ ବିଜେ ହେଉଛନ୍ତି ନନ୍ଦିଘୋଷର ହୃତ କେନ୍ଦ୍ରରେ । ସତରେ; ଭାବର ଠାକୁର ଅଟନ୍ତି ଜଗନ୍ନାଥ ଭକତର ଭାବ ଓ ଅଭିମାନକୁ ସହଜରେ ବୁଝିପାରୁଥିବା ଅଧାଗଢା ଦେବତାଟିଏ । ସ୍ଵୟଂ ବ୍ରହ୍ମ ନିତ୍ୟ ପ୍ରତିମ ।

ବିଶ୍ଵ ନିୟନ୍ତା ପ୍ରଭୁ ବ୍ରହ୍ମାଣ୍ଡ ଗୋସାଇଁଙ୍କ ପ୍ରତି ଭକ୍ତ ମାନଙ୍କର ଉପମା ଅନ୍ୟତମ । ଏଠାରେ ପ୍ରାବନ୍ଧିକ ନିଜର ମୌଳିକ ଚିନ୍ତାଧାରା ତଥା ପ୍ରାଚୀନ କାବ୍ୟ , ପୁରାଣ ,ଉପନିଷଦର ପ୍ରୟୋଗରେ ନିଜର ବକ୍ତବ୍ୟକୁ ଅଭିବ୍ୟକ୍ତ କରିଛନ୍ତି । ରାମାୟଣ ,ମହାଭାରତ ପରି ପୌରାଣିକ ତଥ୍ୟକୁ ନୂତନ ରୂପେ ଉପସ୍ଥାପନା କରିଛନ୍ତି । କିପରି ଭାବରେ ଆଧ୍ୟାତ୍ମିକ କ୍ଷେତ୍ରରେ ଜଗନ୍ନାଥଙ୍କର ଅପରିସୀମା କରୁଣା ରହିଛି ,ଭକ୍ତଙ୍କ ନିକଟରେ । ତେତିଶି କୋଟି ଦେବା ଦେବୀ ତଥା ଭକ୍ତମାନଙ୍କର ଜନ ସମାଗମ ହୋଇଥାଏ ପ୍ରଭୁଙ୍କ ଘୋଷ ଯାତ୍ରାରେ ।

ସାଂପ୍ରତିକ ସମୟରେ ପ୍ରଭୁଙ୍କ ଘୋଷ ଯାତ୍ରାରେ ଯେଉଁ ନୀତି ନିୟମ ଆଧାରରେ ପ୍ରଭୁ ରଥକୁ ବିଜେ କରିଥାନ୍ତି । ତାଙ୍କ ଭାଇ ,ଭଉଣୀ ଓ ସୁଦର୍ଶନଙ୍କ ସହିତ ତାହାର ବିଧି ବିଧାନକୁ ସୁଚାରୁ ରୂପେ ସୁଚିତା କରାଯାଇଛି ଉକ୍ତ ପ୍ରବନ୍ଧରେ ।

ପ୍ରାବନ୍ଧିକ ରଥ କହି ଛନ୍ତି ; ନବାତ କନ୍ଦକୁ ପିମ୍ପୁଡିମାନେ ଲାଗିଲା ପରି ଶ୍ରୀ ଅଙ୍ଗରେ ସେବକ ପଂକ୍ତି ଲାଖି ରହିଛନ୍ତି । ଛାମୁରେ ପାଟଡୋର ଭିଡି ଧରି ଡାକୁଛନ୍ତି ଲୁହ ସର ସର ଭକ୍ତ ସେବକେ –' ଆ କାଳିଆ ଆ ! ଆ ,ଧନ ଆ ! ଆ ,ମୋ ସୁନା ଆ !! ' ଯେପରି ଜଣେ ମା ତା ପୁଅକୁ ନିଃସ୍ୱାର୍ଥ ଭଲପାଇବା ଦେଇଥାଏ ,ପ୍ରଭୁଙ୍କ ନିକଟରେ ଅକୈତବ ଭଲପାଇବା ପରଖି ହେଉଛି ।

ସାଧାରଣତଃ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାରେ ପ୍ରଭୁଙ୍କର ଗୁଣଗାନ ତଥା ଅଭିମାନ କୋହ ଭରା କଣ୍ଠରେ ବିଭିନ୍ନ ନୃତ୍ୟ ,ଗୀତ,ବାଦ୍ୟ , ହରିବୋଲୋ ଓ ହୁଳ ହୁଳି ଆଦିରେ ବଡଦାଣ୍ଡ ପ୍ରକମ୍ପିତ ହୋଇ ଉଠେ । ଗୋପୀ ,ଗୋପାଳୁଣୀ ମାନଙ୍କ ଅଭିମାନ ,ତେତିଶି କୋଟି ଦେବା ଦେବୀଙ୍କର ସ୍ତବ ପାଠ ,ସଂଗୀତା ଗାନ ,ଭଜନ ,ଜଣାଣ, ଚଉତିଶା ରୀତିକୁ ଖୁବ୍ ସୁନ୍ଦର ଭାବରେ ପ୍ରାବନ୍ଧିକ ରଥ ସ୍ଥାନିତ କରିଛନ୍ତି । ଘୋଷ ଯାତ୍ରା ସର ରଥାରୂଢ ହୋଇ ସମାଗତ ଭକ୍ତ ଜଣଙ୍କର ନୟନମନ ତୃପ୍ତ କଳା ପରେ ନୀଳଚକ୍ରରୁ ' ରଥ ପ୍ରସ୍ଥାନ 'ହୁଏ ଶରଧା ବାଲି ଯାଏ ।

ଯଶସ୍ୱୀ ପ୍ରାବନ୍ଧିକ ରଥଙ୍କ ସଙ୍କଳନରେ ସ୍ଥାନିଇତ ପ୍ରବନ୍ଧର ନାମ କରଣ ଯଥାର୍ଥତା ଅତ୍ୟନ୍ତ ମନଲୋଭା। ଜଗନ୍ନାଥ ଚେତନାର ଆଧ୍ୟାତ୍ମିକ ବ୍ୟାଖ୍ୟାକୁ ପଢିବା ଦ୍ୱାରା କିଛି ସମୟ ପାଇଁ ମନେ ହୁଏ ଏବଂ ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ ମୁଁ କିଏ ? ସଂସାରରେ ମୋର କର୍ତ୍ତବ୍ୟ କ'ଣ ? ମୋର ଜନ୍ମର ସାର୍ଥକତା କ'ଣ ? ଏପରି ଅନେକ କିଛି କିନ୍ତୁ ପରେ ଉତ୍ତର ଆସେ ମୁଁ ହେଉଛି ବିଶ୍ୱ ନିୟନ୍ତା ,ବିଶ୍ୱମ୍ଭର ,ପତିତ ଉଦ୍ଧାର ଜଗନ୍ନାଥଙ୍କ ଅକିଞ୍ଚନ ଭକ୍ତ ।

କଥାରେ ଅଛି ସବୁ ଆରମ୍ଭର ଶେଷ ଥାଏ କିନ୍ତୁ ; ପ୍ରତ୍ୟେକ ଶେଷ ପଛରେ ଏକ ନୂତନ ଦିଶାର ଉନ୍ମୋଚନ ଘଟିଥାଏ ,ଯେପରିକି ପ୍ରଭୁ ମର୍ତ୍ତ୍ୟ ମଣ୍ଡଳରେ ଘୋଷ ଯାତ୍ରାରେ ନିଜର ଲୀଳା-ଖେଳା ସାରି ବିଶାଳ ଜନ ସମୁଦ୍ରରେ ନୌକାର ନାଉରି ହୋଇ ସମସ୍ତ ଭକ୍ତଙ୍କୁ ଉଦ୍ଧାର କଲ,ତାହା କହିବା ବାହୁଲ୍ୟ ମାତ୍ର ,କିନ୍ତୁ; ପ୍ରଭୁଙ୍କ ସ୍ୱ-ସ୍ଥାନ ପ୍ରତ୍ୟାବର୍ତ୍ତନ ବା 'ରଥ ପ୍ରସ୍ଥାନ' ହେଉଛି ଆଲୋଚ୍ୟ ବିଷୟ ବସ୍ତୁ ।

ପ୍ରାବନ୍ଧିକ ନିଜ ଜୀବନର କଷଣକୁ ଗୁହାରିକରି କହିଛନ୍ତି, " ମୋତେ କ୍ଷୁଦ୍ର ଜୀବ କରି ଗଢିଲୁ । ମୋ ଉପରେ ଜନ୍ମ ମୃତ୍ୟୁ ଜରା ବ୍ୟାଧିର ବିନ୍ଧ୍ୟାଚଳ ମଡେଇ ହୋଇ ପଡିଛି । ଏ ବିପୁଳ ପୃଥିବୀର ଗୁରୁଭାର ମୋ ଚେତନାର ଲୁଟା ଜାଲରେ ସମ୍ଭାଳି ବଞ୍ଚିବାକୁ ମୁଁ ସମର୍ଥ ନୁହେଁ । ମୁଁ ପେଷି ହୋଇଗଲି ପ୍ରଭୁ , ଅକୁଳାନ ଦୁଃଖର ମୃତଭାର ତଳେ ମୋର ସମଗ୍ର ପୃଥିବୀ ଗଳି ପଡୁଛି ଅତଳ ଶୂନ୍ୟକୁ । " (ରଥ ପ୍ରସ୍ଥାନ ,ପୃ- ୪୯(

ରଥ ପ୍ରସ୍ଥାନ ପରେ ଗୁଣ୍ଡିଚା ପାଇଁ ଗୁଣ୍ଡିଚା ମନ୍ଦିରରେ ଠାକୁର ରହଣି କରନ୍ତି । ସେଠି କିନ୍ତୁ ମନ ବଳେ ନାହିଁ । ନୀଳାଚଳ ଫେରିଯିବାକୁ ଇଚ୍ଛା କରନ୍ତି । ଚୈତନ୍ୟ ପୁରୁଷ ଛାଡିଗଲେ ପରେ କେବଳ ପଡି ରହେ ଜଡ ପିଣ୍ଡ ପରେ 'ବାହୁଡା ବିଚ୍ଛେଦ' ହୁଏ । ପ୍ରାବନ୍ଧିକଙ୍କ ଅଭିମାନ ଭରା କଣ୍ଠରେ କରୁଣା ଚିତ୍କାର

ଶୁଣିବାକୁ ମିଳେ ଉକ୍ତ ପ୍ରବନ୍ଧରେ । ଶ୍ରୀ ମନ୍ଦିର ପ୍ରାଙ୍ଗଣ ବାହାରେ ଯେଉଁମାନେ ଖୋଳ ,ତାଳ ,ନୃତ୍ୟରେ ନୃତ୍ୟ କରୁଛନ୍ତି ସେମାନଙ୍କୁ ପ୍ରାବନ୍ଧିକ ପ୍ରବାସୀ ପକ୍ଷୀ କହିଛନ୍ତି । ଜଗନ୍ନାଥ ହେଉଛନ୍ତି ଅନାଥର ନାଥ ,କୋଟି କଇବଲ୍ୟର ନାଥ । ତାଙ୍କର ଅନୁମତି ବିନା ବୃକ୍ଷରୁ ପତ୍ରଟିଏ ବି ହଲେନା ।

ପ୍ରବନ୍ଧ ସଙ୍କଳନ 'ରଥ ସପ୍ତକ' ରେ ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ବିଶେଷ କରି ଜଗନ୍ନାଥଙ୍କର ଚିନ୍ତା ,ଚେତନା ,ଅଲୌକିକ ଶକ୍ତି ,ଭକ୍ତି ପରାକାଷ୍ଠା ,ଭକ୍ତ ବତ୍ସଳ ନୀତିକାନ୍ତି ରୂପ ନବକଳେବର ବେଶ ଭୂଷା ଇତ୍ୟାଦି ବିଷୟରେ ଆଲୋକ ପାତ କରିଛନ୍ତି ।

ଜଗନ୍ନାଥଙ୍କ ଦକ୍ଷିଣ ମୋଡରେ ପରିବର୍ତ୍ତନ ଦେଖି ପ୍ରାବନ୍ଧିକ କିଛି ସମୟ ପାଇଁ ଠାକୁରଙ୍କ ଚାହିଁ ରହିଲେ;ଯେମିତିକି ତାଙ୍କୁ କାନ୍ଧରେ ହାତରଖି କିଏ କହିଛି " ମୋତେ କୁଣ୍ଢାଇ ଧରିଥା ,ମୁଁ ତତେ ଏ ଭରା ନଇ ପାର କରି ନେଇଯିବି । " (ବାହୁଡା ବିଚ୍ଛେଦ ,ପୃ- ୫୯ (ଘୋଷ ଯାତ୍ରା ସାରି ପ୍ରଭୁ ଅନ୍ତଧାମକୁ ବିଜେ ହେବେ ,କିନ୍ତୁ ; ଠାକୁରାଣୀଙ୍କ ଆଜ୍ଞା ନାହିଁ । ବାହ୍ୟତଃ ଦାମ୍ପତ୍ୟ କଳହ ପରି ଦୃଶ୍ୟମାନ ହେଉଥିବ ଏ ଅପୂର୍ବ ମଧୁର ରସ ,ଅଚିନ୍ତ୍ୟ ଭେଦା ଭେଦରା ମଧୁର ଲୀଳା । ଏହି ପ୍ରବନ୍ଧରେ ଠାକୁରଙ୍କ ଘର ବାହୁଡାର ମଧୁର ମହୋଷ୍ଛବରେ ଲକ୍ଷ୍ମୀଦେବୀଙ୍କ ଉଆସ କିପରି ପୁଲକିତ ହେଉଛି ତଥା ସେବାୟତ ,ପରିଚାରିକାମାନେ କିପରି ତତ୍ପର ହୋଇ ଉଠୁଛନ୍ତି ଏବଂ ଧୂପ ,ଦୀପ ,ନୈବେଦ୍ୟ ,କର୍ପୂର ଆଳତିର ଶ୍ରୀ ମନ୍ଦିର ମହକି ଉଠୁଛି ,ତାହାର ପରିଚୟ ହେଉଛି "ମଧୁରାଧିପତି" ।

" ଠାକୁର ଭଲେ ବିରାଜୋ ଜୀ " ପ୍ରବନ୍ଧରେ ପ୍ରଭୁ କିପରି ଘୋଷ ଯାତ୍ରାରେ ଶ୍ରମ ସ୍ୱୀକାର ପରେ ସ୍ୱେଚ୍ଛାରେ ରତ୍ନ ସିଂହାସନ ମଣ୍ଡନ କରିଛନ୍ତି । ଯେପରି ଆଷାଢର ନୂଆ ମେଘ ପଟଳ ଶେଷରେ କହିଛନ୍ତି " ଯେଉଁଦିନ ଇନ୍ଦ୍ରିୟ ମାନେ ପରିତ୍ୟକ୍ତ ରଥ ନିଃଚଳ ହୋଇଯିବେ , ନୀରନ୍ଧ୍ର ମେଘମାଳରେ ଆଷାଢ ଆକାଶ ଆଚ୍ଛନ୍ନ ହୋଇ ଆସୁଥିବ । ବୁଜି ହୋଇ ଆସୁଥିବ ଜୀବନର ପ୍ରସ୍ଫୁଟିତ ପଦ୍ମ ; ମୋ ଶ୍ରୀ ମନ୍ଦିର ଗମ୍ଭୀର ଭିତରେ ଏପରି ଅଚଞ୍ଚଳ ପ୍ରଣବ ରୂପରେ ବିଜେ ହୁଏ ଜଗନ୍ନାଥ ପରିପୂର୍ଣ୍ଣ ହେଉ ଘୋଷ ଯାତ୍ରା ,ଶ୍ରୀ ମଣ୍ଡିତ ହେଉ ଶ୍ରୀ ମନ୍ଦିର । " (ଠାକୁର ଭଲେ ବିରାଜୋ ଜୀ,ପୃ – ୮୩(

ସାହିତ୍ୟର ପ୍ରଧାନ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରବନ୍ଧ ଅନ୍ୟତମ । ପ୍ରବନ୍ଧକୁ ମୁଖ୍ଯତଃ ସରସ ,ସୁନ୍ଦର କରି ଗଢି ତୋଳିବାରେ ପ୍ରାବନ୍ଧିକ ଅନେକ ପୋଥି ପୁରାଣ ,ପ୍ରାଚୀନ କାବ୍ୟ ପରମ୍ପରା ରୀତି ସାହିତ୍ୟର ପ୍ରଭାବ ତାଙ୍କ ପ୍ରବନ୍ଧରେ ପଡିଥିବାର ଦୃଷ୍ଟିଗୋଚର ହୋଇଥାଏ । କେତେକ ପ୍ରବନ୍ଧରେ ଦେଖିଆଛୁ ଆଧୁନିକ ଶୈଳୀରେ ପ୍ରବନ୍ଧ ରଚନା କରାଯାଇଥିବାର ,କିନ୍ତୁ;ଆଲୋଚ୍ୟ ପ୍ରବନ୍ଧରେ କିପରି ପ୍ରାଚୀନ ଧାରା ତଥା ରୀତି ସାହିତ୍ୟର ମନିଷୀଗଣ ଯଥା : ଦୀନକୃଷ୍ଣ , କବି ସୂର୍ଯ୍ୟ ,ଭୀମା ଭୋଇ ,ଗୋପାଳକୃଷ୍ଣ ,ଭକ୍ତ ସାଲବେଗ ଆଦିଙ୍କ ଜୀବନୀରେ ପ୍ରଭାବିତ ହୋଇ ଜଗନ୍ନାଥଙ୍କ ଅରୂପ ,ଅତୀନ୍ଦ୍ରିୟ ରୂପକୁ ନିଜ ପ୍ରବନ୍ଧରେ ଆଧୁନିକ ଶୈଳୀରେ ରଚନା କରିଛନ୍ତି ।

ପ୍ରାବନ୍ଧିକ ରଥଙ୍କ ରଚନାରେ ଅଧିକାଂଶ ପ୍ରବନ୍ଧ ଈଶ୍ୱର ବିଶ୍ୱାସୀ ,ତଥା ଆସ୍ତିକ ଦର୍ଶନରେ ଅସ୍ତିତ୍ୱବାଦରେ ବିଶ୍ବାସ ସୃଷ୍ଟି କରିପାରିଛି । ଭାରତରେ ଦର୍ଶନ ଓ ଧର୍ମ ଅଙ୍ଗାଙ୍ଗୀ ଭାବେ ଜଡିତ । ସେ ହେତୁରୁ ଭାରତୀୟ ବାସୀଙ୍କ ମନରେ ଧର୍ମ ଓ ବିଶ୍ବାସ ସୃଷ୍ଟି ନିମନ୍ତେ ପ୍ରାୟୋଗିକ ଦୃଷ୍ଟିକୋଣରୁ ସଙ୍କୁଚିତ କରି ନାହାନ୍ତି ।

ପ୍ରାବନ୍ଧିକଙ୍କ ପ୍ରବନ୍ଧ ପଢିଲା ବେଳେ ସାଧାରଣତଃ ଦୁଇଟି ଦିଗକୁ ଲକ୍ଷ୍ୟ କରିବାକୁ ପଡିଥାଏ । ପ୍ରଥମତଃ ଜଗନ୍ନାଥ ଚେତନାର ଆଧ୍ୟାତ୍ମିକ ସ୍ରୋତ ଓ ଅନ୍ୟଟି ଭାରତୀୟ ଦର୍ଶନର ଆତ୍ମତତ୍ତ୍ୱ । ଜଗନ୍ନାଥ ଚେତନାରେ ପ୍ରାବନ୍ଧିକ ଭଗବତ୍ ବିଶ୍ବାସ ସୃଷ୍ଟି କରିପାରିଛନ୍ତି । ତତ୍ ସଙ୍ଗେ ସଙ୍ଗେ ଅନ୍ୟଟିର ଭାରତୀୟ ଦର୍ଶନ ସମ୍ପର୍କିତ ଆଲୋଚନା । କିନ୍ତୁ; ଆମର ଆଲୋଚନାର ବିଷୟ ହେଉଛି ଜଗନ୍ନାଥ କୈନ୍ଦ୍ରିକ ଚେତନା ।

ସର୍ବଦା ଦେଖିବାକୁ ମିଳିଥାଏ ଅନେକ ପ୍ରାବନ୍ଧିକଙ୍କ ପ୍ରବନ୍ଧରେ ଯେ କୌଣସି ରଚନାରେ ଭଗବତ୍ ବା ଜଗନ୍ନାଥଙ୍କ ଆସିଲା ବେଳେ ପ୍ରଥମତଃ ଆତ୍ମସମର୍ପଣ ଓ ଆଧ୍ୟାତ୍ମିକ ଅବବୋଧ କଥା ଆସିଥାଏ ଯେପରି ପ୍ରବନ୍ଧରେ ସ୍ଥାନିତ ନୀଳାଚଳାଧିପତି ବଡ ଠାକୁର ଜଗନ୍ନାଥଙ୍କ ପାଇଁ ବହୁ ମାନ ଅଭିମାନର ଅଲିଭା ଶିଖା ଏବଂ ଦାସିଆବାଉରୀ ,ଭକ୍ତ ସାଲବେଗ, ଦୀନକୃଷ୍ଣଙ୍କ ପରି 'କୃପାସିନ୍ଧୁ ବଦନ କର ଅବଲୋକନ' ,କିମ୍ବା କବି ସୂର୍ଯ୍ୟ 'ବାଧିଲା ଜାଣି କ୍ଷମା କର ନ ହୋଇଲେ ରମା- ରମଣ ଦଣ୍ଡେ ନିଅ ଟାଣି ' ଜଣାଣ ଆଦି ଅଭିମାନ କୋହଭରା କଣ୍ଠରେ ଆର୍ତ୍ତ ଚିତ୍କାର ଏଠାରେ ପ୍ରଦର୍ଶିତ ।

ଜଣେ ପ୍ରବନ୍ଧ ଲେଖି ସୁ-ସାହିତ୍ୟିକ ଭାବରେ ଖ୍ୟାତି ଅର୍ଜନ କରିବା ଏକ କଷ୍ଟସାଧ ବ୍ୟାପାର । କାରଣ କେଜାଣି କାହିଁକି ଏ ବିଭାଗ ପ୍ରତି ପାଠକ ମାନଙ୍କର ଅନେକାଂଶରେ ବିମୁଖତା ଦେଖାଯାଇଥାଏ । କିନ୍ତୁ; ପ୍ରାବନ୍ଧିକ ରଥ ଏହାର ବ୍ୟତିକ୍ରମ । ସେ ସମସ୍ତ ପାଠକ ମାନଙ୍କ ହୃଦୟରେ ଚିର ଆମର ହୋଇ ରହି ପାରିଛନ୍ତି । ତାଙ୍କ ରଚନା ଶୈଳୀ ,ଚିନ୍ତା-ଚେତନା ଶବ୍ଦ ସଂଯୋଜନା ,ଉପମା ,ଭାଷା ବିନ୍ୟାସ ,ଇତ୍ୟାଦି ଅନ୍ୟ ପ୍ରାବନ୍ଧିକ ଅପେକ୍ଷା ଖୁବ୍ ସ୍ୱତନ୍ତ୍ର । ତେଣୁ ତାଙ୍କୁ ସମକାଳୀନ ଓଡିଆ ପ୍ରବନ୍ଧ ସାହିତ୍ୟର ଅନ୍ୟତମ ବିଶିଷ୍ଟ ସାଧକର ଆଖ୍ୟା ଦିଆଯାଇପାରେ ।

**ସହାୟକ ଗ୍ରନ୍ଥ ସୂଚୀ:**

୧ -ପଟ୍ଟନାୟକ ,ପଠାଣି) ସଂ (– ଓଡିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ , ୨୦୧୯ , ପୃ – ୭୪୧

୨ – କର ,ବାଉରୀବନ୍ଧୁ – ଓଡିଆ ପ୍ରବନ୍ଧ ସାହିତ୍ୟର ଇତିହାସ, ୨୦୨୨- ପୃ – ୩୮୭

୩ – ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ପ୍ରାକ୍ ଭାଷା

୪ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ମୁଁ କ୍ଷେତ୍ର ଯିବି- ପୃ – ୧୩

୫ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ହୋ ଭଗତେ – ପୃ – ୨୬

୬ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ପ୍ରଭୁ ବିଜେ – ପୃ- ୩୭

୭ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ରଥ ପ୍ରସ୍ଥାନ – ପୃ – ୪୯

୮ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ବାହୁଡା ବିଚ୍ଛେଦ- ପୃ – ୮

୯ - ରଥ ,ଚନ୍ଦ୍ରଶେଖର – ରଥ ସପ୍ତକ- ୧୯୮୩ – ଠାକୁର ଭଲ ବିରାଜୋ ଜୀ - ପୃ – ୮୩

•

# ମାନବେତର ଚରିତ୍ର ଓ କୃପାସାଗର ସାହୁଙ୍କ ଗଳ୍ପ

ସୁନୀଲ ସେଠୀ
(ଗବେଷକ(

ଉତ୍ତର ଅଣୀ ଓଡ଼ିଆ ଗଳ୍ପଧାରାର ଜଣେ ସଫଳ ସ୍ଥପତି ହେଉଛନ୍ତି କଥାକାର କୃପାସାଗର ସାହୁ । ସେ ତିନି ଶତରୁ ଅଧିକ ଗଳ୍ପ ଓ ଆଠରୁ ଅଧିକ ଉପନ୍ୟାସ ରଚନା କରି ଓଡ଼ିଆ କଥା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ସାରିଛନ୍ତି । ତାଙ୍କ ଗଳ୍ପ ପୁସ୍ତକଗୁଡ଼ିକ ମଧ୍ୟରେ ଲୌକିକ ଓ ଅଲୌକିକ, ଶୁଆ କହେ ଶାରୀ ଲୋ, ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟା ଗଳ୍ପ, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, କାହାଣୀଓ ଅନ୍ୟାନ୍ୟ ଗଳ୍ପ ୧୯୯୮-, ଗଡ଼ଜାତ ଗଳ୍ପ, କୃପାସାଗର ସାହୁଙ୍କ ରେଳ ଗଳ୍ପ, କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ, କାହାଣୀଓ ଅନ୍ୟାନ୍ୟ ଗଳ୍ପ ଇତ୍ୟାଦି ୨୦୦୫- ତାଙ୍କ କଥା ରାଜ୍ୟର ସ୍ୱାକ୍ଷର ବହନ କରିଛି । ସାହିତ୍ୟର ବିଭିନ୍ନ ବାଦ କି ତତ୍ତ୍ୱ ଉପରେ ଭରସା କରୁନଥିବା କୃପାସାଗର ସାହୁ ନିଜର ଅନୁଭୂତି ଓ ଅନୁଭବକୁ ଗଳ୍ପରେ ବଖାଣନ୍ତି । କେତେବେଳେ ଯେ କାହାଣୀ ଭିତରେ ସାହିତ୍ୟ ତତ୍ତ୍ୱ ଓ ବାଦଗୁଡ଼ିକ ଫୁଟି ଉଠନ୍ତି ଗାଳ୍ପିକ ମଧ୍ୟ ଜାଣିପାରନ୍ତି ନାହିଁ । ଯାହା ତାଙ୍କ ସାହିତ୍ୟର ଗୋଟିଏ ଗୋଟିଏ ଦିଗକୁ ସୂଚିତ କରେ । ଏ ଦିଗ ମଧ୍ୟରୁ ଗୋଟିଏ ହେଉଛି କୁହୁକ ବାସ୍ତବତା ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ସମାଜରେ ବାସ କରୁଥିବା ସମସ୍ତ ଜୀବମାନଙ୍କ ସହିତ ତାହାର ସମ୍ପର୍କ ରହିଛି । ମଣିଷ ଜଗତରେ ଶ୍ରେଷ୍ଠ ଜୀବ ହୋଇଥିଲେ ମଧ୍ୟ, ସେ ଏକା ବଂଚି ପାରିବ ନାହିଁ । ତେଣୁ ବିଭିନ୍ନ ଜୀବଜନ୍ତୁମାନଙ୍କର ସାହାଯ୍ୟରେ ମଣିଷ ସମାଜରେ ତାର ଜୀବନ ଓ ଜୀବିକାକୁ ତ୍ୱରାନ୍ୱିତ କରିଥାଏ । ଯେଉଁଭଳି କୁକୁର ଘର ଜଗୁଥିବା ବେଳେ, ଗଧ ବୋଝ ବୋହିଥାଏ । ସେହିପରି ବଳଦ ହଳ କରିଥାଏ । ଭିନ୍ନ ଜୀବମାନଙ୍କ ଠାରୁ ମଧ୍ୟ ମନୁଷ୍ୟ ଖାଦ୍ୟପଦାର୍ଥ ପାଇଥାଏ । ତେଣୁ ସେ ଅନେକ ଜୀବକୁ ଘରେ ପାଳନ କରିଥାଏ । ଏକା ସାଙ୍ଗରେ ରହିବା କାରଣରୁ ସେମାନଙ୍କ ମଧ୍ୟରେ ଏକ ପ୍ରେମ ଭାବ ସୃଷ୍ଟି ହୋଇଥାଏ । ଜୀବ ଓ ମଣିଷ ଉଭୟ ସାଥିହୋଇ ଜୀବନର ସୁଖ ଦୁଃଖମୟ ପଥ ଅତିକ୍ରାନ୍ତ କରିଥାନ୍ତି ।

ସ୍ରଷ୍ଟାଟିଏ ତାର ସୃଷ୍ଟିସର୍ଜନା କଲାବେଳେ ସମାଜର ବିଭିନ୍ନ ସ୍ଥାନରୁ ଓ ବିଭିନ୍ନ ବର୍ଗରୁ କାହାଣୀମାନ ଗ୍ରହଣ କରିଥାଏ । ସେହି କାହାଣୀମାନଙ୍କ ମଧ୍ୟରେ ବିଭିନ୍ନ ଚରିତ୍ରମାନ ରହିଥାନ୍ତି । କେବଳ ମଣିଷ ଚରିତ୍ରଭାବରେ ସ୍ଥାନ ପାଇନଥାନ୍ତି, ବିଭିନ୍ନ ଜୀବଜନ୍ତୁ ଛେଳି, ମେଣ୍ଢା, ଗାଈଗୋରୁ-, ଠେକୁଆ, କୁକୁର, ହଂସ-ହଂସରାଳି ଆଦି ସ୍ଥାନ ପାଇଥାନ୍ତି । ଏହା ବ୍ୟତିତ ବିଭିନ୍ନ ଗଛ, ପାହାଡ ପର୍ବତ ଆଦି ମଧ୍ୟ ଏଥିରୁ-ବଂଚିତ ହୋଇନାହାଁନ୍ତି । ଏହି ଚରିତ୍ରଗୁଡିକୁ କୁହାଯାଏ ମାନବେତର ଚିରତ୍ର । ମାନବେତର ଅର୍ଥ ହେଉଛି ମାନବଠାରୁ ଭିନ୍ନ ଚରିତ୍ର । ମାନବ ଓ ଇତର ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ମାନବେତର । ମାନବର ଅର୍ଥ ମନୁଷ୍ୟ ଏବଂ ଇତରର ଅର୍ଥ ନୀଚ, ଅଧମ ବା ନିମ୍ନ ଶ୍ରେଣୀସ୍ଥ । ଏଠାରେ ମନୁଷ୍ୟଠାରୁ ନୀଚ ଚରିତ୍ର କୁହାନଯାଇ, ମନୁଷ୍ୟଠାରୁ ଭିନ୍ନ ବା ମନୁଷ୍ୟ ବ୍ୟତିରେକ ଅନ୍ୟ ଚରିତ୍ର ହେଉଛି ମାନବେତର ଚରିତ୍ର ବୋଲି କୁହାଯିବା ସମୀଚିନ । ମାନବେତର ଶବ୍ଦକୁ ଇଂରାଜୀରେ ଫେବଲ କୁହାଯାଏ । ଏହା ମୂଳ ଲାଟିନ୍ ଶବ୍ଦ କଥନରେ ଫାରି ଗଳ୍ପରେ ଫେବୁଲା ପରେ ପରେ ଫ୍ରେନ୍ସରେ ଫେବଲ ଦେଇକରି ଶବ୍ଦଟି ଗତି କରିଛି ।

ମାନବେତର ଚରିତ୍ରମାନଙ୍କର ସୃଷ୍ଟି ପ୍ରାଚୀନ ସାହିତ୍ୟମାନଙ୍କଠାରୁ ଆରମ୍ଭ ହୋଇଥିବାର ଆମେ ଦେଖିବାକୁ ପାଉ । ଲୋକସାହିତ୍ୟ ହେଉଛି ସର୍ବପ୍ରାଚୀନ ସାହିତ୍ୟ । ଯାହାର କି ଲେଖକ ବା କବି କେହି ନାହାଁନ୍ତି । ଏହା ମଣୀଷର ମୁଖରୁ ମୁଖକୁ ଗତି କରୁଥିଲା । ଲୋକ ଗୀତମାନଙ୍କରେ ଆମେ ଦେଖିବାକୁ ପାଇଥାଉ ଏହି ମାନବେତର

ଚରିତ୍ରମାନଙ୍କୁ । ମଣିଷ ବିଭିନ୍ନ କଠିନ କାର୍ଯ୍ୟମାନ କରିଥାଏ । ଏହି କଠିନ କାର୍ଯ୍ୟର କଷ୍ଟ ଅପନୋଦନ ନିମନ୍ତେ ସେ ଗୀତମାନ ଗାନ କରିଥାଏ । ଏହି ଲୋକ ଗୀତ ପର୍ଯ୍ୟୟରେ ପଶୁପକ୍ଷୀଙ୍କୁ ସମ୍ବୋଧନ, ଗୁଣକୀର୍ତ୍ତନ ଏବଂ ସେମାନଙ୍କ ସହ ତୁଳନା କରିଥାଏ । ଆଈମା ନାତିନାତୁଣୀମାନଙ୍କୁ ବିଭିନ୍ନ କାହାଣୀମାନ କହିଥାନ୍ତି । ଏହି କାହାଣୀମାନଙ୍କରେ ବିଭିନ୍ନ ମାନବେତର ଚରିତ୍ର ବାଘ, ଭାଲୁ, ଠେକୁଆ, କଇଁଚ ମାନେ ଆସି ସେମାନଙ୍କ ଭଲମନ୍ଦ, ନ୍ୟାୟଅନ୍ୟାୟ ନୀତି ଶିକ୍ଷା ଦେବା ସହିତ ମନୋରଞ୍ଜନ କରିଥାନ୍ତି । ସେହିପରି ଲୋକନାଟକ ମାନଙ୍କରେ ମନୁଷ୍ୟ ବିଭିନ୍ନ ପଶୁପକ୍ଷୀମାନଙ୍କର ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବହାରକରି ମୁଖା ପରିଧାନକରି ଅଭିନୟ କରିଥାନ୍ତି । ସେହିପରି ଓଷାବ୍ରତମାନଙ୍କରେ ବିଭିନ୍ନ ଦେବାଦେବୀମାନଙ୍କର ବାହନ ଏହି ମାନବେତର ଜୀବମାନେ ହୋଇଥାନ୍ତି ଏବଂ ବିଭିନ୍ନ ମାନବେତର ଚରିତ୍ରମାନେ ମଧ୍ୟ ଓଷାବ୍ରତରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଖୁଦୁରୁକୁଣି ଓଷାରେ ଛେଳି, ଜହ୍ନି ଓଷାରେ ସର୍ପ, ଆଶ୍ୱିନ ଗୁରୁବାରରେ ହାତୀ, ଦୂତିଆ ଓଷାରେ ଚିଲ ଓ ଶୃଗାଳ ଆଦି ମାନବେତର ଚରିତ୍ର କାହାଣୀକୁ ଗତିଶୀଳ କରିଥାନ୍ତି ।

ଲିଖିତ ସାହିତ୍ୟ ମାନଙ୍କରେ ମାନବେତର ଚରିତ୍ରମାନଙ୍କର ବର୍ଣ୍ଣନା ଦେଖିବାକୁ ପାଇବା । ପ୍ରାୟତଃ ଓଡିଆ ଲିଖିତ ସାହିତ୍ୟ ସୃଷ୍ଟି ହେଉଛି ଚର୍ଯ୍ୟାଗୀତିକାରୁ । ଏହି ଚର୍ଯ୍ୟାଗୀତିକାରେ ମୟୂର ପୁଚ୍ଛର ବ୍ୟବହାର, ଶାଗୁଣା ମଢ ଖାଇବା କଥା, ହାତୀ ପଦ୍ମବନରେ କ୍ରୀଡା କରିବାକଥା ସହିତ ମୂଷିକ ଚର୍ଯ୍ୟାରେ ଗୋଟିଏ ମୂଷାକୁ ପ୍ରତୀକ ଭାବରେ ଗ୍ରହାଣ କରିଛନ୍ତି ଭୁସୁକୁପାଦ । ରୁଦ୍ରସୁଧାନିଧିରେ ହସ୍ତ, ମର୍କଟୀ, କୁରଙ୍ଗ, ଶାର୍ଦ୍ଦୂଳ, ଷଣ୍ଢ, ସିଂହ, ଦଧ, ଶାରୀ, ଶୁକ, ବନହଂସୀ, କୁକୁଡା, ଚକ୍ରବାକ, ବକ, ରାଜହଂସୀ, କୋକି, ମୟୂର, ସର୍ପ ଓ ଭ୍ରମର ଆଦି ମାନବେତର ଚରିତ୍ର ଚିତ୍ରିତ ହୋଇଛନ୍ତି । ସାରଳା ମହାଭାରତରେ ମଧ୍ୟ ବିଭିନ୍ନ ମାନବେତର ଚରିତ୍ର ବର୍ଣ୍ଣନା ଦେଖିବାକୁମିଳେ । ସେ ଶାହାଡା ବୃକ୍ଷ କଥା ହେଉ କି ଅଶ୍ୱତ୍ଥମା ହାତୀ କଥା ହେଉ । ସ୍ୱର୍ଗାରୋହଣ ପର୍ବରେ ଶ୍ୱାରନ ବା କୁକୁରର ଭୂମିକା ଦେଖିବାକୁ ମିଳେ । ସେହିପରି ପସଖା ଯୁଗରେ ବଳରାମ ଦାସଙ୍କ ଦାଣ୍ଡିରାମାୟାଣ ହେଉ କି ଜଗନ୍ନାଥ ଦାସଙ୍କ ଭାଗବତ ହେଉ। ସବୁଥିରେ ଆମେ ମାନବେତର ଚରିତ୍ର ଦେଖିବାକୁ ପାଇବା । ଦାଣ୍ଡିରାମାୟଣରେ ବାନର, ଭଲୁକ, ଜଗାୟୁ ପକ୍ଷୀ, ଚକ୍ରବାକଚକ୍ରବାକୀ, କାଉ ଆଦି ଅନେକ ମାନବେତର ଚରିତ୍ର ରହିଥିବା ବେଳେ ଭାଗବତରେ ଭ୍ରମର, କପେଧିଛ, ସାପ, ମୀନ, ହରିଣ ଆଦି ଅନେକ ମାନବେତର ଚରିତ୍ରକୁ ଦେଖିବାକୁ ମିଳେ । ରୀତି ଯୁଗୀରେ ବିଭିନ୍ନ କାବ୍ୟକବିତା, ଚଉପଦୀ, ରଉତିଶା, କୋଇଲି ଆଦି ଅନେକ ଗୀତିକା ରଚନା କରାଯାଇଛି । କୋଇଲିକୁ ମାନବେତର ଚରିତ୍ରଭାବରେ ଗ୍ରହଣକରି ଚଉତିଶା ଶୈଳୀରେ ବିଭିନ କୋଇଲି ରଚନା କରାଯାଇଛି । କୋଇଲିକୁ ଦୂତ ଭାବରେ ଗ୍ରହଣକରି ମାର୍କଣ୍ଡ ଦାସ କେଶବ କୋଇଲି ରଚନା କରିଛନ୍ତି । ପ୍ରାଚୀନ ଓଡିଆ ସାହିତ୍ୟରେ ମାନବେତର ଚରିତ୍ରମାନେ ଭଲମନ୍ଦ-, ନ୍ୟାୟ ଅନ୍ୟାୟ ଜଣାଇବା ସହିତ ନୀତିଶିକ୍ଷା ପ୍ରଦାନ କରିବାର ଭୂମିକା ଗ୍ରହଣ କରିଛନ୍ତି ।-

୧୯୮୦ ମସିହାପରର୍ବୀ ଗଳ୍ପରେ ମଧ୍ୟ ମାନବେତର ଚରିତ୍ରର ରୂପକୁ ଦେଖିବାକୁ ମିଳେ । ଏମାନେ ମଣିଷମାନଙ୍କ ସହିତ ମଣିଷଭଳି କଥା କହିଛନ୍ତି, ବ୍ୟବହାରକରିଛନ୍ତି, ମଣିଷକୁ ବିପଦରେ ସାହାଯ୍ୟ ମଧ୍ୟ କରିଛନ୍ତି । ଗଳ୍ପମାନଙ୍କରେ ଏହି ଇତର ପ୍ରାଣୀମାନେ ମଣିଷ ସହିତ ସ୍ଥାପନକରିଛନ୍ତି ଏକ ଅହେତୁକ ସମ୍ପର୍କ । ମଣିଷଭଳି ବଂଚିବାର ଏକ ସ୍ୱତନ୍ତ୍ର ଅଧିକାର ସେମାନଙ୍କ ରହିଛି । ମଣିଷମାନଙ୍କ ଭଳି ସେମାନଙ୍କ ଜୀବନରେ ସ୍ନେହ, ପ୍ରେମ ବିଶ୍ୱାସ, ହସ, କାନ୍ଦ ବିଶ୍ୱସ୍ତ ଓ ସମ୍ବେଦନଶୀଳ ପ୍ରବଣତା ଦେଖିବାକୁ ମିଳିଥାଏ । ମଣିଷ କେବଳ ଏ ପୃଥିବୀରେ ବଞ୍ଚିବାର ଅଧିକାର ପାଇନାହିଁ । ଏହି ପ୍ରାଣୀ ମାନେ ମଧ୍ୟ ମଣିଷଭଳି ବଂଚିବାର ସ୍ୱତନ୍ତ୍ର ଅଧିକାର ରହିଛି । ପ୍ରାଣୀମାନେ କେବଳ ମଣିଷମାନଙ୍କ ଅଧୀନରେ ନ ରହି ଏକ ସ୍ୱାଧୀନ ଜୀବନ ଅତିବାହିତ କରିବା ଉଚିତ । ଏହି ଇତର ପ୍ରାଣୀମାନଙ୍କୁ ଏକ ସ୍ୱତନ୍ତ୍ର ଭାବରେ ଗଳ୍ପରେ ସ୍ଥାନ ଦେଇଛନ୍ତି ଶ୍ରୀ କୃପାସାଗର ସାହୁ । ତାଙ୍କର ଅନେକ

ଗଳ୍ପରେ ମୁଖ୍ୟତଃ ବାଘ ଚରିତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । ଗାଳ୍ପିକ ଶ୍ରୀ ସାହୁଙ୍କ ଅନେକ ଗଳ୍ପ ମାନବେତର ଚରିତ୍ରକୁ ନେଇ ରଚିତ । କାରଣ ସେ ଛୋଟ ବେଳରୁ ଏହି ଇତର ପ୍ରାଣୀମାନଙ୍କ ସହିତ ପରିଚିତ । ପିଲାବେଳେ ତାଙ୍କ ଘରେ ଅନେକ ପଶୁପକ୍ଷୀ ପାଳିତ ହେଉଥିଲେ । ଯେପରି କୁକୁର, ମୟୂର ଓ ନେଉଳ ଆଦି ଏବଂ ତାଙ୍କ ଗାଁ'ଟି ହେଉଛି ଏକ ଜଙ୍ଗଲ ପରିବେଷ୍ଟିତ ପାହାଡ ତଳି ଗାଁ । ଯେଉଁଠି ଅନେକ ଜୀବଜନ୍ତୁଙ୍କୁ ସେ ଦେଖନ୍ତି ଛୋଟ ବେଳରୁ । ଏହି ଜୀବମାନେ ତାଙ୍କୁ ଅନେକ ପ୍ରଭାବିତ କରିଛନ୍ତି । ସେହି ଜୀବମାନଙ୍କ ଜୀବନର ଚିତ୍ର ଓ ଗତିବିଧିକୁ ଗଳ୍ପରେ ରୂପ ଦେବାରେ ଜଣେ ସିଦ୍ଧହସ୍ତ ସାଧକ ପାଲଟିଛନ୍ତି ଶ୍ରୀ ସାହୁ ।

'ନଈ ଆରପାରି' ଗଳ୍ପରେ ମାନବେତର ଚରିତ୍ର ଭାବେ ଦୁଇଟି ବଣିକୁ ଗ୍ରହଣ କରି, ଆଧୁନିକ ମଣିଷ, କର୍ମସଂସ୍ଥାନ ଉଦ୍ଦେଶ୍ୟରେ ସହରକୁ ଆସି ଫେରିପାରିନାହିଁ ଗାଁକୁ, ଛନ୍ଦି ହୋଇଯାଇଛି ତାର ଚାକଚକ୍ୟରେ ।  କୁହୁକିନିର ମାୟାଜାଲରେ ବନ୍ଦି ହୋଇଯାଇଛି ଗାଁରୁ ନୂଆ ନୂଆ ସହରକୁ ଯାଇଥିବା ମଣିଷଟି  । ସେହିଠାରେ ଗଢିଛି ପରିବାର । "ଯମୁନା ପାରିର ବଣ ଛାଡି ମୁଁ କୁତୂହଳବଶତଃ ମହାନଗରୀ ଭିତରକୁ ଚାଲିଆସିଥିଲି । କୌଣସି ଦୁର୍ବୃ ବାଳକର ପଥର ମାଡରେ ମୁଁ ଆହତ ହୋଇଥିଲି । ପାର୍କିଂ ସ୍ଥଳରୁ ଜଣେ ପିଏ ବାବୁ ମୋତେ ଉଠାଇ ନେଇ ମୋ ଗୋଡରେ . ପଟି ବାନ୍ଧିଥିଲେ । ପିଇବାକୁ ପାଣି ଏବଂ ଖାଇବାକୁ ଭାତ ଦେଇଥିଲେ । ଧୀରେଧୀରେ ମୁଁ ସୁସ୍ଥ ହେଲି । ତାଙ୍କରି ସ୍ନେହରେ ବାନ୍ଧିହୋଇ ରହିଗଲି  । ପ୍ରତିଦିନ ତାଙ୍କ ପାଖକୁ ଆସେ ଏବଂ କଥାବାର୍ତ୍ତା ହୁଏ । କିଛି ଦିନ ପରେ ମୁଁ ଏଇଠି ଜୀବନସାଥୀକୁ ଖୋଜିପାଇଲି । ତା ପରେ ଆମ ପରିବାରକୁ ଦୁଇଟି କୁନିକୁନି ପିଲା ଆସିଲେ । ପିଲାବଡ ହେଲେ । ଗଛବୃଛର ଶାଖାପତ୍ର ଛାଡି ଟେଲିଫୋନ ତାରେ ବସି ଦୋଳି ଖେଳିଲେ । କୋଠାର ତାଜା ଉପରେ ବସି ତଳେ ବେଗବାନ ଯାନବାହାନକୁ ଦେଖି ସମୟ କାଟିଲେ । x x x x ଆଉ ଯମୁନାକୂଳକୁ ବୁଲି ଯିବାକୁ ଡାକିଲେ ବି ସ୍ତ୍ରୀ ପିଲା କେହି ଯିବାକୁ ରାଜି ହେଲେନି ।" (କାହାଣୀ୨୦୦୫-,  କୃପାସାଗର ସାହୁଜନ୍ମ ଭୂଇଁକୁ ଫେରିବା ପାଇଁ  ( ମନବଳିଛି । ସେ ଭୁଲି ଯାଇଛି ମିଛ ମାୟା, ମିଛ ବନ୍ଧନକୁ । ଫେରିଆସିଛି ଯମୁନା କୂଳକୁ । ବସାବାନ୍ଧିଛି ଅର୍ଜୁନ ଗଛରେ ।

'ଅରଣ୍ୟର ଅଜଗାର' ଗଳ୍ପରେ ମାନବେତର ଚରିତ୍ର ଭାବରେ ଅଜଗରକୁ ଗ୍ରହଣକରି ଗାଳ୍ପିକ ତା ମାଧ୍ୟମରେ ଗୋଟିଏ ରାଜାର ଜୀବନ କାହାଣୀକୁ କହିବାକୁ ଚାହିଁଛନ୍ତି । "ଅଜଗରଟି ପ୍ରଥମେ ଜଙ୍ଗଲର ରାଜାଥିଲାବେଳେ କିପରି ଭାବରେ ଅନ୍ୟ ଜୀବମାନେ ତାକୁ ସମ୍ମାନ କରୁଥିଲେ । ଅଜଗର ଗସ୍ତରେ ବାହାରିଲେ ନାନାବିଧ ବୃକ୍ଷ ଶୀର୍ଷରୁ ନାନାରଙ୍ଗର ପୁଷ୍ପ ବୃଷ୍ଟି ହୁଏ । ମହାଦ୍ରୁମମାନେ ପତ୍ରର ଚାମର ଚଳାନ୍ତି । ବଣ କୁକୁଡା ହୋସିଆର ହୋସିଆର କହିକହି ଆଗେ ଆଗେ ଉଡୁଥାଏ । ଅରଣ୍ୟ ସାରା ଅଜଗରର ଜୟ ଜୟକାର ଶୁଭୁଥାଏ ।" (କାହାଣୀ୨୦୦୫-,  କୃପାସାଗର ସାହୁଧୀନତା ନାହିଁଅଜଗରର ସ୍ୱା । ଆଜି ସମୟ ବଦଳି ଯାଇଛି (, ନାହିଁ ମଧ୍ୟ ଜଙ୍ଗଲର ସେହି ପ୍ରାଣପ୍ରଚୁର୍ଯ୍ୟମୟ ଜୀବନ । ଆଜି ସେ ବନ୍ଦି ହୋଇ ଜୀବନ ବିତାଇଛି । ବାହାରିପାରୁନି ବନ୍ଦିଶାଳା ରୂପକ ତାରଜାଲ ଘେରା ନନ୍ଦନକାନନରୁ । ପ୍ରାର୍ଥନା କରିଚାଲିଛି ଅରଣ୍ୟକୁ, ଏ ଚକ୍ରବ୍ୟୁହରୁ ମୋତେ ଉଦ୍ଧାରକର । ମୋତେ ମୁକ୍ତିଦିଅ, ମୁକ୍ତି ନ ଦେଇପାରିଲେ ମୃତ୍ୟୁ ଦିଅ ।

'ଚିକେନ ଫ୍ଲୁ' ଗଳ୍ପରେ କୁକୁରକୁ ମାନବେତର ଚରିତ୍ର ଭାବରେ ଗ୍ରହଣକରି ତାର ବିଶ୍ୱାସୀ ପଣିଆକୁ ଦେଖାଇଛନ୍ତ । ହଙ୍ଗକଙ୍ଗରେ ମାତିଥିବା ଚିକେନ୍ ଫ୍ଲୁ ଯେଉଥିରେ ଆକ୍ରାନ୍ତ ହୋଇଥିଲେ କୁକୁଡାମାନେ । ଜୁଆଙ୍ଗଙ୍କ ଘରୁ ସରକାରି କର୍ମଚାରୀମାନେ କୁକୁଡାମାନଙ୍କୁ ନେବାକୁ ଆସିଛନ୍ତି ତାଙ୍କ ପାଳିତ କୁକୁର ଟିନ୍ଟିନ୍ ଭୁକିଛି ଏବଂ ସରକାରି କର୍ମଚାରୀମାନଙ୍କ ଉପରକୁ ଆକ୍ରମଣ କରିଛି । ସରକାରୀ କର୍ମଚାରିମାନେ ତା ଉପରକୁ ଗୁଳିମାଡ଼ କରିଛନ୍ତି

। ଆହତ ହୋଇଛି ଟିନଟିନ । ରାତରେ ଟିନଟିନ ସ୍ୱାସ୍ଥ୍ୟ ଅଧିକ ଧରାପ ହେବାରୁ ଜୁଆଙ୍ଗ ନେଇଛନ୍ତି ତାକୁ ଡାକ୍ତରଙ୍କ ପାଖକୁ । ଡାକ୍ତର ପରୀକ୍ଷାକରି କହିଛନ୍ତି ଟିନଟିନକୁ ଚିକେନ ଫ୍ଲୁ ହୋଇଛି ବୋଲି ତାଙ୍କ ପାଖରୁ ଦୁରେଇ ରଖିଛନ୍ତି ଟିନଟିନକୁ । ଏହି କଥାକୁ ବିଶ୍ୱାସ କରିପାରିନାହାନ୍ତି ଜୁଆଙ୍ଗ । ଜୁଆନ ଡାକ୍ତରଙ୍କୁ ଧିକାର କରି ମନେମନେ ଗାଳିଦେଇ ଘରକୁ ଫେରିଛନ୍ତି । "ଭାରି ଡାକ୍ତର ହୋଇଛନ୍ତି, ଗୋଡ଼ରେ ଗୁଳି ବାଜିଛି, କହିଲେ ଚିକେନ୍ ଫ୍ଲୁ ହୋଇଛି । ଟିନଟିନ ଭଳି ବିଶ୍ୱସ୍ତ ପ୍ରାଣୀ ଜୁଆନ ଏଯାଏ ଦେଖିନି । ତେଣୁ ତାକୁ ଦୂରେଇ ଦେବା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିଲାନି । ଖାଇବା ପାଇଁ ଇଛା ହେଲାନି କି ନିଦ ବି ହେଲାନି ।" (କାହାଣୀ୨୦୦୫-, କୃପାସାଗର ସାହୁ (

'ପଶୁ ଡାକ୍ତର' ଗଳ୍ପରେ ଗୃହପାଳିତ ପଶୁମାନଙ୍କପ୍ରତି ରହିଥିବା ଭଲପାଇବା ଓ ଦରଦ ଦେଖାଦେଇଛି ସଦେଇଠାରେ । ଘରେ କେହି ନଥିବାବେଳେ ବାଛୁରୀଟିର ଦାୟିତ୍ୱ ନେଇଛି ସଦେଇ । "ରୋଷେଇ ଘରେ ବାସି ପଖାଳ ଖାଇଲା ବେଳକୁ ଚାନ୍ଦର ହମ୍ବା ରଡି ବେକଳରୁ ବିକଳତର ହୋଇ ଶୁଭିଲା । ଏବେ ସଦେଇର ଭାଲେଣି ପଡିଲା । ଏତିକି ବେଳକୁ ସେ ପୁରା ଏକୁଟିଆ । ପାଖରେ କେହି ସାହା ଭରସା ନାହାଁନ୍ତି । କଣ କରିବ ସେ ସ୍ଥିର କିରିପାରୁ ନଥିଲା ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁଚାନ୍ଦ କାହିଁ ରଡିଛାଡୁଛି ବୋଲି ସଦେଇ ( ପଚାରିଛି ନାଥ ଗଉଡକୁ । ସେ କହିଛି ତା ଦେହଭଲନାହିଁ । ତେଣୁ ସେ ଦଉଡିଛି ଡାକ୍ତରଙ୍କ ପାଖକୁ, ଡାକ୍ତର ଔଷଧ ଦେଇଥିଲେ ବି ବାଛୁରିଟି ତାକୁ ଛାଡିନାହିଁ ପୁଣି ସଦେଇ ଯାଇଛି ଡାକ୍ତର ପାଖକୁ । ସଦେଇ ଜେଜିମା ଫେରିବାପରେ ଜାଣିପାରିଛି ଯେ ବାଛୁରୀଟି ବୟଂପ୍ରାପ୍ତି ହୋଇଛି । ତେଣୁ ସେ ରଡିଛାଡି ତା ପୁରୁଷ ସାଥୀକୁ ଖୋଜୁଛି । "ବର୍ଷ ବର୍ଷର ପାକଳ ଅଭିଜ୍ଞତାରେ ଶାଣିତ ଜେଜମାର ଆଖିକୁ ଚାନ୍ଦର ରୋଗର ଲକ୍ଷଣ ଧରା ପଡି ଯାଇଥିଲା ଏବଂ ସେ ସୂଚେଇ ଦେଲା ଚାନ୍ଦ ଗରମ ହୋଇଚି ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁମଣିଷମା (ନଙ୍କର ପଶୁମାନଙ୍କ ପ୍ରତି ରହିଥିବା ଭଲପାଇବାକୁ ନିଖୁଣ ଭାବରେ ପରିବେଶଣ କରଛନ୍ତି ଶ୍ରୀ ସାହୁ ଏହି ଗଳ୍ପରେ ।

'ହାତୀ ସହ ହାତାହାତି' ଗଳ୍ପରେ ମାନବେତର ଚରିତ୍ର ହାତୀ ମାନଙ୍କର କରୁଣ କାହାଣୀକୁ ଦେଖାଇଛନ୍ତି । ରାଜା ବାହାରିଛନ୍ତି ହାତୀ ଶିକାର କରିବାକୁ । ହାତୀ ଶିକାର ପାଇଁ ବିଭିନ୍ନ ଆୟୋଜନ କରାଯାଇଛି । ରାଜା ଆସି ପହଂଚିଛନ୍ତି । ହାତୀ ଶିକାର ଆରମ୍ଭ ହୋଇଯାଇଛି । ଖେଦାରେ ପଡି ଯାଇଛନ୍ତି ହାତୀ । କିନ୍ତୁ ସେଥିରୁ ର୍ବୀ ଯାଇଛି ହାତୀମାନଙ୍କ ଦଳପତି ଦନ୍ତା ସେ ନିଜେ ନିଜକୁ ଦୋଷି କରିଛି କାରଣ ଦଳପତି ହୋଇବି ବଂଚାଇପାରିଲାନି ସେମାନଙ୍କୁ । କିନ୍ତୁ ସେ ସେମାନଙ୍କୁ ଛାଡି ଯାଇନାହିଁ । ଧିକାର କରିଛି ମଣିଷ ସମାଜକୁ । "ଆକାଶରେ ପୂର୍ଣ୍ଣମୀର ଜହ୍ନ ହସୁଥିଲା । ତିଳ ତଣ୍ଡୁଳିତ ଜ୍ୟୋସ୍ନା । ଏମିତି ଜହ୍ନ ରାତରେ ସେମାନେ କୋଶକୋଶ ଧରି ଚାଲନ୍ତି । କ୍ଲାନ୍ତି ଲାଗେନା । ଆଜିର ଏ ଜହ୍ନରାତି ଦନ୍ତାକୁ ଦୁର୍ବିସହ ବୋଧ ହୋଇଥିଲା । ଜହ୍ନ ରାତିର ଶୀତଳତା, ବାଉଁଶ ବଣରେ ପବନର ସନସନ ଶବ୍ଦ, ରାତ୍ରିଚର ପକ୍ଷୀଙ୍କ କଳ କୂଜନ ତା ମନରେ ଶାନ୍ତି ଦେବା ପରିର୍ବେ ଅନେକ ଅଶୁଭ ଚିନ୍ତାର ଉଦ୍ରେକ କରୁଥିଲା । ମଣିଷମାନଙ୍କ ବିରୁଦ୍ଧରେ ତା'ର ମନ ବିଦ୍ରୋହ କରି ଉଠୁଥିଲା ଆମେ ସବୁ ଜଙ୍ଗଲର ଜୀବ -। ତମେ କିଆଁ ଆମକୁ ଧରିବ ମାରିବ, ବେଠି କରେଇବ । ପାହାଡ଼, ଜଂଗଲ କାଟିଲ, ଆମ ଖୋରାକ କମିଲା ବୋଲି ସିନା ଆମେ ବିଲକୁ ଗଡିଲୁ । ନହେଲେ ତମେ କିଏ ଅମେ କିଏ ?" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ (

'ମଣିଷ ଖିଆ ବାଘ' ଗଳ୍ପରେ ବାଘକୁ ମାନବେତର ଚରିତ୍ରଭାବରେ ଗ୍ରହଣକରି ଏହି ଗଳ୍ପଟି ରଚିତ ହୋଇଛି । ଦାରୁଠେଙ୍ଗା ଗାଁରେ ଗାଈଜଗିବାକୁ ଯାଇଥିବା ଦାସିଆକୁ ବାଘମାରି ଦେଇଛି । ଗ୍ରାମ ଲୋକମାନେ ନନ୍ଦନକାନନରେ ଅଭିଯୋଗ କରିଛନ୍ତି ଯେ ନନ୍ଦନକାନନରୁ ବାଘ ଖସିଯାଇ ମଣିଷ ଖାଉଛି ବୋଲି । ନନ୍ଦନକାନନରେ ଦେଖା ଦେଇଛି ବାଘୁଣୀ ଖୁଆଡ ଭିତରେ ଏକ ବାଘକୁ । ଯିଏ ବାରମ୍ବାର ତାର ଜାଲି ଡେଇଁ ଖୁଆଡ ଭିତରକୁ ପଶୁଥିଲା । ବାରମ୍ବାର ତାହାର ଆଗମନରୁ କର୍ମଚାରୀମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ବାଘୁଣୀର ଆକର୍ଷଣ ତାକୁ ଖୁଆଡ

ଭିତରକୁ ଟାଣି ଆଣୁଛି ବୋଲି । "ତା' ଦିହରେ ଭରା ଜବାନୀ । ତା ଆଖିରେ ସାଥୀଟିଏ ପାଇବାର ନିଶା । ତେଣୁ ତିନିଦିନ ପରେ ପୁଣି ଆସିଲା । ଏଥର ତାରବାଡ ନିବୁଜ ଥିବାରୁ ସେ କୁଦାମାରି ଆସିଥିଲା । x x x x ପରଦିନ ସକାଳେ ସେ ଖୁଆଡ ଭିତରେ ଅଝଟିଆ ପିଲାପରି ଗଡୁଥିଲା ବାବୁମାନେ ତା ପାଖକୁ ତାରକୁ ଛାଡି ଦେଲେ ତାର ପାଗଳାମି ଠିକ ହୋଇଯିବ ବୋଲି ଭାବି ତାରାର ଖୁଆଡର ରାସ୍ତା ଖୋଲିଦେଲେ । ତାରା ଆସି ତାର ଦିହସାରା ଚାଟି ପାକାଉଥାଏ । ତା ଦିହରେ ଗୁଡେଇ ତୁଡେଇ ହୋଇ ଖେଳିବାକୁ ଚାହୁଁଥାଏ ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ(

'ମୃଗୁଣୀ ସ୍ମୃତି' ଗଳ୍ପରେ ଅନେକ ମାନବେତର ଚରିତ୍ରଙ୍କୁ ଦେଖିବାକୁମିଳେ । ଗାଳ୍ପିକ କାହ୍ନା ଅଭୟାରଣ୍ୟ ବୁଲିବାକୁ ଯାଇଛନ୍ତି । ଲଙ୍ଗୁର ଚରିତ୍ରର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି । ଲଙ୍ଗୁର ହେଉଛି ବଣର ଚୌକିଦାର । କୋଣସି ବିପଦ ଆସିଲେ ଲଙ୍ଗୁର ଗଛ ଡାଳକୁ ଝୁଣି ପକାଇ କୁହାଟ ପରେ କୁହାଟ ଛାଡିଥାଏ । ବଣର ଭାଇମାନଙ୍କୁ ଜଣାଇଦିଏ ସତର୍କ ହୋଇଯାଅ ଭାଇମାନେ ବିପଦ ଆସିଗଲା । "ଏହି ସମୟରେ ଗୋଟିଏ ଉଂଚ ଗଛ ଉପରୁ ଏକ ଲଙ୍ଗରର ହୁଂକାର ଶୁଭିଲା । ଜିମ କର୍ବେଟଙ୍କ ମ୍ୟାନ୍ ଉଟରସ ଅଫ କୁମାଓଁ ବହିରେ ପଢିଥିଲେ ଯେ ଏହି ଶାଖାମୃଗମାନେ ବଣର ଆତ୍ମନିଯୁକ୍ତ ଚୌକିଦାର । ସେମାନେ ଗଛ ପଉରେ ଥାଇ ହିଂସ୍ର ଜନ୍ତୁମାନଙ୍କ- ଗତିବିଧି ଉପରେ ତୀକ୍ଷଣ ନଜର ରଖିଥାନ୍ତି ଏବଂ ବିପଦର ସୂଚନା ମିଳିଲେ ତାଙ୍କ ଭାଷାରେ ସତର୍କ ଘି ବଜାନ୍ତି । ଗାଇଡ କହିଲା ସମସ୍ତେ ଚୁପ ହୋଇ ବସନ୍ତୁ । ମୋର ଅନୁମାନ ବୋଧେ ସତ । ଲଂଗୁରର ଦୃଷ୍ଟି ମହାବଳ ଉପରେ ପଡିଲାଣି ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁଏହି ଗଳ୍ପରେ ମା ମୃଗୁଣୀର ତା ଶାବକପ୍ରତି ଭଲ (ପାଇବାକୁ ଦେଖାଇ ଗାଳ୍ପିକ ଲେଖିଛନ୍ତି "ମୃଗୁଣୀ ଜାଣିଥିଲା ତାର ଶାବକର ପାଦ ଗୋଡ ଏ ଯାଏ ଶକ୍ତ ହୋଇନି । ତା ସହ ତାଳ ଦେଇ ସେ ଆତ୍ମରକ୍ଷା ପାଇଁ ଦୌଡି ପାରିବନି । ହିଂସ୍ର ଜନ୍ତୁମାନଙ୍କର ପ୍ରଥମ ଲକ୍ଷ୍ୟ ଏହି ଦୁର୍ବଳ ଶାବକମାନେ । ତେଣୁ ସେ ଫେରିଆସି ଚାଟି ପାକାଇଲା ତା'ର ଶାବକଟିର ମୁହଁ ଓ ଦେହକୁ । ତା ଭାଷାରେ ସେ ବୋଧେ କିଛି ବୁଝାଉଥିଲା ତାକୁ ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁ(

'ଯୁଦ୍ଧ ଓ ଶାନ୍ତି' ଗଳ୍ପରେ କାଳିଆ ଓ କଷରା ଦୁଇଟି କୁକୁରକୁ ମାନବେତର ଚରିତ୍ର ଭାବରେ ଗ୍ରହଣ କରି ଗାଳ୍ପିକ ରଚନା କରିଛନ୍ତି । କାଳିଆ ଓ କଷରା ସବୁବେଳେ ନିଜନିଜ ଭିତରେ ଗଣ୍ଡୋଗଳ କରିଛନ୍ତି । ଯାହାଦ୍ୱାରା ଗାଳ୍ପିକ ଦେଖାଇବାକୁ ଚାହିଁଛନ୍ତି ଏ ଦୁନିଆରେ ସବୁବେଳେ କଳିଗୋଳ ଲାଗି ରହିଛି। । ଯାହାର କେବେ ଶେଷ ନାହିଁ, କି ଶାନ୍ତି ନାହିଁ । ପରାଜିତର ଉପରେ ବିଜିତର ଉପରେ ସାର୍ବଭୌମତ୍ୱ ହିଁ ଶାନ୍ତିର ବାହାକ ହୋଇପାରେ ଲେଖକ ଲେଖିଛନ୍ତି -"ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବୋମାରେ ବିଧ୍ୱସ୍ତ ହେବା ପରେ ଯାଇ ଜାପାନ ଆତ୍ମସମର୍ପଣ କଲା ଓ ଯୁଦ୍ଧ ବନ୍ଦ ହେଲା । ପ୍ରାଣୀ ଜଗତରେ ମଧ ଏହି ନିୟମ ପ୍ରଚଳିତ । ଯେଉଁ କୁକୁର ହାରିବ, ସେ ମଇଦାନ ତ୍ୟାଗ କରି ପଳାୟନ କରିବ ନତୁବା ଗୋଡ ଟେକି କାଏଁ କାଏଁ ରଡି କରିବ ମୋତେ ଛାଡିଦିଅ । ମୁଁ ତମର ଦାସାନୁ ଦାସ ହୋଇ ରହିଲି ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁପଶୁ ସୁଲଭ ମାନବିକତାକୁ ଦେଖିବାକୁ ମିଳିଛି । ସେ ଦିନ ଚିର (ଶତ୍ରୁ କାଳିଆକୁ କାମୁଡିବାକୁ କସରା ମାଡିଆସିଥିଲେ ମଧ ଅଟକିଯାଇଥିଲା । "କଷରା ଗାଡି ସଡନ ବ୍ରେକ ଦେଲାପରି ଠିଆ ହୋଇ ଚିନ୍ତା କଲା ଏ କଣ ? କାଳିଆ ମୁହଁ ତଳକୁକରି କ'ଣ କରୁଛି ? ସାଧୁସନ୍ଥ ବନି ଜପାମାଳି ଧରି ବସିଚି ନା କଣ? କୁଆଡେ ଗଲା ତାର ଉଗ୍ରରୂପ । କଷରା ଦୌଡି ଆସିଲା ତା ମାଲିକ ପାଖକୁ ଓ ଡାକିନେଲା କାଳିଆ ପାଖକୁ । କାଳିଆ ଗୋଡରୁ ରକ୍ତ ବୋହୁଥିଲା । କାଳିଆର ଗୋଡ ଉପରେ ଗାଡି ଚଢିଯାଇଥିଲା । ମୋତେ ଦେଖି କାଳିଆ ଶୋଇବା ଜାଗାରୁ ଉଠିବାକୁ ଚେଷ୍ଟା କରୁଥିଲା । ଲଥ କରି ଖସିପଡିଲା । ମୋ ଆଡେ ସଜଳ ଚକ୍ଷୁରେ ଅନାଇ ବୋଧ ସେ ଅନୁନୟ କରୁଥିଲା । ମୋତେ ତଡିଦିଅନା । ମୋ ଗୋଡରେ ଗାଡି ଚଢିଯାଇଛି ।" (ପକ୍ଷୀ ଜନ୍ତୁରୁ ପାରିକର,

କୃପାସାଗର ସାହୁଭାଲୁ ବାହାଦୁର ଗଳ୍ପରେ ବାହାଦୁର କୁକୁର ଭାଲୁର କଥା କୁହାଯାଇଛି । ଖବରକାଗଜରେ ( ବାହାରିଛି ଭାଲୁର ବାହାଦୁରି ପଣିଆର ବିବରଣୀ ଭାଲୁ ବାହାଦୂର ଶୀର୍ଷକରେ । ଘରେ ସରସ୍ୱତୀ ପୂଜା ହେଉଥିବା ଥିବାବେଳେ ଘରେ ପସିବାକୁ ଚେଷ୍ଟା କରୁଥିବା ନାଗସାପକୁ ରୋକିଥିଲା ଭାଲୁ ବେଳେ ସମସ୍ତେ ଭୋଜିଭାତରେ ବ୍ୟସ୍ତ ।"ନାଗସାପକୁ ଘର ଉପରକୁ ବଢିବାର ଦେଖି ଭାଲୁ ଆଉଟହାଉସ ସିଡି ଦେଇ ଉପରକୁ ଚଢିଲା । ଛାତ ଉପରେ ଦୁହେଁ ଭେଟାଭେଟି ହୋଇଗଲେ । ସାପଟି ଲାଞ୍ଜ ଉପରେ ଠିଆ ହୋଇ ଫଣାଟେକି ଫୁତକାର ଛାଡୁଥାଏ । ଭାଲୁ ପଛଗୋଡରେ ଠିଆ ହୋଇ ଆଗ ଦୁଇଗୋଡ ମେଲାଇ ଭୁକୁଥାଏ । କେହି ପଛକୁ ହଟୁନଥାନ୍ତି ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁ( ସ୍ନେକ ହେଲପଲାଇନ ର ଅର୍ଦ୍ଧେନ୍ଦୁ ମଲ୍ଲିକଙ୍କୁ ଫୋନ କଲାପରେ ସେ ସାପଟିକୁ ଧରିଥିଲେ । କୁକୁର ଭାଲୁର ସାହସିକତା ଯୋଗୁ ସେଦିନ ଲୋକମାନଙ୍କ ଜୀବନ ବôଁ ଯାଇଥିଲା । ଏହି ଗଳ୍ପରେ ଦେଖିବାକୁ ମିଳିଛି କୁକର ମଧ୍ୟରେ ମାନବସୁଲଭ ଚିନ୍ତାଧାରା । ପ୍ରତିଦିନ କାମୁଡାକାମୁଡି ହେଉଥିଲେ ମଧ୍ୟ ବିପଦରେ ସମୟରେ ଜଣେ ଜଣକୁ ସାହାର୍ଯ୍ୟ କରିଛନ୍ତି । "କାଳିଆ ବେକରୁ ଏବଂ ପିଠିରୁ ଚମଡା ଛେଲି ହୋଇ ରକ୍ତ ଝରୁଥିଲା । ସେ ଗ୍ୟାରେଜ ଭିତରେ ପଶି ଚିକôାର କରୁଥିଲା । ଏତିକିବେଳେ ମୁଁ ଦେଖିଲି ଏକ ଅଭାବିତ ଦୃଶ୍ୟ । ତା ସହିତ ନିତି ପ୍ରତି ଝଗଡା କରୁଥିବା ବଳିଆ ତାର କ୍ଷତସ୍ଥାନକୁ ଚାଟିପକାଇ କୁଁ କୁଁ ଶବ୍ଦ କରି ବୋଧେ ସମବେଦନାର ଭାଷା ଶୁଣାଉଥିଲା । ମନୁଷ୍ୟେତର ପ୍ରାଣୀଙ୍କର ଏଇ ଗୁଣଗ୍ରାମ ମୋତେ ଆକର୍ଷଣ କରେ । କ୍ଷଣିକରେ ସେମାନେ ରାଗ, ଅଭିମାନ ଭୁଲିଯାନ୍ତି । ପୁଣି ବନ୍ଧୁତାର ହାତ ବଢାଇ ଦିଅନ୍ତି । ମନୁଷ୍ୟଙ୍କ ପରି ଈର୍ଷା, ଅସୂୟା, ମାନ ଅଭିମାନକୁ ମନ ଭିତରେ ଗଣ୍ଠିଧନ ପରି ବାନ୍ଧି ରଖନ୍ତି ନାହିଁ ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁମଣିଷମାନଙ୍କ (ର ମଣିଷମାନଙ୍କ ପ୍ରତି ଈର୍ଷା ନକରି ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ସମସ୍ତେ ସମସ୍ତଙ୍କ ସୁଖରେ ଦୁଃଖରେ ଛିଡା ହେବା କଥା ଦେଖାଇଛନ୍ତି ଗାଳ୍ପିକ । ଏହି ମାନବେତର ଚରିତ୍ର ଦୁଇଟି କୁକୁର ମାଧ୍ୟମରେ ।

ଗାଳ୍ପିକ ଶ୍ରୀ କୃପାସାଗର ସାହୁଙ୍କ ମାନବେତର ଚରିତ୍ରମାନେ ମାନବିକ ସମ୍ବେଦନାରେ ପରିପୂର୍ଣ୍ଣ । ଏମାନଙ୍କ ଠାରେ ମାନବସୁଲଭ ଗୁଣକୁ ଦେଖାଇଛନ୍ତି ଗାଳ୍ପିକ । ଏମାନେ କଥାକହି ନପାରୁଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପ ଗୁଡିକରୁ ଜଣାଯାଏ ସେମାନେ ଆଦୌ ଇତର ନୁହନ୍ତି । ମାନବେତର ଚିତ୍ର ମାନଙ୍କରେ ମହନୀୟତାକୁ ସହୃଦୟ ସହକାରେ ଗାଳ୍ପିକ ଅନୁଭବ କରିଗଳ୍ପରେ ଉପସ୍ଥାପନ କରିଛନ୍ତି, ତାହା ଅନନ୍ୟ ସାଧାରଣ ।

•

# ଅ' ପ୍ରକାଶନ

ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ
ମ. ରାମପୁର, କଳାହାଣ୍ଡି, ୭୬୬୧୦୨
ମୋ – ୭୩୨୮୦୦୧୫୭୫ , apatrika02@gmail.com